Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 229
Tuesday, 27 October 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୨୭ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବାତ୍ୟା ଅର୍ଣ୍ଣବ : ଆନ୍ଧ୍ରରେ ହେବ ମାଡ଼, ଓଡ଼ିଶାରେ ଡର

ଭୁବନେଶ୍ୱର, ୨୬/୧୦ (ଆ.ପ୍ର) : ବଙ୍ଗୋପସାଗରରେ ବଢୁଛି ବାତ୍ୟାର ବଳ । ଆଉ ଘନଉଛି ବିପଦର କଳାବାଦଲ । ବାତ୍ୟା ଅର୍ଣ୍ଣବର ଦେଖାଗଲାଣି ଆଖି । କ୍ରମଶଃ ଘନୀଭୂତ ହୋଇ ଏହା ଅତି ଭୀଷଣ ବାତ୍ୟାର ରୂପ ନେବାକୁ ଯାଉଛି । ପଶ୍ଚିମ ଦିଗକୁ ଗତି କରୁଛି ସାମୁଦ୍ରିକ ଝଡ଼ । ଘଂଟାପ୍ରତି ବେଗ ୧୩ କିଲୋମିଟର । ଗୋପାଳପୁରଠାରୁ ପ୍ରାୟ ୫ଶହ କିଲୋମିଟର । ବିଶାଖାପାଟଣାଠାରୁ ପ୍ରାୟ ୫୨୦ କିଲୋମିଟର ଦୂରରେ ରହିଛି ଭୀଷଣ ବାତ୍ୟା । ପାଣିପାଗ ବିଭାଗର ଆକଳନ ଅନୁସାରେ, ୨୮ ତାରିଖ ପୂର୍ବାହ୍ନରେ ବାପଟ୍ଲା ଓ ବିଶାଖାପାଟଣା ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିପାରେ ଅର୍ଣ୍ଣବ । ଏହି ସମୟରେ ପବନର ବେଗ ଘଂଟାପ୍ରତି ୧୧୫ରୁ ୧୨୫ କିଲୋମିଟର ରହିପାରେ । ଝଟକା ପବନ ୧୪୦ କିଲୋମିଟର ଛୁଇଁବାର ଆଶଙ୍କା । ଆନ୍ଧ୍ର ଉପକୂଳରେ ବାତ୍ୟା ଲ୍ୟାଣ୍ଡଫଲ୍ କଲେ ବି ତା'ର ପ୍ରଭାବରୁ ମୁକ୍ତ ନୁହେଁ ଓଡ଼ିଶା । ବିଶେଷକରି ଦକ୍ଷିଣ ଓଡ଼ିଶାରେ ବଡ଼ ବର୍ଷା ଓ ପବନର ଆଶଙ୍କା ଥିବାରୁ ବଢ଼ିଛି ଚିନ୍ତା । ବାତ୍ୟାର ଗତିପଥ ଉପରେ ରହିଛି ତୀକ୍ଷ୍ଣ ନଜର । ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ଆକ୍ସନ୍ ମୋଡ୍‌ରେ ସରକାର । ବାତ୍ୟା ମୁକାବିଲାର ରଣନୀତି ନେଇ ମାନସମନ୍ଥନ । ମୁଖ୍ୟମନ୍ତ୍ରୀ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ବୈଠକରେ ପ୍ରସ୍ତୁତିର ସମୀକ୍ଷା ହୋଇଛି । ସବୁ ଜିଲ୍ଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ । ବିପଦ ଆସିଲେ ତୁରନ୍ତ ଉଦ୍ଧାର ପାଇଁ ମଇଦାନରେ ଉଦ୍ଧାରକାରୀ ଟିମ୍ ପ୍ରସ୍ତୁତ । ବର୍ତ୍ତମାନ ସୁଦ୍ଧା ୮ଟି ଘଉଡର ଟିମ୍ ସହ ୪୦ଟି ODRAF ଟିମ୍ ମୁତୟନ ହୋଇଛନ୍ତି । ବିପଦ ସମୟରେ ଲୋକଙ୍କୁ ସୁରକ୍ଷିତ ରଖିବାକୁ ୧୩୫ଟି ବାତ୍ୟା ଆଶ୍ରୟସ୍ଥଳୀ ସହ ୧୬୦୦ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି । ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ସହ ଗଞ୍ଜାମ ଓ ଗଜପତି ଜିଲ୍ଲା ଉପରେ ରହିଛି ନଜର । ଆବଶ୍ୟକ ପଡ଼ିଲେ ବିପଦସଂକୁଳ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ । ବାତ୍ୟା ଅର୍ଣ୍ଣବକୁ ନେଇ ସମୁଦ୍ରରେ ବଢ଼ିଲା ସତର୍କତା । ଓଡ଼ିଶାର ପ୍ରମୁଖ ଓ ଛୋଟ ବନ୍ଦରଗୁଡ଼ିକରେ ଜାରି ହୋଇଛି ବିପଦ ସଙ୍କେତ । ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବାକୁ ଜାରିହୋଇଛି ପରାମର୍ଶ ।

ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମୁଖ୍ୟ ସୂଚନା କମିଶନର

ଭୁବନେଶ୍ୱର, ୨୬/୧୦ (ଆ.ପ୍ର) : ରାଜ୍ୟପାଳ ହରିବାବୁ କମ୍ଭମପାଟି... ରାମଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ାଙ୍କ ନେତୃତ୍ୱରେ ଓଡ଼ିଶା ସୂଚନା ଆୟୋଗର ଏକ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଜ୍ୟପାଳଙ୍କୁ ଆୟୋଗର ଉପଲବ୍ଧି ବାବଦରେ ଅବଗତ କରାଯାଇଥିଲା । ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୧୮ ମାସ ମଧ୍ୟରେ ବିଚାରାଧୀନ ମାମଲା ସଂଖ୍ୟା ୨୨,୦୦୦ ରୁ ୫,୫୦୦ କୁ ହ୍ରାସ କରାଯାଇପାରିଛି । ଆୟୋଗ ଦେଶର ସର୍ବୋତ୍ତମ କାର୍ଯ୍ୟପଦ୍ଧତି ଅନୁସରଣ କରି ଶୁଣାଣି ଦିନ ହିଁ ସଂକ୍ଷିପ୍ତ ଆଦେଶନାମା ଜାରି କରିବାର ବ୍ୟବସ୍ଥା ଗ୍ରହଣ କରିଛି । ଏହା ବ୍ୟତୀତ, ଆବେଦନକାରୀଙ୍କ ସୁବିଧା ପାଇଁ ସମସ୍ତ ଶୁଣାଣି ଓଡ଼ିଆ ଭାଷାରେ କରାଯାଇଛି ବୋଲି କମିଶନର ଶ୍ରୀ ପରିଡ଼ା କହିଛନ୍ତି । ରାଜ୍ୟପାଳଙ୍କୁ ମୁଖ୍ୟ ସୂଚନା କମିଶନର ଶ୍ରୀ ପରିଡ଼ା ଜଣାଇଛନ୍ତି ଯେ, ଦୂରଦୂରାନ୍ତ ଅଂଚଳର ଆବେଦନକାରୀମାନଙ୍କୁ ନିଜ ମାମଲାର ବିଚାର ପାଇଁ ଭୁବନେଶ୍ୱର ଆସିବାକୁ ନ ପଡୁ, ସେଥିପାଇଁ ଆୟୋଗ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ଉପଲବ୍ଧ କରାଇଛି । ଏହା ସହିତ ଅନଲାଇନ୍ ମାଧ୍ୟମରେ ଆବେଦନ ଦାଖଲ କରିବା ଏବଂ ଚୂଡ଼ାନ୍ତ ଆଦେଶନାମାଗୁଡ଼ିକୁ ଡିଜିଟାଲ୍ ପଦ୍ଧତିରେ ଅପଲୋଡ୍ କରିବାର ସୁବିଧା ମଧ୍ୟ କରାଯାଇଛି । ପ୍ରାୟ ୩୦୦ ଆଇନ ଛାତ୍ରଛାତ୍ରୀ (ଲ' ଇଂଟର୍ଣ୍ଣ) ଙ୍କୁ ଆରଟିଆଇ ବା ସୂଚନା ଅଧିକାର ସମ୍ବନ୍ଧୀୟ ବିଷୟରେ ପ୍ରଶିକ୍ଷଣ ଓ ବ୍ୟାବହାରିକ ଅନୁଭୂତି ପ୍ରଦାନ କରାଯାଇଛି । ଆୟୋଗଙ୍କ ଆଦେଶ କାର୍ଯ୍ୟକାରୀ ହୋଇନଥିବା ମାମଲାଗୁଡ଼ିକ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଅନ୍ୟ ରାଜ୍ୟ ସୂଚନା କମିଶନର ଜଗନ୍ନାଥ ରଥ, ପ୍ରଣବିନ୍ଦୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ କଳ୍ପନା ପଟ୍ଟନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ ।

ମିଛ ବାତ୍ୟା ଖବର ପ୍ରଚାର କଲେ ଜେଲ୍ !

ଭୁବନେଶ୍ୱର, ୨୬/୧୦ (ଆ.ପ୍ର) : ମିଛ ବାତ୍ୟା ପୂର୍ବାନୁମାନ ପ୍ରଚାର କରି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କଲେ ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ । ସୋସିଆଲ ମିଡିଆ ଓ କିଛି ଗଣମାଧ୍ୟମରେ ଯାଂଚ ହୋଇନଥିବା ମିଛ, ବିଭ୍ରାନ୍ତିକର ଓ କଳ୍ପିତ ବାତ୍ୟା ପୂର୍ବାନୁମାନ ପ୍ରଚାରକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି । ଏଭଳି ଖବର ପ୍ରଚାର କରି ଲୋକଙ୍କୁ ଭୟଭୀତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇପାରିବ । ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଏନେଇ ପରାମର୍ଶ ଜାରି କରାଯାଇଛି । କିଛି ବ୍ୟକ୍ତି ଓ ସ୍ୱଘୋଷିତ ପାଣିପାଗ ବିଶେଷଜ୍ଞ ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ତଥ୍ୟ ବିନା ବାତ୍ୟାର ଗତିପଥ, ସ୍ଥଳଭାଗ ଛୁଇଁବା ସ୍ଥାନ ଓ ସମୟ ସହ ଏହାର ପ୍ରଭାବକୁ ନେଇ ମନଗଢ଼ା ତଥ୍ୟ ପ୍ରଚାର କରୁଛନ୍ତି । ଏଭଳି ଅପପ୍ରଚାର ଯୋଗୁଁ ସାଧାରଣ ଲୋକଙ୍କ ମଧ୍ୟରେ ଅଯଥା ଭୟ ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହ ବିଭିନ୍ନ କ୍ଷେତ୍ରରେ କ୍ଷତି ହେଉଛି । ବାତ୍ୟାକୁ ନେଇ ଭୁଲ ତଥ୍ୟ ପ୍ରଚାର ହେଲେ ଏହାର ପ୍ରଭାବ କେବଳ ସୋସିଆଲ ମିଡିଆରେ ସୀମିତ ରହେନାହିଁ । ଏହା ଲୋକଙ୍କ ଦୈନନ୍ଦିନ ଜୀବନ ଓ ଜୀବିକା ଉପରେ ମଧ୍ୟ ପ୍ରଭାବ ପକାଇପାରେ । ଏଭଳି ଅପପ୍ରଚାର ଯୋଗୁଁ ଚାଷୀମାନେ ଆତଙ୍କିତ ହୋଇ ଅପରିପକ୍ୱ ଫସଲ କାଟି କ୍ଷତି ସହୁଛନ୍ତି । ସେହିପରି ଲୋକଙ୍କ ମଧ୍ୟରେ ଆତଙ୍କିତ କିଣାକିଣି ବଢ଼ିବା ସହ ଅତ୍ୟାବଶ୍ୟକ ସାମଗ୍ରୀର କୃତ୍ରିମ ଅଭାବ ଓ ଦରବୃଦ୍ଧି ଭଳି ସ୍ଥିତି ସୃଷ୍ଟି ହୋଇପାରେ । ଏହାସହ ବିପର୍ଯ୍ୟୟ ମୁକାବିଲା ପାଇଁ ଚାଲିଥିବା ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ତେଣୁ ବାତ୍ୟା ସମ୍ପର୍କିତ କୌଣସି ତଥ୍ୟ ପ୍ରଚାର କିମ୍ବା ପ୍ରସାରଣ କରିବା ପୂର୍ବରୁ ତାହାର ସତ୍ୟତା ଯାଂଚ କରିବା ଜରୁରୀ । ମିଛ ଚେତାବନୀ ଓ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟରେ ବାଧା ସୃଷ୍ଟି କରିବା ଭଳି ମାମଲାରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୫୪ ଓ ଧାରା ୫୧ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇପାରିବ ବୋଲି ସତର୍କ କରାଯାଇଛି । ଆଇନର ଧାରା ୫୪ ଅନୁଯାୟୀ ମିଛ ବିପର୍ଯ୍ୟୟ ସତର୍କ ସୂଚନା ଦେଇ ଆତଙ୍କ ସୃଷ୍ଟି କରିବା ମାମଲାରେ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ କିମ୍ବା ଜରିମାନା ପ୍ରାବଧାନ ରହିଛି । ସେହିପରି ଧାରା ୫୧ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଜଡ଼ିତ ।

ଖଡ଼୍‌ଗେଙ୍କ ବୟାନକୁ ନେଇ ରାଜ୍ୟ ରାଜନୀତିରେ ତାତି

ଭୁବନେଶ୍ୱର, ୨୬/୧୦ (ଆ.ପ୍ର) : କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ଦେଇଥିବା ମନ୍ତବ୍ୟକୁ କେନ୍ଦ୍ର କରି ରାଜ୍ୟ ରାଜନୀତିରେ ବୟାନବାଜି ଚାଲିଛି । ଏହି ପ୍ରସଙ୍ଗରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କଡ଼ା ପ୍ରତିକ୍ରିୟା ରଖିଥିବା ବେଳେ କଂଗ୍ରେସ ପିସିସି ସଭାପତି ଭକ୍ତ ଦାସ ଖଡ଼୍‌ଗେଙ୍କ ମନ୍ତବ୍ୟକୁ ସମର୍ଥନ କରିଛନ୍ତି । ଅନ୍ୟପଟେ ବିଜେଡି ବିଧାୟକ ସାରଦା ଜେନା ମଧ୍ୟ ଏହି ପ୍ରସଙ୍ଗରେ ନିଜର ମତ ରଖିଛନ୍ତି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି, ରାଜନୀତିରେ ଆଦର୍ଶ, ବିଚାରଧାରା ଓ ମର୍ଯ୍ୟାଦାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ, କିନ୍ତୁ ମତଭେଦ ଆଳରେ ନିଜର ମର୍ଯ୍ୟାଦା ଓ ରାଜନୈତିକ ଆଦର୍ଶକୁ ଉଲ୍ଲଂଘନ କରିବା ଉଚିତ ନୁହେଁ । ବିରୋଧୀ ଦଳ ଭାବେ କଂଗ୍ରେସ ନିଜର ଦାୟିତ୍ୱ ଓ ଭୂମିକାକୁ ଭୁଲିବା ଆବଶ୍ୟକ । ଦୀର୍ଘ ବର୍ଷ ଧରି ଦେଶରେ ଶାସନ କରିଥିବା, ଦଳ ପାଇଁ ବିରୋଧୀ ଦଳର ଭୂମିକା ନିର୍ବାହ କରିବା ଏକ ଭିନ୍ନ ଅନୁଭବ ହୋଇପାରେ । କଂଗ୍ରେସର ନିରାଶା ଓ ଅସନ୍ତୋଷ ବେଶିଦେଖାଯାଉଛି, ଯାହାର ପ୍ରଭାବ ରାଜନୈତିକ ବୟାନବାଜିରେ ପ୍ରତିଫଳିତ ହେଉଛି । ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ପ୍ରମୋଦ ମହାଜନଙ୍କ ଭଳି ନେତାମାନଙ୍କ ରାଜନୈତିକ ଯାତ୍ରାରୁ ଅନେକ କଥା ଶିଖିବାକୁ ମିଳେ । ରାଜନୀତିରେ ନିଜର ମତ ରଖିବା ସମୟରେ ଭାଷା ଓ ମର୍ଯ୍ୟାଦାର ସୀମା ଭିତରେ ରହିବା ଜରୁରୀ । ଜଣେ ଦାୟିତ୍ୱସମ୍ପନ୍ନ ରାଜନୈତିକ ନେତାଙ୍କଠାରୁ ରାଷ୍ଟ୍ରୀୟ ସ୍ୱାଭିମାନ ଓ ଦାୟିତ୍ୱପୂର୍ଣ୍ଣ ବକ୍ତବ୍ୟ ଆଶା କରାଯାଏ । ମର୍ଯ୍ୟାଦାର ସୀମା ଉଲ୍ଲଂଘନ କରି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ । ଏଭଳି ବକ୍ତବ୍ୟକୁ ନିନ୍ଦା କରାଯିବା ଉଚିତ । ଶେଷରେ ଜନସାଧାରଣ ହିଁ ଏଭଳି ରାଜନୈତିକ ଆଚରଣର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି । କଂଗ୍ରେସ ପିସିସି ସଭାପତି ଭକ୍ତ ଦାସ କହିଛନ୍ତି ଯେ, ଯୁଗେ ଯୁଗେ ପରିବର୍ତ୍ତନ ଅବଶ୍ୟମ୍ଭାବୀ । ମହାଭାରତରେ ଶ୍ରୀକୃଷ୍ଣ କହିଛନ୍ତି ଚେଞ୍ଜ ଇଜ ଇନଭିଟେବଲ, ଇଟ ହାଜ ଟୁ ହାପେନ । ମୋଦି ପରିବର୍ତ୍ତନ ନ ନିଶ୍ଚିତ ହେବେ । ବିଜେପି କହୁଛି ମୋଦି ଆଉ ଦୁଇ ଶହ ବର୍ଷ ରହିବେ । ଖଡ଼୍‌ଗେଙ୍କ କହିବାର କଥା ଥିଲା, ପରିବର୍ତ୍ତନ ଯୁଗେ ଯୁଗେ ହୋଇଛି । ମୋଦି ମଧ୍ୟ ପରିବର୍ତ୍ତନ ହେବେ, ସେମାନେ ଶାଶ୍ୱତ ଜାଣିନାହାନ୍ତି । ରାମାୟଣ, ମହାଭାରତ ସବୁଥିରେ ପରିବର୍ତ୍ତନ ହୋଇଛି । ପରିବର୍ତ୍ତନ ସରକାରରେ ହୋଇଛି । ନିଜେ ସରକାରକୁ ଆସିଲ ପରିବର୍ତ୍ତନ ହୋଇକି ଆସିଲ ଆଉ ତୁମେ କେମିତି ପରିବର୍ତ୍ତନ ହେବ ନାହିଁ । ମହାଭାରତରେ ଶ୍ରୀକୃଷ୍ଣ କହିଛନ୍ତି ଚେଞ୍ଜ ଇଜ ଇନଭିଟେବଲ, ଇଟ ହାଜ ଟୁ ହାପେନ... । ସେହିଭଳି ବିଜେଡି ବିଧାୟକ ସାରଦା ଜେନା କହିଛନ୍ତି ଯେ, ଖଡ଼୍‌ଗେଙ୍କ ବୟାନକୁ ନେଇ ବଡ଼ ଦେଖାଯିବା ସ୍ୱାଭାବିକ । ଖଡ଼୍‌ଗେ ମୋଦିଙ୍କ ସମ କକ୍ଷ । ସେ କଂଗ୍ରେସ ସଂଗଠନକୁ ଆକଳନ କରି କହିଥିବେ । ବିଜେପି ଦେଶ ଓ ଓଡ଼ିଶାରୁ ଯେତେ ଶୀଘ୍ର ଯିବ ସମସ୍ତଙ୍କ ପାଇଁ ହିତ ।

ରାଜ୍ୟରେ ଆଇନଶୃଙ୍ଖଳାକୁ ନେଇ କେନ୍ଦ୍ରର ଉଦ୍‌ବେଗ

ଭୁବନେଶ୍ୱର, ୨୬/୧୦ (ଆ.ପ୍ର) : ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା । କେନ୍ଦ୍ର ଗୃହ ମନ୍ତ୍ରାଳୟର ଉଦ୍‌ବେଗ । ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ । କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ କରାଯାଇଥିବା ଏହି ଚିଠି କହୁଛି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି କେମିତି ଅଛି । ଚିଠିରେ ରାଜ୍ୟରେ ବିଗୁଡ଼ୁଥିବା ଆଇନ ଶୃଙ୍ଖଳା ପରିସ୍ଥିତି, ପୁଲିସ ହାଜତରେ ହେଉଥିବା ହିଂସା, ଭିଡ଼ ହିଂସା, ପୁଲିସର କ୍ଷମତା ଅପବ୍ୟବହାର ଭଳି ମାମଲାକୁ ନେଇ ଚିନ୍ତା ପ୍ରକାଶ କରିଛି ଗୃହ ମନ୍ତ୍ରାଳୟ । ବିଭିନ୍ନ ଅଭିଯୋଗକାରୀ ଓ ସଂସ୍ଥାମାନଙ୍କ ନିକଟରୁ ଅନେକ ଅଭିଯୋଗ ପାଇବା ପରେ ରାଜ୍ୟ ସରକାରଙ୍କୁ ଏସବୁ ମାମଲାର ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇ ଚିଠି ଲେଖିଛନ୍ତି କେନ୍ଦ୍ର । ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଦିନ ରାଜ୍ୟରେ ହତ୍ୟା, ମହିଳା ବିରୋଧୀ ହିଂସା, ଜଘନ୍ୟ ଅପରାଧ ଘଟଣା ବୃଦ୍ଧି ପାଉଛି । ଏପରି ସମୟରେ ଗୃହ ମନ୍ତ୍ରାଳୟର ଏହି ଚିଠି ଅଧିକ ଚିନ୍ତାକୁ ଦର୍ଶାଇ ପକାଇଛି । କେନ୍ଦ୍ର ପକ୍ଷରେ ମାନବାଧିକାର ଅଭିଯୋଗ ।

ରିପୋର୍ଟ ମାଗିଲେ ରାଜ୍ୟ ସରକାର । ଚାଲିଥିବାବେଳେ ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣା ହେଉ କି ଗଞ୍ଜାମର ଜଣେ ବ୍ୟବସାୟୀଙ୍କୁ ଅପହରଣ କରି ହତ୍ୟା ଘଟଣା । ଏଭଳି କିଛି ମାସ ଭିତରେ ରାଜ୍ୟରେ ଘଟିଥିବା ସମସ୍ତ ହିଂସାତ୍ମକ ମାମଲା, ଜଘନ୍ୟ ହତ୍ୟା, ମହିଳା ବିରୋଧୀ ହିଂସା, ହାଜତ ଭିତରେ ପୋଲିସର ହିଂସା ଓ କ୍ଷମତାର ଅପବ୍ୟବହାରର ମାନ ମାନ ତାଲିକା ଯୋଡ଼ି ରାଜ୍ୟ ସରକାରଙ୍କୁ ଚିଠି ଲେଖିଛି ଗୃହମନ୍ତ୍ରାଳୟ । ଏବେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପୁଲିସ ଡିଜିଙ୍କୁ ଏନେଇ ରିପୋର୍ଟ ତଲବ କରିଛନ୍ତି । କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସମସ୍ତ ଅଭିଯୋଗର ତାଲିକା ଉପରେ ତଥ୍ୟଭିତ୍ତିକ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗୋଟିଏ ପଟେ ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପୁଲିସ ଅଧିକାରୀ ନାହାନ୍ତି । ଅନ୍ୟପଟେ ବିଗିଡ଼ିବାରେ ଲାଗିଛି ଆଇନଶୃଙ୍ଖଳା ପରିସ୍ଥିତି । ସେପଟେ ସୁପ୍ରିମକୋର୍ଟରେ ଡିଜିପି ଚୟନ ମାମଲା ପଡ଼ି ରହିଥିବାରୁ ରାଜ୍ୟରେ ପୂର୍ଣ୍ଣକାଳୀନ ଡିଜିପି ମଧ୍ୟ ନିଯୁକ୍ତ ହୋଇପାରୁନାହାନ୍ତି । ଆଉ ଏସବୁ ଭିତରେ କେନ୍ଦ୍ର ଗୃହ ବିଭାଗ ଏଭଳି ଚିଠି ଅଲୋଚନାର ପ୍ରସଙ୍ଗ ପାଲଟିଛି ।

ବରଗଡ଼ ଧନୁଯାତ୍ରା: କଂସ ଭୂମିକାରୁ ଓହରିଲେ ସୁଶୀଳ ମେହେର

ଭୁବନେଶ୍ୱର, ୨୬/୧୦ (ଆ.ପ୍ର) : ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରୁଥିବା ସୁଶୀଳ ମେହେର ନେଲେ ବଡ଼ ନିଷ୍ପତ୍ତି । ୨୦୨୬-୨୭ ବର୍ଷ ଧନୁଯାତ୍ରା ପୂର୍ବରୁ ସେ କଂସ ଭୂମିକାରେ ଅଭିନୟ କରିବେ ନାହିଁ ବୋଲି କଲେ ଘୋଷଣା । ଗତ ବର୍ଷର ଧନୁଯାତ୍ରାରେ ତାଙ୍କର ଅଭିନୟକୁ ନେଇ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ବିବାଦରେ ଅତିଷ୍ଠ ହୋଇ ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି । ୨୦୨୫-୨୬ ବର୍ଷ ଧନୁଯାତ୍ରା ପୂର୍ବରୁ କଂସ ଭୂମିକାରେ ଅଭିନୟ କରିବା ପାଇଁ ସୁଶୀଳ ମେହେରଙ୍କୁ ଚୟନ କରାଯାଇଥିଲା । ନିୟମ ରହିଛି, ଥରେ ଚୟନ ହେଲେ ଜଣେ ୩ ବର୍ଷ ପାଇଁ କଂସ ଭୂମିକାରେ ଅଭିନୟ କରିବେ । ହେଲେ ଗତ ଥର ସୁଶୀଳଙ୍କ ଅଭିନୟ ଭଲ ନଥିଲା ବୋଲି ଆସିଥିଲା ଅଭିଯୋଗ । ଏନେଇ ବିବାଦ ମଧ୍ୟ ଦେଖାଯାଇଥିଲା । କିଛି ଦିନ ତଳେ ଅନୁଷ୍ଠିତ ହୋଇଥିବା ଧନୁଯାତ୍ରା ମହୋତ୍ସବ ସମିତିର ପ୍ରଥମ ବୈଠକରେ ସୁଶୀଳ ମେହେରଙ୍କୁ ବଦଳାଇବା ପାଇଁ ବିଭିନ୍ନ କମିଟି ପକ୍ଷରୁ ଦାବି ଉଠିଥିଲା । ଏନେଇ ୧୫ ଦିନ ଭିତରେ ନିଷ୍ପତ୍ତି ଜଣାଇବାକୁ କହିଥିଲା ଧନୁଯାତ୍ରା ମହୋତ୍ସବ ସମିତି । ତେବେ ତା' ପୂର୍ବରୁ ଶ୍ରୀ ମେହେର କଂସ ଭୂମିକାରେ ଅଭିନୟ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି । ନିଜ ନିଷ୍ପତ୍ତି ବିଷୟରେ ସେ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇ ଦେଇଛନ୍ତି । ମେହେର ତାଙ୍କ ଚିଠିରେ ଲେଖିଛନ୍ତି, ଗତ ବର୍ଷ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ କଳାକାର ଚୟନ ପ୍ରକ୍ରିୟାରେ ଯୋଗ ଦେଇ ମହାରାଜ କଂସ ଭୂମିକାରେ ଅଭିନୟ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇ ୩ ବର୍ଷ ପର୍ଯ୍ୟନ୍ତ ଅଭିନୟ କରିବାକୁ ପାଇଁ ଚୁକ୍ତିବଦ୍ଧ ହୋଇଥିଲି । ୭୮ତମ ବର୍ଷ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରି ଜନସାଧାରଣଙ୍କଠାରୁ ବିପୁଳ ସମ୍ମାନ, ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କଲି । ମାତ୍ର ଗତ ବର୍ଷ ଧନୁଯାତ୍ରାରେ କିଛି ବ୍ୟକ୍ତି ମୋର ଅଭିନୟକୁ ନେଇ ବିଭିନ୍ନ ବିଭ୍ରାନ୍ତିକର ମନ୍ତବ୍ୟ ଦେଇ ଆସୁଛନ୍ତି । ଅପରପକ୍ଷେ ଅନେକ ସଂଗଠନ ତଥା ବ୍ୟକ୍ତିମାନେ ମତେ ପରିବର୍ତ୍ତନ ନ କରିବା ପାଇଁ ମଧ୍ୟ ଦାବି କରୁଥିବା ବିଷୟ ବିଭିନ୍ନ ଗଣମାଧ୍ୟମରୁ ଜାଣିବାକୁ ପାଉଛି । ମୁଁ ଜଣେ କଳାକାର । ଅଭିନୟ ଦ୍ୱାରା ଲୋକମାନଙ୍କ ମନୋରଞ୍ଜନ କରିବା ମୋର ଧ୍ୟେୟ । ତେଣୁ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିମାନଙ୍କ ଦ୍ୱାରା ସୃଷ୍ଟି କରାଯାଉଥିବା ବିବାଦ ମତେ ମାନସିକ ଅଶାନ୍ତି ଦେଉଛି । ଏଣୁ ମୁଁ ଆସନ୍ତା ବର୍ଷ ୨୦୨୬-୨୭ ଗୋଟିଏ ବର୍ଷ ପାଇଁ ଅବ୍ୟାହତି ନେଉଛି । ଭବିଷ୍ୟତରେ ଯେବେବେଳେ ଧନୁଯାତ୍ରା ମହୋତ୍ସବ ସମିତି ମତେ ପୁଣି ଥରେ ଅଭିନୟ କରିବା ପାଇଁ ସୁଯୋଗ ଦେବେ ମୁଁ ସାଦରେ ଗ୍ରହଣ କରିବି ।

କୋଟିଆରେ ଓଡ଼ିଶା ପ୍ରଶାସନର ଉପସ୍ଥିତିକୁ ଆହୁରି ମଜବୁତ କରାଯାଉ : କଂଗ୍ରେସ ବିଧାୟକ ଦଳ ନେତା

ଭୁବନେଶ୍ୱର, ୨୬/୧୦ (ଆ.ପ୍ର) : କୋଟିଆକୁ ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦମ । ଏହାରେ ସେ ଦର୍ଶାଇଛନ୍ତି ଉପଯୁକ୍ତ ଆଇନଗତ ଏବଂ ପ୍ରଶାସନିକ ମାଧ୍ୟମରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଏହି ନିର୍ଣ୍ଣୟ ଓଡ଼ିଶା ବିରୋଧରେ ତୁରନ୍ତ ଆଲୋଚନା ଓ ପ୍ରକ୍ରିୟା ଆରମ୍ଭ କରାଯାଉ । କୋଟିଆରେ ଓଡ଼ିଶା ପ୍ରଶାସନର ଉପସ୍ଥିତିକୁ ଆହୁରି ମଜବୁତ କରାଯାଉ ଏବଂ ଜନସାଧାରଣଙ୍କ ପାଇଁ ଅତ୍ୟାବଶ୍ୟକ ସେବା ତଥା କଲ୍ୟାଣକାରୀ ଯୋଜନାଗୁଡ଼ିକର ନିରନ୍ତର ଯୋଗାଣ ସୁନିଶ୍ଚିତ କରାଯାଉ । ୨୦୨୪ ମସିହାରେ ଗଠିତ ହୋଇଥିବା ୧୬ ଜଣିଆ କୋଟିଆ କମିଟିର ସୁପାରିଶଗୁଡ଼ିକୁ ସ୍ପଷ୍ଟ କରାଯାଉ ଏବଂ ପ୍ରଚଳିତ ନିୟମ ଅନୁଯାୟୀ ଏହାର କାର୍ଯ୍ୟକାରିତାର ସ୍ଥିତି ସାର୍ବଜନୀନ କରାଯାଉ । ଏହି ସୀମାସମ୍ପୃକ୍ତ ଭିତ୍ତିକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ପାଇଁ ସମ୍ପୃକ୍ତ ବିଭାଗ, କୋରାପୁଟ ଜିଲ୍ଲା ପ୍ରଶାସନ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡକାଯାଉ । କୋଟିଆବାସୀଙ୍କ ସମସ୍ୟାର ସମାଧାନ ପାଇଁ ଏବଂ ଓଡ଼ିଶା ପ୍ରଶାସନ ଉପରେ ସେମାନଙ୍କର ଆସ୍ଥା ବୃଦ୍ଧି କରିବା ପାଇଁ ବରିଷ୍ଠ ଅଧିକାରୀମାନେ ନିୟମିତ ଭାବେ କୋଟିଆ ଗସ୍ତ କରନ୍ତୁ । ରାଜ୍ୟର ଆଂଚଳିକ ସ୍ୱାର୍ଥ ରକ୍ଷା ପାଇଁ ନିଆଯାଉଥିବା ଆଇନଗତ, ପ୍ରଶାସନିକ ଏବଂ କୂଟନୈତିକ ପଦକ୍ଷେପ ବାବଦରେ ଓଡ଼ିଶାବାସୀଙ୍କୁ ଏକ ସ୍ପଷ୍ଟ ବିବୃତି ଦିଆଯାଉ ।

୧୦୦ କୋଟି ଲାଂଚ ମାମଲାରେ ପୂର୍ବତନ ଶିକ୍ଷା ମନ୍ତ୍ରୀ ଗିରଫ

ନୂଆଦିଲ୍ଲୀ, ୨୬/୧୦ (ନ୍ୟୁ.ଏ) : ତାମିଲନାଡୁର ପୂର୍ବତନ ଶିକ୍ଷାମନ୍ତ୍ରୀ ଅନବିଲ ମହେଶ ଗିରଫ । ୧୦୦ କୋଟିର ଲାଂଚ କାରବାର ମାମଲାରେ ଆଜି ମହେଶଙ୍କୁ ଗିରଫ କରି କେନ୍ଦ୍ରୀୟ ପୁଲିସର କେନ୍ଦ୍ରୀୟ କ୍ରାଇମବ୍ରାଂଚ ବା ସିବିଆଇ । ବିଭିନ୍ନ ବେସରକାରୀ ସ୍କୁଲକୁ ଲାଇସେନ୍ସ ଓ ଅନ୍ୟ ସବୁ ପ୍ରକାରର ଅନୁମତି ଦେବାକୁ ମହେଶ ଶିକ୍ଷାମନ୍ତ୍ରୀ ଥିବା ବେଳେ ୧୦୦ କୋଟିର ଲାଂଚ ନେଇଥିଲେ । ଏବେ ଡିଏମକେ କ୍ଷମତାରୁ ଯିବା ପରେ ପୁଲିସ୍ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସରକାରୀ ଅନୁମୋଦନ ପାଇଁ ଘରୋଇ ସ୍କୁଲ ଗୁଡ଼ିକ ପ୍ରଚୁର ଲାଂଚ ଦେଇଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ପରେ ସିବିଆଇ ଯାଂଚ ଆରମ୍ଭ କରିଥିଲା । ଯାଂଚ ବେଳେ ୧୨୭ ଘରୋଇ ସ୍କୁଲ ସ୍କାନରକୁ ଆସିଥିଲା । ଆଉ ଏହାପରେ ପୁଲିସ୍ ଆଜି ଲାଂଚ କାରବାର ମାମଲାରେ ମହେଶଙ୍କୁ ବାନ୍ଧିଛି । ମହେଶ ହେଉଛନ୍ତି ଡିଏମକେର ଜଣେ ବରିଷ୍ଠ ନେତା । ସେ ଦୁର୍ନୀତିରେ ସିଧାସଳଖ ଲିପ୍ତ ରହିବା ସହ ଅନିଲ ମସ୍ତୀ ପଦରୁ ଦୁରୁପଯୋଗ କରିଥିବା ସିବିଆଇ ଯାଂଚ ବେଳେ ଜାଣିବାକୁ ପାଇଥିଲା । ବିଭିନ୍ନ ସାକ୍ଷୀଙ୍କ ବୟାନ ଓ ଡିଜିଟାଲ ପ୍ରମାଣ ଆଧାରରେ ପ୍ରଥମେ ମହେଶଙ୍କୁ ପୁରା ଲାଂଚ କାରବାରର ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା । ତାଙ୍କ ବିରୋଧରେ ଦୁର୍ନୀତି ନିରୋଧ ଆଇନ ଅନୁସାରେ ମାମଲା ମଧ୍ୟ ହୋଇଥିଲା । ଏହାପରେ ଗିରଫଦାରୀ ହୋଇଥିବା ପୁଲିସ କହିଛି । ତେବେ ମହେଶ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଡିଏମକେ ପକ୍ଷରୁ ବର୍ତ୍ତମାନ ତାମିଲନାଡୁରେ କ୍ଷମତାରେ ଥିବା ବିଜୟଙ୍କ ଟିଭିକେକୁ ଦାୟୀ କରାଯାଇଛି । ମୁଖ୍ୟମନ୍ତ୍ରୀ ବିଜୟ ଓ ଟିଭିକେ ବିରୋଧୀଙ୍କୁ ଟାର୍ଗେଟ କରିବାକୁ ସୁରକ୍ଷା ଏଜେନ୍ସିକୁ ବ୍ୟବହାର କରୁଥିବା ଦଳ କହିଛି । ଗିରଫଦାରୀ ପୂର୍ବରୁ ମହେଶ ଅଗ୍ରୀମ ସୁରକ୍ଷା ପାଇଁ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ସୋମବାର ଜଷ୍ଟିସ ଜି ଲକ୍ଷ୍ମୀନାରାୟଣ ତାଙ୍କ ଆବେଦନ ଖାରଜ କରି ଦେଇଥିଲେ । ଆବେଦନ ଖାରଜ ହେବା ମାତ୍ରେ ସିବିଆଇ ତାଙ୍କୁ ଗିରଫ କରିଛି । ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ଆବଶ୍ୟକ ସ୍ୱୀକୃତି ଅନୁମତି ଦେବାକୁ ଡିଏମକେ ଅଭିଯୋଗ ବିପୁଳ ଟଙ୍କା ଦେଇଥିବା ପ୍ରଥମେ ଅଭିଯୋଗ କରିଥିଲେ ତାମିଲନାଡୁର ଘରୋଇ ସ୍କୁଲ ମହାସଂଘର ସମ୍ପାଦକ ଇଲାଙ୍ଗୋଭାନ ।

ରାଜନୀତିରେ ମତ ରଖିବା ସମୟରେ ଭାଷା ଓ ମର୍ଯ୍ୟାଦା ସୀମା ଭିତରେ ରହିବା ଜରୁରୀ: ମନମୋହନ ସାମଲ

ଭୁବନେଶ୍ୱର, ୨୬/୧୦ (ଆ.ପ୍ର) : ରାଜନୀତିରେ ଆଦର୍ଶ, ବିଚାରଧାରା ଓ ମର୍ଯ୍ୟାଦାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ରାଜନୀତି ଆଦର୍ଶବାଦ ତଥା ବିଚାରଧାରା ଉପରେ ପର୍ଯ୍ୟବେକ୍ଷିତ । ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ, କିନ୍ତୁ ମତଭେଦ ଆଳରେ ନିଜର ମର୍ଯ୍ୟାଦା ଓ ରାଜନୈତିକ ଆଦର୍ଶକୁ ଉଲ୍ଲଂଘନ କରିବା ଉଚିତ ନୁହେଁ । ଅତୀତରେ ବିଜେପି ଦୀର୍ଘ ବର୍ଷ ଧରି ବିରୋଧୀ ଦଳ ଭୂମିକାରେ ଥିବାରୁ ବିରୋଧୀ ଦଳ ଦାୟିତ୍ୱ କ'ଣ ବୁଝିଛି । ବିରୋଧୀ ଦଳ ଭାବେ କଂଗ୍ରେସ ନିଜର ଦାୟିତ୍ୱ ଓ ଭୂମିକାକୁ ବୁଝିବା ଆବଶ୍ୟକ । ଦୀର୍ଘ ବର୍ଷ ଧରି ଦେଶର ଶାସନ କରିଥିବା କଂଗ୍ରେସ କ୍ଷମତାରେ ନଥିବା ଯୋଗୁ ହତାଶ ଓ ନିରାଶ ହୋଇଯାଇଛି, ଯାହାର ପ୍ରଭାବ ରାଜନୈତିକ



ବୟାନବାଜିରେ ପ୍ରତିଫଳିତ ହେଉଛି ବୋଲି ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ, ଅରୁଣ ଜେଟଲୀ ପ୍ରମୋଦ ମହାଜନ ଓ ସୁଷମା ସ୍ୱରାଜଙ୍କ ଭଳି ବିଜେପି ନେତାମାନଙ୍କ ରାଜନୈତିକ ଯାତ୍ରା ଜନଜୀବନରେ କାର୍ଯ୍ୟରତ ସମସ୍ତ ନେତୃବୃନ୍ଦଙ୍କ ପାଇଁ ଅନୁକରଣୀୟ । ସେମାନେ କେବେ ବି ଭାଷା ଏବଂ ମର୍ଯ୍ୟାଦା ବାହାରକୁ ଯାଇକି ରାଜନୀତି କରିନାହାନ୍ତି । ରାଜନୀତିରେ ନିଜର ମତ ରଖିବା ସମୟରେ ଭାଷା ଓ ମର୍ଯ୍ୟାଦାର ସୀମା ଭିତରେ ରହିବା ଜରୁରୀ । ଜଣେ ଦାୟିତ୍ୱସମ୍ପନ୍ନ ରାଜନୈତିକ ନେତାଙ୍କଠାରୁ ରାଷ୍ଟ୍ରୀୟ ସ୍ୱାଭିମାନ ଓ ଦାୟିତ୍ୱପୂର୍ଣ୍ଣ ବକ୍ତବ୍ୟ ଆଶା କରାଯାଏ । ମର୍ଯ୍ୟାଦାର ସୀମା ଉଲ୍ଲଂଘନ କରି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ । ଏଭଳି ବକ୍ତବ୍ୟକୁ ଯେତେ ନିନ୍ଦା କଲେ ତାହା କମ୍ ହେବ । ଜନସାଧାରଣ ହିଁ ଏଭଳି ହୀନ ଓ ସଂସ୍କାରବିହୀନ ରାଜନୈତିକ ଆଚରଣର ଉଚିତ ଜବାବ ଦେବେ ବୋଲି ଶ୍ରୀ ସାମଲ ପ୍ରକାଶ କରିଛନ୍ତି ।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ତଥା ସାଧୁତାର ଶପଥ ପାଠ ଅନୁଷ୍ଠିତ

ଭଦ୍ରକ, ୨୬/୧୦ (ଆ.ପ୍ର) : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଦଭାବନା ସଭାଗୃହ କକ୍ଷରେ ଏକ ସାଧୁତା ଓ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ ଏବଂ ଡ଼ିଏସପି ଭିଜିଲାନ୍ସ ଦୁଷ୍ମନ୍ତ ନାୟକ ଉପସ୍ଥିତ ରହି ଅଧିକାରୀ ତଥା କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଶପଥ ଗ୍ରହଣ କାଳରେ ପ୍ରତ୍ୟେକ କ୍ଷେତ୍ରରେ

ସଚ୍ଚୋଟତା ରକ୍ଷା, ଲାଂଚ ନ ନେବା ଓ ନ ଦେବା, ସ୍ୱଚ୍ଛତାର ସହ ଦାୟିତ୍ୱ ନିର୍ବାହ କରିବା ଏବଂ ଜନସାଧାରଣଙ୍କ ହିତ ସାଧନ ଲାଗି ସମର୍ପିତ ରହିବାକୁ ପ୍ରତିଜ୍ଞା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଉଦ୍‌ବୋଧନ ଦେଇ ଦୁର୍ନୀତି ମୁକ୍ତ କାର୍ଯ୍ୟଶୈଳୀ ଆପଣାଇବା ଏବଂ ନିଷ୍ଠାର ସହ ସରକାରୀ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରି ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିଙ୍କ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଚଳିତ ବର୍ଷର ସଚେତନତା ସପ୍ତାହର ବିଷୟବସ୍ତୁ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ଯାହାକୁ ନେଇ ଏହି କାର୍ଯ୍ୟକ୍ରମରେ ସମସ୍ତେ ନିଜ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ନିର୍ବାହ ସମୟରେ ସଚ୍ଚୋଟତା, ସ୍ୱଚ୍ଛତା ଓ ନୈତିକତା ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ ।

ଜାତୀୟ ରଗ୍‌ବୀ ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶା ଦଳକୁ ରୌପ୍ୟ ପଦକ : ନବରଙ୍ଗପୁରର ରାଜବୀର ଲଛମନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ

ନବରଙ୍ଗପୁର, ୨୬/୧୦ (ଆ.ପ୍ର) : ଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ରଗ୍‌ବୀ ଚାମ୍ପିଅନ୍‌ସିପ୍-୨୦୨୬ରେ ଓଡ଼ିଶାର ୧୪ ବର୍ଷରୁ କମ୍ ବାଳକ ରଗ୍‌ବୀ ଦଳ ରୌପ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛି । ଏହି ସଫଳତାରେ ନବରଙ୍ଗପୁର ଜିଲ୍ଲାର ଛାତ୍ର ରାଜବୀର ଲଛମନଙ୍କ ଅବଦାନ ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଆନନ୍ଦର ବିଷୟ ହୋଇଛି । ରାଜବୀର ଲଛମନ ନବରଙ୍ଗପୁର ଜିଲ୍ଲାର ବାଗଦୋରିସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ର । ଜାତୀୟ ସ୍ତରରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରି ସେ ନିଜର କ୍ରୀଡ଼ା ପ୍ରତିଭା, କଠିନ ପରିଶ୍ରମ, ଶୃଙ୍ଖଳା ଓ ଦଳଗତ ମନୋଭାବର ପରିଚୟ ଦେଇଛନ୍ତି । ତାଙ୍କର ଏହି ସଫଳତା ଜିଲ୍ଲାର ଅନ୍ୟ ଛାତ୍ରଛାତ୍ରୀ ଓ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ । ଏହି ଗୌରବମୟ ସଫଳତା ପାଇଁ ଜିଲ୍ଲାପାଳ ମଧୁମିତା, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶଚନ୍ଦ୍ର ମହାଲିକ, ସୁପ୍ରିୟା ନାୟକ, ଶ୍ରୀକାନ୍ତ ଜାନି, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତରଞ୍ଜନ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଶିକ୍ଷା ବିଭାଗର ଅନ୍ୟାନ୍ୟ ଅଧିକାରୀ ରାଜବୀର, ଓଡ଼ିଶା ଦଳର ସମସ୍ତ ଖେଳାଳି, ପ୍ରଶିକ୍ଷକ ଏବଂ ଦଳୀୟ ଅଧିକାରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ କାମନା କରିଛନ୍ତି ।

ଲୋକଙ୍କ ମନ ଭିତରେ ରହିଲେ ଜଗନ୍ନାଥପୁର ସରପଂଚ ସୁଶାନ୍ତ, ନିର୍ମାଣ କଲେ ଆଇ ଲଭ୍ ଜଗନ୍ନାଥପୁର

ଜଗତସିଂହପୁର, ୨୬/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଂଚାୟତର ସରପଂଚ ସୁଶାନ୍ତ କୁମାର ନାୟକ ଏକ ଲୋକାଭିମୁଖୀ କାର୍ଯ୍ୟ କରି ନିଜ ଅଂଚଳରେ ବେଶ ଲୋକପ୍ରିୟ ହୋଇଛନ୍ତି । ନିଜ ଅଂଚଳକୁ ଭଲ ପାଉଥିବାରୁ ପଂଚାୟତ କାର୍ଯ୍ୟାଳୟ ନିକଟରେ ଆଇ ଲଭ୍ ଜଗନ୍ନାଥପୁର ଲେଖି ସେଥିରେ ସୁନ୍ଦର ଲାଇଟ୍ ଲଗାଇବା ସହିତ ସେଠାରେ ବସି ଫଟୋ ଉଠାଇଲା ଭଳି ବ୍ୟବସ୍ଥା କରିଛନ୍ତି । ସବୁଠୁ ବଡ଼ କଥା ହେଉଛି ସରପଂଚ ସୁଶାନ୍ତ କୁମାର ନାୟକ ପଂଚାୟତ ର ବରିଷ୍ଠ ନାଗରୀକ, ବୁଦ୍ଧିଜୀବୀ, ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କୁ ଡ଼ାକି ତାଙ୍କରି ହାତରେ ଏହାକୁ ଉଦ୍ଘାଟିତ କରିଛନ୍ତି ।



ଖାଲି ସେତିକି ନୁହେଁ ପଂଚାୟତରେ କାର୍ଯ୍ୟରତ ମିଶନ ଶକ୍ତିର ମହିଳାମାନେ ଓ ଯୁବପିଢ଼ୀ ମାନଙ୍କୁ ମଧ୍ୟ ସରପଂଚ ଏଥିରେ ତାଙ୍କୁ ସାମିଲ କରିଥିଲେ । ଏହା ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥିବାରୁ ଅନେକ ସମୟରେ ସେଲ୍ଫି ନେବାକୁ ସେଠାରେ ଭିଡ଼ ମଧ୍ୟ ଜମୁଛି । ପ୍ରାୟ ଦୁଇଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ଆଇ ଲଭ୍ ଜଗନ୍ନାଥପୁର ଷ୍ଟାଂଟରେ ବିଭିନ୍ନ ରଙ୍ଗର ଲାଇଟ୍ ଲାଗିଥିବା ଦେଖିବାକୁ ମିଳିଛି । ପଂଚାୟତ ବାସୀ ଓ ବାଟୋଇମାନଙ୍କ ପାଇଁ ବେଶ୍ ମନୋଲୋଭା ହୋଇଛି । ସରପଂଚଙ୍କ ଏହି କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି । ପଂଚାୟତରେ କିଛି ବି କାହାର ଅସୁବିଧା ହେଲେ ତୁରନ୍ତ ଯାଇ ତାଙ୍କ ପାଖରେ ପହଁଚି ଯାଆନ୍ତି ସହଯୋଗ କରନ୍ତି, ଦିନ ହଉ ବା ରାତି ସମସ୍ତଙ୍କର ଅସୁବିଧାରେ ଠିଆ ହେଇଥାଆନ୍ତି, ଏହି ଉଦ୍ଘାଟିତ ଉତ୍ସବରେ ପଂଚାୟତ ର ଶତାଧିକ ଜନସାଧାରଣ ମାନେ ଉପସ୍ଥିତ ଥିଲେ । ଏମିତି ଏକ ସରପଂଚ ସେ ଦେଖନ୍ତିନି କିଏ କଉ ପାର୍ଟିର କାହାକୁ କରନ୍ତିନି କେବେ ପର ସବୁବେଳେ ସମସ୍ତଙ୍କୁ କରନ୍ତି ନିଜର ସେ ହଉଛନ୍ତି ସୁଶାନ୍ତ ।

ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ନାଗରିକ ପାଇଁ ସାଧୁତାର ଶପଥ ପାଠ କରାଇଲେ

ଖୋର୍ଦ୍ଧା, ୨୬/୧୦ (ଆ.ପ୍ର) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭଯା ରାଜଗୁରୁ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେହେରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଛନ୍ତି । ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆଜିଠାରୁ ଅର୍ଥାତ୍ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଭାରତ ବର୍ଷରେ ପାଳନ କରାଯାଉଅଛି । ଆଜି ସପ୍ତାହର ପ୍ରାରମ୍ଭରେ ପ୍ରତ୍ୟେକ କାର୍ଯ୍ୟାଳୟରେ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ । ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକ୍ ଅଫିସ, ତହସିଲ ଅଫିସ, ସମସ୍ତ ଜିଲ୍ଲାସ୍ତରୀୟ ଅଫିସ୍, ସମସ୍ତ ପୌର ପରିଷଦ ଏବଂ ବିଜ୍ଞାପିତ ଅଂଚଳ ପରିଷଦ ଅଫିସ୍, ସମସ୍ତ ଲାଇନ୍ ଡିପାର୍ଟମେଂଟ ଅଫିସ୍ ଗୁଡିକରେ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ ବିଭାଗୀୟ ଅଧିକାରୀ ମାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ନାଗରିକଙ୍କ ପାଇଁ ଶପଥ ପାଠ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ନିବେଦିତା ପରିଡ଼ା, ସଂଗ୍ରାମ କୁମାର ଜେନା, ଆର୍ତ୍ତତ୍ରାଣ ମଲ୍ଲିକ, ସୌମ୍ୟା ସାଗରିକା ସ୍ୱାଇଁ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ମଂଚାସୀନ ଥିବା ବେଳେ, ଡେପୁଟୀ କଲେକ୍ଟର ସାରା ମଲ୍ଲିକ, ଆସିଷ୍ଟାଂଟ କଲେକ୍ଟର ଇପ୍ସିତା ସାହୁ, ଭିଶବ୍ ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଗୀତାଞ୍ଜଳି ପଣ୍ଡା, ଜିଲ୍ଲା ଇଗଭର୍ନାନ୍ସ ମ୍ୟାନେଜର ମାନସ କୁମାର ଦ୍ରୁହ୍ମା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟୀ କଲେକ୍ଟର, ଆସିଷ୍ଟାଂଟ କଲେକ୍ଟର, ସେକ୍ସନ ଅଫିସର, ସମସ୍ତ ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ ସହାୟିକା ତଥା ସମସ୍ତ କର୍ମଚାରୀ ଯୋଗଦେଇ ନାଗରିକଙ୍କ ପାଇଁ ଶପଥ ପାଠ ଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

କୋମନାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନୂଆପଡ଼ା, ୨୬/୧୦ (ଆ.ପ୍ର) : ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଆଜି ନୂଆପଡ଼ା ଜିଲ୍ଲାର କୋମନା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅନ୍ୟା ଦାସଙ୍କ ଅଧକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୪୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୨୯ଟି ବ୍ୟକ୍ତିଗତ ଓ ୧୧ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା । ଜିଲ୍ଲାପାଳ ଜନସାଧାରଣଙ୍କ ଠାରୁ ସମସ୍ୟା ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ତ୍ୱରିତ ଓ ଉପଯୁକ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ କୋମନା ବ୍ଲକ ଅନ୍ତର୍ଗତ ଜଡ଼ାମୁଣ୍ଡା ଗ୍ରାମର ଯଦୁମଣି ରାଉତଙ୍କ ପୁଅଙ୍କ ଚିକିତ୍ସା ନିମନ୍ତେ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ସହ ଆୟୁଷ୍ମାନ ଆରୋଗ୍ୟ ଶିବିର ମଧ୍ୟ ଆୟୋଜନ

କରାଯାଇଥିଲା । ଏହି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାଁ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର ସାହୁ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଇଶାନୀ ମିତ୍ର, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର ଓ ଉପାଧକ୍ଷ ଜୟଦେବ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ । ଡେପୁଟି କଲେକ୍ଟର ଶେଖ ନସୀମ ଓ ରୋଶନ କୁମାର ଜେନା ଏବଂ କୋମନା ବିଡିଓ ପବିତ୍ର କୁମାର ସାମଲ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ପରିବର୍ତ୍ତିତ ଜଣ ଶୁଣାଣି ଏହି ଅବସରରେ ପେଣ୍ଡରାବନ ଓ କୋନାବିରା ଗ୍ରାମ ପଂଚାୟତରେ ପରିବର୍ତ୍ତିତ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଅନ୍ୟା ଦାସ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ । ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଆୟବୃଦ୍ଧି ଓ ଆର୍ଥିକ ସଶକ୍ତୀକରଣ ଦିଗରେ ଅଧିକ ଉଦ୍ୟମ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନା ଓ ଏହାର ସୁଫଳ ଲୋକଙ୍କ ନିକଟରେ ପହଂଚାଇବା ସମ୍ପର୍କରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, କୋମନା ବିଡିଓ ପବିତ୍ର କୁମାର ସାମଲଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

ଆମାନାରା ପଂଚାୟତରେ 'ଗାଁରେ ପ୍ରଶାସନ' ଓ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୨୬/୧୦ (ଆ.ପ୍ର) : ନୂଆପଡ଼ା ପଂଚାୟତ ସମିତି ଅନ୍ତର୍ଗତ ଆମାନାରା ଗ୍ରାମ ପଂଚାୟତରେ ଆଜି 'ଗାଁରେ ପ୍ରଶାସନ' ଓ 'ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭିଜିଲାନ୍ସ ବିଭାଗର ଡିଏସ୍‌ପି ଦିନବନ୍ଧୁ ବେହେରା, ନୂଆପଡ଼ା ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ନୂଆପଡ଼ା ପଂଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର ଏବଂ



ନୂଆପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ରୋହିତ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଦୁର୍ନୀତିମୁକ୍ତ ପ୍ରଶାସନ, ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ, ଏବଂ ସାଧାରଣ ଲୋକଙ୍କ ଅଧିକାର ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏଥିସହ ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗର ସମାଧାନ ପାଇଁ ପ୍ରଶାସନ ସହ ସିଧାସଳଖ ଯୋଗାଯୋଗ ରଖିବା ଏବଂ ସରକାରୀ ସେବାର ସୁଯୋଗ ନେବାକୁ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସମିତି ସଭ୍ୟା, ଆମାନାରା ଗ୍ରାମ ପଂଚାୟତର ସରପଂଚ, ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ପଂଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

କଳା ଓ ସଂସ୍କୃତିର ମହୋତ୍ସବ କେନ୍ଦୁଝର କଳା ଉତ୍ସବ ଉଦଯାପିତ

କେନ୍ଦୁଝର, ୨୬/୧୦ (ଆ.ପ୍ର) : କଳା, ସଂସ୍କୃତି ଓ ସାହିତ୍ୟର ମହାକୁମ୍ଭ ସପ୍ତଦଶ କେନ୍ଦୁଝର କଳା ଉତ୍ସବ-୨୦୨୬ ଗତ ୨୪ ଓ ୨୫ ତାରିଖ ଦୁଇଦିନ ଧରି ସ୍ଥାନୀୟ ପିଏମ୍‌ଶ୍ରୀ ଡିଏନ୍ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସାଂସ୍କୃତିକୀ' ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଦିବସରେ ଚିତ୍ରାଙ୍କନ, ଓଡ଼ିଶୀ ନୃତ୍ୟ, ଝୋଟି ପ୍ରତିଯୋଗିତା, ସଙ୍ଗୀତ ଆସର ଓ ବିଭିନ୍ନ କଳା କର୍ମଶାଳା ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ମିଳିତ ଭାବେ ଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । କେନ୍ଦୁଝରର କଳା, ସଂସ୍କୃତି ଓ ସାହିତ୍ୟର ସୁରକ୍ଷା ଓ ପ୍ରଚାରପ୍ରସାର ଦିଗରେ 'ସାଂସ୍କୃତିକୀ'ର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିବା ସହ ଏଭଳି ଆୟୋଜନକୁ ନିୟମିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ମହଧର ମହାଳିକ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ପିଏମ୍‌ଶ୍ରୀ ଡିଏନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର କୁମାର

ମହାନ୍ତି, ଅବସରପ୍ରାପ୍ତ ଓଏଏସ୍ ଅଧିକାରୀ ଅଜୟ କୁମାର ନାୟକ, ସୂର୍ଯ୍ୟମାଧବ ପାଣିଗ୍ରାହୀ, ପ୍ରବୀର କୁମାର ଦେଓ, ସମାଜସେବୀ ଡ. ରୀନା ରାଉତରାୟ, ଅବସରପ୍ରାପ୍ତ ଅଧକ୍ଷ ଡ. ତରୁଣ କୁମାର ଓଝା ଓ ଅବସରପ୍ରାପ୍ତ ଅଧ୍ୟାପିକା ଡ. ମିନତି ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଏହି ଉତ୍ସବର ଦ୍ୱିତୀୟ ଦିବସରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ, ପେପର୍ ମାଶି ଉପରେ ହସ୍ତକଳା କର୍ମଶାଳା ଏବଂ ବୁଦ୍ଧିଜୀବୀମାନଙ୍କୁ ନେଇ 'ସଂସ୍କୃତି ଓ ଐତିହ୍ୟ' ସମ୍ମୋଳନ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଡିଏଫଓ ଧନରାଜ ଏଚ୍‌ଡି, କୁଳପତି ଡ. ସଞ୍ଜୟ କୁମାର ପାତ୍ର, ଓଡ଼ିଶା ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ଡ. ଅଜୟ କୁମାର ନାୟକ, ସାଂସ୍କୃତିକୀ ପକ୍ଷରୁ ଡ. ରୀନା ରାଉତରାୟ, ସୂର୍ଯ୍ୟମାଧବ ପାଣିଗ୍ରାହୀ, ଡ. ତରୁଣ କୁମାର ଓଝା ଏବଂ ସାଂସ୍କୃତିକୀର ସମ୍ପାଦକ ଶ୍ୟାମହରି ଚକ୍ର ପ୍ରମୁଖ ଯୋଗଦେଇ କେନ୍ଦୁଝରର ସମୃଦ୍ଧ କଳା ଓ ସାଂସ୍କୃତିକ ପରମ୍ପରା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ କେନ୍ଦୁଝରର ମାଟିରେ ଲୁଚିରହିଥିବା ଅନନ୍ୟ ପ୍ରତିଭାକୁ ସମ୍ମାନ ଓ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କଳା, ସାହିତ୍ୟ, ହସ୍ତକଳା, ନୃତ୍ୟ, ସଙ୍ଗୀତ ଓ ଫଟୋଗ୍ରାଫି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ପ୍ରତିଭାଧର ବ୍ୟକ୍ତିବିଶେଷଙ୍କୁ 'କେନ୍ଦୁଝର କଳା ଉତ୍ସବ ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଥିଲା । ସମ୍ମାନିତ ପ୍ରତିଭାମାନଙ୍କ ମଧ୍ୟରେ ସାହିତ୍ୟ କ୍ଷେତ୍ରରେ ସ୍ୱର୍ଗତ ଡ. ତ୍ରୈଲୋଚନ ସୂତାର, କଳ୍ପନା ମହାନ୍ତି ଓ ମିଳନ କୁମାର ମିଶ୍ର, ଛଉ ନୃତ୍ୟ ପାଇଁ ପଦ୍ମଲୋଚନ ନାଏକ, ଚିତ୍ରକଳା କ୍ଷେତ୍ରରେ ଗୋଲକ ବିହାରୀ ସେଠୀ, ପ୍ରମୋଦ ବରାଳ, ସୁଗ୍ରୀବ କୁଆଙ୍ଗ ଓ ବୀର କିଶୋର ପାତ୍ର, ଝୋଟି ହସ୍ତକଳା ପାଇଁ ଅନନ୍ତ ଚରଣ ଗିରି, ଟେରାକୋଟା କଳା ପାଇଁ କପିଳ ଚନ୍ଦ୍ର ରଣା, ନୃତ୍ୟ କ୍ଷେତ୍ରରେ କଳ୍ପତରୁ ଆଚାର୍ଯ୍ୟ, ସଙ୍ଗୀତ ପାଇଁ ରାଜେନ୍ଦ୍ର ବେହେରା ଓ ସୁନୀତା ପଟ୍ଟନାୟକ, ପେପର୍ ମାଶି କଳା ପାଇଁ ଅରୁଣ କୁମାର ଓଝା ଓ ସୁନୀତା ସାହୁ ଏବଂ ଫଟୋଗ୍ରାଫି ପାଇଁ ମାନସିଂହ ଦୁର୍ଗାପ୍ରସାଦ ନାୟକଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଓଡିଆ ସାହିତ୍ୟର ବିକାଶ କ୍ଷେତ୍ରରେ କାର୍ଯ୍ୟରତ କେନ୍ଦୁଝର ଲେଖିକା ସଂସଦକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଯୁବ ବର୍ଗରେ ସାହିତ୍ୟ ପାଇଁ ବୀଣାପାଣି ପ୍ରଧାନ ଓ ଡ. ପ୍ରୀତିସୀମା ସ୍ୱାଇଁ, ଚିତ୍ରକଳା ପାଇଁ ସୁଶ୍ରୀ ସୁମନ ପତି ଏବଂ ନୃତ୍ୟକଳା ପାଇଁ ଶୁଭଶ୍ରୀ ପଟ୍ଟନାୟକ, ଫଟୋଗ୍ରାଫି ପାଇଁ ସୁଦର୍ଶନ ସ୍ୱାଇଁଙ୍କୁ 'କେନ୍ଦୁଝର କଳା ଉତ୍ସବ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା । ସମ୍ମାନ ସମାରୋହ ପରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟା ମଧ୍ୟ ଅତ୍ୟନ୍ତ ମନୋରମ ଓ ଚିତାକର୍ଷକ ହୋଇଥିଲା । ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଆସର ସମେତ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଂଚ ଜୀବନ୍ତ ହୋଇଉଠିଥିଲା । ଶିଳ୍ପୀମାନଙ୍କ ନୃତ୍ୟର ଛନ୍ଦ, ସଙ୍ଗୀତର ମୂର୍ଚ୍ଛନା ଓ କଳାକାରମାନଙ୍କ ସୃଜନଶୀଳ ପରିବେଷଣ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା । କେନ୍ଦୁଝରର ମାଟି, ମଣିଷ ଓ ମୌଳିକ ସଂସ୍କୃତିର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବା ସହ ନୂଆ ପିଢ଼ି ମଧ୍ୟରେ କଳା ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବାର ଏହି ଉତ୍ସବ ଏକ ସଫଳ ପ୍ରୟାସ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଏଭଳି ଆୟୋଜନ କେନ୍ଦୁଝରର ସମୃଦ୍ଧ ସାଂସ୍କୃତିକ ପରିଚୟକୁ ରାଜ୍ୟ ଓ ଜାତୀୟ ସ୍ତରରେ ପହଂଚାଇବାରେ ସହାୟକ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ । ଉତ୍ସବର ଶେଷ ପର୍ଯ୍ୟାୟରେ ଅନୁଷ୍ଠାନ ପକ୍ଷରୁ ଅମରେନ୍ଦ୍ର ମହାରଣା ଉପସ୍ଥିତ ଅତିଥି, ସମ୍ମାନିତ ପ୍ରତିଭା, କଳାକାର, ପ୍ରତିଯୋଗୀ, ବିଚାରକ, ସହଯୋଗୀ ଓ ଦର୍ଶକମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

ପାରଳାଖେମୁଣ୍ଡି ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶଙ୍କର ପ୍ରସାଦ ବକ୍ସିଙ୍କ ପରଲୋକ

ପାରଳାଖେମୁଣ୍ଡି, ୨୬/୧୦ (ଆ.ପ୍ର) : ପାରଳାଖେମୁଣ୍ଡି ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶଙ୍କର ପ୍ରସାଦ ବକ୍ସିଙ୍କର ଆଜି ପୂର୍ବାହ୍ନ ଘ ୧୧.୪୦ ମିନିଟ୍ ସମୟରେ ଭୁବନେଶ୍ୱରସ୍ଥିତ ମଣିପାଲ ହସପିଟାଲରେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଯାଇଛି । ସେ ଶୁକ୍ରବାର ସନ୍ଧ୍ୟା ୪.୩୦ ମିନିଟ୍ ସମୟରେ ହଠାତ୍ ପଡିଯିବାରୁ ତାଙ୍କୁ ସେହି ହସପିଟାଲକୁ ନିଆଯାଇଥିଲା । ସେଠାରେ ତାଙ୍କୁ ଡାକ୍ତରମାନେ ଚିକିତ୍ସା କରୁଥିଲେ । ଆଜି ତାଙ୍କର ବିୟୋଗ ଖବର ପାଇଲା ପରେ ସମଗ୍ର ପାରଳାଖେମୁଣ୍ଡିରେ ଶୋକର ଛାୟା ଖେଳି ଯାଇଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇପୁତ୍ର ଚିଂଟୁ ଓ ରିଂଟୁ ତଥା ଅନ୍ୟାନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ । ଜଣେ ସହୃଦୟବାନ୍ ବ୍ୟକ୍ତି ହିସାବରେ ତାଙ୍କର ସୁନାମ ଥିଲା । ସେ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି (ସ୍ୱୟଂଶାସିତ) ମହାବିଦ୍ୟାଳୟର ଦୀର୍ଘ ଦିନଧରି

ପୁରାତନ ଛାତ୍ରସଂସଦର ସମ୍ପାଦକ ମଧ୍ୟ ଥିଲେ । ଏହାଛଡା ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ପୃଷ୍ଠପୋଷକ ଭାବେ ରହିଥିଲେ । ଜଣେ କ୍ରିକେଟିୟର୍ ହିସାବରେ ଆନ୍ତର୍ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଂଟରେ ଭାଗ ନେଇଥିଲେ । ତାଙ୍କର ଅକାଳ ବିୟୋଗରେ ପାରଳାଖେମୁଣ୍ଡି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ସମସ୍ତ ଶିକ୍ଷକ ଓ ଅଣଶିକ୍ଷକବୃନ୍ଦ, ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି (ସ୍ୱୟଂଶାସିତ) ମହାବିଦ୍ୟାଳୟର ଅଧ୍ୟକ୍ଷ ରାଧାକାନ୍ତ ଭୂୟାଁ ତଥା ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ, ପୂର୍ବତନ ଅଧ୍ୟକ୍ଷା ଡ.ମନସ୍ୱିନୀ ଦାଶ, ପୂର୍ବତନ ଓଡିଶା ସୂଚନା ଅଧିକାର କମିଶନର ପୂର୍ବତନ ମୁଖ୍ୟ ଆୟୁକ୍ତ ସୁନୀଲ କୁମାର ମିଶ୍ର, ବରିଷ୍ଠ ପ୍ରଶାସକ ଡ. ଶଶୀଭୂଷଣ ପାଢ଼ୀ, ଅମର ପାଢୀ, ମହମ୍ମଦ ନାସିର ବେଗ୍, ଭୁବନମୋହନ ପାତ୍ର, ପ୍ରଦୀପ୍ତ ପଟ୍ଟନାୟକ, ବ୍ରଜେନ୍ଦ୍ର ଦାଶ, ଚକ୍ରଧର ପାଢୀ, କୀର୍ତ୍ତୁ ପାତ୍ର, ଅନାଦୀ ପାଣିଗ୍ରାହୀ, ଆଶାଲତା ପାଣିଗ୍ରାହୀ, ବିନୋଦ ଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା ଓ ଗୁରୁଜୀବୃନ୍ଦ, ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ, ଶ୍ରୀକୃଷ୍ଣଚନ୍ଦ୍ର ଗଜପତି (ସ୍ୱୟଂଶାସିତ) ମହାବିଦ୍ୟାଳୟର ପୁରାତନ ଛାତ୍ରସଂସଦର ସମସ୍ତ ସଦସ୍ୟ ଓ ସଦସ୍ୟା ତଥା ଗଜପତି ଜିଲ୍ଲା ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ ସେହି ଅମର ଆତ୍ମାଙ୍କ ନିକଟରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

'ଭୋଟ୍ ବଂଚାଅ, ଦେଶ ବଂଚାଅ' ଅଭିଯାନ ପାଇଁ କଂଗ୍ରେସର ଆହ୍ୱାନ

ବାଲେଶ୍ୱର, ୨୫/୧୦ (ଆ.ପ୍ର) : ଭାରତର ମୁଖ୍ୟ ନିର୍ବାଚନ କମିଶନର ପଦରୁ ଜ୍ଞାନେଶ କୁମାର ଇସ୍ତଫା ନଦେବା ପର୍ଯ୍ୟନ୍ତ କଂଗ୍ରେସ ଓ ଇଣ୍ଡିଆ ମେଂଟର ଆନ୍ଦୋଳନ ଜାରି ରହିବ ବୋଲି ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ପର୍ଯ୍ୟବେକ୍ଷକ ରୋହିତଦାସ ବଶୋୟା କହିଛନ୍ତି । ସୋମବାର ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ 'ଭୋଟ୍ ବଂଚାଅ, ଦେଶ ବଂଚାଅ' ଅଭିଯାନକୁ ଆହୁରି ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ । ସ୍ୱତନ୍ତ୍ର ଗଭୀର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାକୁ ନେଇ ଉଦ୍‌ବେଗ ପ୍ରକାଶ କରି ବଶୋୟା କହିଥିଲେ ଯେ, ଏହି ପ୍ରକ୍ରିୟା ଜରିଆରେ ଦେଶର ୧୩ କୋଟି ମତଦାତାଙ୍କଠାରୁ ମତଦାନ ଭଳି ମୌଳିକ ଅଧିକାର ଛଡ଼ାଇ ନିଆଯାଉଛି । ଏହା ବିରୋଧରେ ସମଗ୍ର ଦେଶବାସୀ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟଶିବ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଉପସଭାପତି ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ବାଙ୍କନିଧି ବେହେରା ଓ ମାନସ ଆଚାର୍ଯ୍ୟ, ବାଲେଶ୍ୱର ସହପ୍ରଭାରୀ ଅଧିର ଜେନା, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମାଝୀ ଓ ପିସିସି ସମ୍ପାଦକ ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ଜିଲ୍ଲା କଂଗ୍ରେସ ଓବିସି ସେଲ୍‌ର ଅଧ୍ୟକ୍ଷ ନିଶିଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ଆଶିଷ ପଟ୍ଟନାୟକ ଓ ଦେବଦତ୍ତ ଦାସଙ୍କ ସମେତ ସମ୍ପାଦକ ପଶୁପତି ଉପାଧ୍ୟାୟ ଓ ଶେଖ୍ ଭୋଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଡବ୍ଲ୍ୟୁଏସ୍‌ଓ ଇଣ୍ଡିଆ ସୁରକ୍ଷା ପୁରସ୍କାରରେ ଟିପିଏନ୍‌ଓଡିଏଲ୍‌କୁ ସ୍ୱର୍ଣ୍ଣ ବର୍ଗରେ ସମ୍ମାନ

ବାଲେଶ୍ୱର, ୨୫/୧୦ (ଆ.ପ୍ର) : ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ପରିଚାଳନା ପ୍ରତି ଉଲ୍ଲେଖନୀୟ ପ୍ରତିବଦ୍ଧତା ପାଇଁ ଟିପି ନର୍ଦ୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟି ପି ଏ ନ୍ ଓ ଡି ଏ ଲ୍) କୁ ଜାତୀୟସ୍ତରରେ ସ୍ୱୀକୃତି ମିଳିଛି । ବିଶ୍ୱ ସୁରକ୍ଷା ସଂଗଠନ (ଡବ୍ଲ୍ୟୁଏସ୍‌ଓ) ଇଣ୍ଡିଆ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବୃତ୍ତିଗତ ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶ (ଓଏଚ୍‌ଏସ୍‌ଆଣ୍ଡଇ) ପୁରସ୍କାର-୨୦୨୬ରେ କମ୍ପାନିକୁ ୪-ଷ୍ଟାର୍ ରେଟିଂ ସହ ସ୍ୱର୍ଣ୍ଣ ବର୍ଗର ବିଜେତା ଭାବେ ସମ୍ମାନିତ କରାଯାଇଛି । ୨୦୨୫ ମୂଲ୍ୟାୟନ ବର୍ଷର ସୁରକ୍ଷା ପ୍ରଦର୍ଶନ ଆଧାରରେ ଡବ୍ଲ୍ୟୁଏସ୍‌ଓର ବିଚାରକମଣ୍ଡଳୀ କ୍ଷେତ୍ର ପରିଦର୍ଶନ ଓ ମୂଲ୍ୟାୟନ କରିବା ପରେ ଏହି ସ୍ୱୀକୃତି ପ୍ରଦାନ କରିଛନ୍ତି । ମୁମ୍ବାଇରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ସୁରକ୍ଷା ବିଭାଗ ମୁଖ୍ୟ ତପନ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ

କୁମାର ମହାନ୍ତ ଏବଂ ଦିଲୁ ରାଉତ ପୁରସ୍କାର ଗ୍ରହଣ କରିଥିଲେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ କମ୍ପାନିର ବିଦ୍ୟୁତ୍ ବିତରଣ କାର୍ଯ୍ୟ ସମୟରେ ଅନୁସୃତ ସୁରକ୍ଷା ବ୍ୟବସ୍ଥା ଏହି ମୂଲ୍ୟାୟନର ଅଂଶବିଶେଷ ଥିଲା । କାର୍ଯ୍ୟସ୍ଥଳରେ ବିପଦ ପରିଚାଳନା, ସୁରକ୍ଷା ନିୟମର ଅନୁପାଳନ ଏବଂ କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କ ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ପ୍ରକ୍ରିୟାର ପାଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବିଦ୍ୟୁତ୍ ବିତରଣ କାର୍ଯ୍ୟରେ ଦୁର୍ଘଟଣା ଏଡ଼ାଇବା ପାଇଁ କାର୍ଯ୍ୟାରମ୍ଭ ପୂର୍ବରୁ ବିପଦ ଚିହ୍ନଟ, ମାନକ କାର୍ଯ୍ୟପଦ୍ଧତିର ଅନୁପାଳନ, ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର, ନିୟମିତ ପ୍ରଶିକ୍ଷଣ ଓ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଉପରେ ଟିପିଏନ୍‌ଓଡିଏଲ୍ ଗୁରୁତ୍ୱ ଦେଉଛି । ଏହି ପଦକ୍ଷେପଗୁଡ଼ିକ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ବିଦ୍ୟୁତ୍ ସେବାର ନିରନ୍ତରତା ବଜାୟ ରଖିବାରେ ସହାୟକ ହେଉଛି । ଏହି ସଫଳତା ସମ୍ପର୍କରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି, "ସୁରକ୍ଷା ଆମର ସାମୂହିକ ଦାୟିତ୍ୱ । ପ୍ରତ୍ୟେକ କାର୍ଯ୍ୟ ଓ ନିଷ୍ପତ୍ତିରେ ସୁରକ୍ଷାକୁ ପ୍ରାଥମିକତା ଦେବା ଆବଶ୍ୟକ । କାର୍ଯ୍ୟ ଆରମ୍ଭ ପୂର୍ବରୁ ବିପଦ ଚିହ୍ନଟ କରିବା, ନିର୍ଦ୍ଧାରିତ ସୁରକ୍ଷା ନିୟମ ପାଳନ କରିବା ଏବଂ ଅସୁରକ୍ଷିତ ପରିସ୍ଥିତି ସମ୍ପର୍କରେ ତୁରନ୍ତ ଜଣାଇବା ଉପରେ ଆମେ ଗୁରୁତ୍ୱ ଦେଉଛୁ । ଏହି ସ୍ୱୀକୃତି ସୁରକ୍ଷିତ କାର୍ଯ୍ୟପଦ୍ଧତିର ନିରନ୍ତର ଉନ୍ନତି ଏବଂ କର୍ମଚାରୀ ଓ ଜନସାଧାରଣଙ୍କ ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି ।" କର୍ମଚାରୀଙ୍କ ସୁରକ୍ଷା ସହ ସାଧାରଣ ଲୋକଙ୍କୁ ବିଦ୍ୟୁତ୍‌ଜନିତ ବିପଦ ସମ୍ପର୍କରେ ସଚେତନ କରିବା ପାଇଁ ମଧ୍ୟ କମ୍ପାନି ପକ୍ଷରୁ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଗୋଷ୍ଠୀସ୍ତରୀୟ କାର୍ଯ୍ୟକ୍ରମ, ଉପଭୋକ୍ତାଙ୍କ ସହ ଯୋଗାଯୋଗ ଏବଂ ଋତୁକାଳୀନ ସୁରକ୍ଷା ଅଭିଯାନ ମାଧ୍ୟମରେ ଦୈନନ୍ଦିନ ବିଦ୍ୟୁତ୍ ବ୍ୟବହାର, ପର୍ବପର୍ବାଣି ଓ ପ୍ରତିକୂଳ ପାଣିପାଗ ସମୟରେ ଆବଶ୍ୟକ ସତର୍କତା ବିଷୟରେ ଲୋକଙ୍କୁ ଅବଗତ କରାଯାଉଛି । ବିଦ୍ୟୁତ୍‌ଜନିତ ବିପଦ କିମ୍ବା ଅସୁରକ୍ଷିତ ପରିସ୍ଥିତି ଦେଖିଲେ ଦୁର୍ଘଟଣା ଏଡ଼ାଇବା ଲାଗି ଉପଭୋକ୍ତାମାନେ ଟିପିଏନ୍‌ଓଡିଏଲ୍‌ର ଗ୍ରାହକ ସେବା ନମ୍ବର ୧୮୦୦ ୩୪୫୬ ୭୧୮ କିମ୍ବା ୧୯୧୨ରେ ତୁରନ୍ତ ଜଣାଇବାକୁ କମ୍ପାନି ପକ୍ଷରୁ ଅନୁରୋଧ କରାଯାଉଛି ।

ଡିସେମ୍ବର ୧୪ରେ ପାଳିତ ହେବ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ

ବାଲେଶ୍ୱର, ୨୫/୧୦ (ଆ.ପ୍ର) : ପୁସ୍ତକ ପ୍ରକାଶନରେ ଶୁଦ୍ଧତା ଓ ଗୁଣବତ୍ତା ବଜାୟ ରଖିବା ସହ ପ୍ରୁଫ୍-ସଂଶୋଧନର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ଭାବେ ପାଳନ କରାଯିବ । ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ଏହି ଘୋଷଣା କରାଯାଇଛି । ଗତ ଦୁଇବର୍ଷ ଧରି ନ୍ୟାସ ପକ୍ଷରୁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ସମ୍ବର୍ଦ୍ଧିତ କରାଯାଇ ଆସୁଛି । ସୋମବାର ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଏହି ସୂଚନା ଦେଇ କହିଥିଲେ ଯେ, ବିକଶିତ ଦେଶଗୁଡ଼ିକରେ ପ୍ରୁଫ୍-ସଂଶୋଧନକୁ ପ୍ରକାଶନ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ବିବେଚନା କରାଯାଏ । କିନ୍ତୁ ଭାରତରେ, ବିଶେଷକରି ଓଡ଼ିଶାରେ, ଏହାକୁ ଯଥୋଚିତ ଗୁରୁତ୍ୱ ଦିଆଯାଉନାହିଁ । ଫଳରେ ପ୍ରକାଶନ କ୍ଷେତ୍ରରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି । ରାଜ୍ୟରେ ପ୍ରକାଶିତ ପାଠ୍ୟପୁସ୍ତକ ସମେତ ବିଭିନ୍ନ ପ୍ରକାର ପୁସ୍ତକରେ ବହୁ ଭାଷାଗତ ଓ ବର୍ଣ୍ଣାଶୁଦ୍ଧିଜନିତ ତ୍ରୁଟି ଦେଖିବାକୁ ମିଳୁଥିବା ଉଲ୍ଲେଖ କରି ସେ ଏହାର ମୁଖ୍ୟ କାରଣ ଭାବେ ଉପଯୁକ୍ତ ପ୍ରୁଫ୍-ସଂଶୋଧନର ଅଭାବକୁ ଦାୟୀ କରିଥିଲେ । ଲେଖାର ଶୁଦ୍ଧତା ଓ ପ୍ରକାଶନର ବିଶ୍ୱସନୀୟତା ରକ୍ଷା କରିବା ପାଇଁ ପ୍ରୁଫ୍-ସଂଶୋଧନକୁ ଅଗ୍ରାଧିକାର ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଗୋପାଳକୃଷ୍ଣ ଗୋଖଲେଙ୍କ ଶିକ୍ଷା ସମ୍ବନ୍ଧୀୟ ଲେଖାର ଗୁଜରାଟୀ ଅନୁବାଦ ପ୍ରକାଶନ ସମ୍ପର୍କିତ ଏକ ଐତିହାସିକ ଉଦାହରଣ ଦେଇ ମହାନ୍ତ କହିଥିଲେ ଯେ, ମୁଖବନ୍ଧ ଲେଖିବା ପାଇଁ ମୁଦ୍ରିତ ପୁସ୍ତକର ନକଲ ମହାତ୍ମା ଗାନ୍ଧୀଙ୍କ ନିକଟକୁ ପଠାଯାଇଥିଲା । ମାତ୍ର ଯଥାବିଧି ପ୍ରୁଫ୍-ସଂଶୋଧନ ହୋଇନଥିବାରୁ ସେଥିରେ ଅନେକ ତ୍ରୁଟି ରହିଥିଲା । ଏହା ଗାନ୍ଧିଜୀଙ୍କୁ ବ୍ୟଥିତ କରିଥିଲା ଏବଂ ସେ ତ୍ରୁଟିପୂର୍ଣ୍ଣ ମୁଦ୍ରିତ ପୃଷ୍ଠାଗୁଡ଼ିକୁ ଛାଣି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ଆହୁରି କହିଥିଲେ ଯେ, ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ଭାବେ ପାଳନ କରାଯାଇ ଏହାର ଆବଶ୍ୟକତା ସମ୍ପର୍କରେ ସଚେତନତା ବଢ଼ାଯାଏ । କିନ୍ତୁ ଭାରତୀୟ ଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକରେ ବର୍ଣ୍ଣାଶୁଦ୍ଧି ଓ ଅନ୍ୟାନ୍ୟ ତ୍ରୁଟି ଦେଖାଯିବା ଚିନ୍ତାର ବିଷୟ । ପ୍ରୁଫ୍-ସଂଶୋଧନକୁ ଗୁରୁତ୍ୱ ଦିଆଗଲେ ଲେଖାର ଶୁଦ୍ଧତା ବୃଦ୍ଧି ପାଇବା ସହ ଭାଷା ଓ ସାହିତ୍ୟର ଗୁଣାତ୍ମକ ବିକାଶ ସମ୍ଭବ ହେବ । ଏହି ଉଦ୍ଦେଶ୍ୟରେ ନ୍ୟାସ ପକ୍ଷରୁ ଲେଖକ, ପ୍ରକାଶକ, ସାମ୍ବାଦିକ ଓ ପୁସ୍ତକପ୍ରେମୀମାନଙ୍କୁ ଡିସେମ୍ବର ୧୪ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ଭାବେ ପାଳନ କରିବା ସହ ଏହାର ଗୁରୁତ୍ୱ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ପୂର୍ବାଂଚଳ ଭାଷା କେନ୍ଦ୍ରର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଅରବିନ୍ଦ ପଟ୍ଟନାୟକ, ବରିଷ୍ଠ ଦର୍ଶନଶାସ୍ତ୍ରବିତ୍ ଡକ୍ଟର ନାରାୟଣ ମହାନ୍ତି, ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ପବିତ୍ର କୁମାର ରଥ ଏବଂ ବିଶିଷ୍ଟ ବ୍ୟଙ୍ଗଲେଖକ ତଥା ସ୍ତମ୍ଭକାର ରାଧାଶ୍ୟାମ ରାଉତ ଉପସ୍ଥିତ ଥିଲେ ।

କଂଗ୍ରେସ ପକ୍ଷରୁ ଭୋଟ ବଂଚାଅ ଦେଶ ବଂଚାଅ ଅଭିଯାନ ପକ୍ଷରୁ ପଦଯାତ୍ରା

ଭୋଗରାଇ, ୨୫/୧୦ (ଆ.ପ୍ର) : ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଭୋଗରାଇ ବ୍ଲକ କଂଗ୍ରେସ ପକ୍ଷରୁ ଭୋଟ ବଂଚାଅ ଦେଶ ବଂଚାଅ ଅଭିଯାନ ପକ୍ଷରୁ ପଦଯାତ୍ରା ସହିତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ସମୟରେ ଜଳେଶ୍ୱରପୁର କଂଗ୍ରେସ ଭବନରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରାବାଜି ଦେଇ ଥାନାଛକରେ ପହଂଚି ସେଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନା ଅଧ୍ୟକ୍ଷତା କରିଥିଲେ । ଓଡିଶା ପ୍ରଦେଶ କମିଟିର ସାଧାରଣ ସମ୍ପାଦକ ବାଙ୍କନିଧି ବେହେରା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ପ୍ରଦେଶ କମିଟିର ସଂଖ୍ୟା ଲଘୁ ସେଲର ସମ୍ପାଦକ ସୁଦର୍ଶନ ଜେନା, ମହିଳା କଂଗ୍ରେସ ସଭାନେତ୍ରୀ ମୀନାରାଣୀ ସୁର, ଜିଲ୍ଲା ମହିଳା କଂଗ୍ରେସର ସମ୍ପାଦିକା ମମତା ସାହୁ, ରାଧାବିନୋଦ ସାହୁ, ଦୀପକ କୁମାର ଜେନା, ସୁମନ୍ତ ବେହେରା, ରାଜେନ୍ଦ୍ର ଦଳାଇ, ରାଜେନ୍ଦ୍ର ପଣ୍ଡା, କାର୍ତ୍ତିକ ଚନ୍ଦ୍ର ପାତ୍ର, ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦିକା ଉମାରାଣୀ ଦାସ, ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, ଜିଲ୍ଲା କଂଗ୍ରେସର ଉପସଭାପତି ଗୋପବନ୍ଧୁ ମହାପାତ୍ର, ପ୍ରଦୀପ ନାୟକ, ଶିଶିର ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ଗର୍ଜି ଥିଲେ । ଏଥିରେ ୨ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀମାନେ ଯୋଗଦେଇ ଥିଲେ ।

ନଭେମ୍ବର ୨୦ରୁ ଆରମ୍ଭ ହେବ ବାଲେଶ୍ୱର ଜିଲ୍ଲା ବ୍ୟାଡ୍‌ମିଂଟନ ଲିଗ୍‌ର ତୃତୀୟ ସିଜିନ୍

ବାଲେଶ୍ୱର, ୨୫/୧୦ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବ୍ୟାଡ୍‌ମିଂଟନ ଲିଗ୍‌ର ପ୍ରଥମ ଦୁଇଟି ସିଜିନ୍‌ର ସଫଳତା ପରେ ଜିଲ୍ଲା ବ୍ୟାଡ୍‌ମିଂଟନ ଆସୋସିଏସନ୍ ପକ୍ଷରୁ ତୃତୀୟ ସିଜିନ୍ ଆୟୋଜନ କରାଯିବ । ଆସନ୍ତା ନଭେମ୍ବର ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଏହି ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହେବ । ଚଳିତ ବର୍ଷର ଲିଗ୍‌ରେ ଅଂଶଗ୍ରହଣ ପାଇଁ ୧୦ଟି ଫ୍ରାଂଚାଇଜ୍ ପଞ୍ଜୀକରଣ କରିଛନ୍ତି । ଜିଲ୍ଲାର ୧୫୦ରୁ ଅଧିକ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହେବା ପାଇଁ ନାମ ପଞ୍ଜୀକରଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଉଦ୍ୟୋଗ ଭବନରେ ମେଗା ଖେଳାଳି ନିଲାମ ଅନୁଷ୍ଠିତ ହୋଇଯାଇଛି । ନିଲାମ କାର୍ଯ୍ୟକ୍ରମରେ ପ୍ରିମିୟର ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଶିବୁ

ପୋଦାର, ଏସ୍‌ଭିପିଏସ୍‌ର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଏମ୍‌ପିଏସ୍‌ର ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୟ ଦାସ, ରାଜେନ୍ଦ୍ର ରାଉତଙ୍କ ସମେତ ବାଲେଶ୍ୱର ଜିଲ୍ଲା ବ୍ୟାଡ୍‌ମିଂଟନ ଆସୋସିଏସନ୍‌ର ସଭାପତି ଚିନ୍ମୟ କାନ୍ତି ବିଶ୍ୱାଳ ଓ ସମ୍ପାଦକ ମନୋରଞ୍ଜନ ପଣ୍ଡା ଯୋଗ ଦେଇଥିଲେ । ନିଲାମ ପ୍ରକ୍ରିୟାରେ ପ୍ରତ୍ୟେକ ଫ୍ରାଂଚାଇଜ୍‌କୁ ନିଜ ପସନ୍ଦର ୧୩ ଜଣ ଖେଳାଳିଙ୍କୁ ଚୟନ କରିବା ପାଇଁ ବିଡ୍ କରିବାକୁ ପଡ଼ିଥିଲା । ଖେଳାଳିମାନଙ୍କୁ ପାଂଚଟି ଇଭେଂଟରେ ଅଂଶଗ୍ରହଣ ପାଇଁ ଚୟନ କରାଯିବ । ଏଥିରେ ସିନିୟର ପୁରୁଷ ଡବଲ୍ସ, ୩୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଡବଲ୍ସ, ସିନିୟର ମିକ୍ସଡ୍ ଡବଲ୍ସ ଏବଂ ଭେଟେରାନ୍ ଡବଲ୍ସ ଭଳି ବିଭାଗ ରହିଛି । ଭେଟେରାନ୍ ଡବଲ୍ସରେ ଜଣେ ୪୫ ବର୍ଷରୁ ଉର୍ଦ୍ଧ୍ୱ ଖେଳାଳିଙ୍କ ସହ ଜଣେ ୫୦ ବର୍ଷରୁ ଉର୍ଦ୍ଧ୍ୱ ଖେଳାଳି ଯୋଡ଼ି ହୋଇ ଖେଳିବେ । ଜିଲ୍ଲାରେ ବ୍ୟାଡ୍‌ମିଂଟନ ଖେଳର ପ୍ରସାର, ଖେଳାଳିଙ୍କ ପ୍ରତିଭାର ବିକାଶ ଏବଂ ସେମାନଙ୍କୁ ଏକ ପ୍ରତିଯୋଗିତାମୂଳକ ମଂଚ ଯୋଗାଇଦେବା ଦିଗରେ ଏହି ଲିଗ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି କ୍ରୀଡ଼ାପ୍ରେମୀ ଆଶା ପ୍ରକାଶ କରିଛନ୍ତି ।

ନାରୀକୁ ସମ୍ମାନ ଦେଲେ ଗୃହରେ ପ୍ରଗତି ଆସେ : ରାଣୀ ମନୋଜା ମଞ୍ଜରୀ ଦେବୀ

ନୀଳଗିରି, ୨୫/୧୦ (ଆ.ପ୍ର) : ଶ୍ରୀମନ୍ଦିରରେ ସପ୍ତାଭରଣର ତତ୍ତ୍ୱ ବିଶ୍ୱବାସୀଙ୍କ ପାଇଁ ଜ୍ଞାତବ୍ୟ ଅଟେ । ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର , ଶ୍ରୀ ସୁଭଦ୍ରା, ଶ୍ରୀ ସୁଦର୍ଶନ, ଶ୍ରୀ ମାଧବ, ଶ୍ରୀଦେବୀ ଓ ଶ୍ରୀଭୂଦେବୀ ହିଁ ସପ୍ତାଭରଣ ମୂର୍ତ୍ତି । ସପ୍ତାଭରଣରେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଛାଡ଼ିଲେ ଅନ୍ୟ ଆଭରଣ ଦାରୁରେ ନିର୍ମିତ । ଶ୍ରୀଦେବୀ ଓ ଭୂଦେବୀ ସ୍ୱାଭାବିକ ଭାବରେ ଲକ୍ଷ୍ମୀ ସରସ୍ୱତୀ ଅଟନ୍ତି । ଲକ୍ଷ୍ମୀ ସରସ୍ୱତୀ ଦୁଇ ସଉତୁଣୀ ଅଟନ୍ତି । ଶ୍ରୀମହାଲକ୍ଷ୍ମୀ ଶ୍ରୀଦେବୀ ଓ ସରସ୍ୱତୀ ହିଁ ଭୂଦେବୀ ଅଟନ୍ତି । ଶ୍ରୀଦେବୀ ସୃଷ୍ଟିତତ୍ତ୍ୱର ସୂଚନା ପ୍ରଦାନ କରନ୍ତି । ବଳଭଦ୍ର ବ୍ରହ୍ମା ରୂପରେ ଆରାଧିତ । ସୁଭଦ୍ରା ପ୍ରକୃତି ବା ଶକ୍ତି ସ୍ୱରୂପା । ପରମାତ୍ମା ନିଜେ ପୁରୁଷ ଓ ପ୍ରକୃତି ଅଟନ୍ତି । ଲକ୍ଷ୍ମୀ, ସରସ୍ୱତୀ, ସାବିତ୍ରୀ, ଦୁର୍ଗା ଓ ରାଧା ପ୍ରକୃତିର ପଂଚ ପ୍ରତୀକ ଅଟନ୍ତି । ବ୍ରହ୍ମା ବିଷ୍ଣୁ ଓ ମହେଶ ପରମାତ୍ମା ଭଗ୍ୱାନଙ୍କ ପ୍ରତୀକାତ୍ମକ ସମନ୍ୱିତ ପ୍ରକାଶ । ସପ୍ତାଭରଣରେ ସମସ୍ତ ଶ୍ରୀ ହିଁ ଶ୍ରୀମନ୍ଦିର ନାମକରଣ ପଛରେ ଭାରତୀୟ ଦର୍ଶନ ଶାସ୍ତ୍ରରେ ଆଧ୍ୟାତ୍ମିକ ଚିନ୍ତା ଚେତନାର ସମନ୍ୱିତ ପ୍ରତିନିଧିତ୍ୱ କରୁଛି । ଶ୍ରୀମହାଲକ୍ଷ୍ମୀ ଙ୍କର ବିଭିନ୍ନ ରୂପ ପ୍ରକାଶ ପାଇଛି । ଶ୍ରୀ ଶବ୍ଦକୁ ସୌଭାଗ୍ୟ, ସୌନ୍ଦର୍ଯ୍ୟ, ବୃଦ୍ଧି, ସିଦ୍ଧି ଏହିପରି ଅନେକ ଅର୍ଥରେ ପ୍ରୟୋଗ ହୁଏ । ଶିବଶକ୍ତିଙ୍କ ସଦୃଶ ଲକ୍ଷ୍ମୀ ଓ

ନାରାୟଣଙ୍କ ସଂପର୍କ ଅବିଚ୍ଛେଦ୍ୟ । ଯେଉଁଠାରେ ନାରାୟଣ ସେହିଠାରେ ଲକ୍ଷ୍ମୀ ବିରାଜମାନ କରନ୍ତି । ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ପୁରୁଷୋତ୍ତମ ଯେଉଁଠାରେ ଅବସ୍ଥାନ କରନ୍ତି ଲକ୍ଷ୍ମୀ ସର୍ବତ୍ର ଓ ସର୍ବଦା ତାଙ୍କ ସହ ଅବସ୍ଥାନ କରନ୍ତି ମା ଲକ୍ଷ୍ମୀ ସ୍ୱୟଂ ଗୃହିଣୀ । ବ୍ରହ୍ମ ସଂହିତାର ପଂଚମ ଅଧ୍ୟାୟରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଶ୍ରୀକୃଷ୍ଣଙ୍କ ସ୍ତବରେ ଉଲ୍ଲେଖ କରିଛନ୍ତି ଯେ ଲକ୍ଷ ଲକ୍ଷ କଳ୍ପବୃକ୍ଷରେ ଆବୃତ ଚିନ୍ତାମଣିନିକର ରଚିତ ଗୃହ ମନଙ୍କରେ ସୁରଭି ଅର୍ଥାତ କାମଧେନୁଗଣଙ୍କୁ ଯେ ପାଳନ କରନ୍ତି ସେ ଶତ ସହସ୍ର ଲକ୍ଷ୍ମୀଗଣଙ୍କ ଦ୍ୱାରା ସାଦରେ ପରିବେଷ୍ଟିତ ହୁଅନ୍ତି । ପଦ୍ମପୁରାଣରେ ଉଲ୍ଲେଖ ଅଛି ମା' ଲକ୍ଷ୍ମୀଙ୍କର ଅମିୟ ହସ୍ତସ୍ପର୍ଶ ଯୋଗୁଁ ମହାପ୍ରସାଦ ସୁସ୍ୱାଦ ଓ ରୁଚିକର ହୋଇଥାଏ । ଆହୁରି ସ୍କନ୍ଦ ପୁରାଣରେ କୁହାଯାଇଛି କେବଳ ରନ୍ଧନ ଦ୍ୱାରା ନୁହେଁ, ଶ୍ରୀ ଜଗନ୍ନାଥଙ୍କ ପ୍ରୀତ୍ୟାର୍ଥେ ମା ' ନିଜେ ଖାଦ୍ୟ ପରିବେଷଣ କରିଥାନ୍ତି । ସର୍ବୋପରି ଶ୍ରୀମନ୍ଦିରରେ ବାୟୁକୋଣରେ ଅବସ୍ଥିତ ଶ୍ରୀମହାଲକ୍ଷ୍ମୀଙ୍କ ମନ୍ଦିର ପରିସରରେ ମା ' ଙ୍କ ବିଗ୍ରହ ଦର୍ଶନରେ ଯେଉଁ ପ୍ରଶାନ୍ତି , ଆନନ୍ଦ ଓ ଯେତେ ସୌନ୍ଦର୍ଯ୍ୟର ବିଭା ଫୁଟି ଉଠେ ତାହା ମନ୍ଦିର ବେଢ଼ାର ଅନ୍ୟ ବିଗ୍ରହଙ୍କ ନିକଟରେ ଫୁଟି ନଥାଏ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ଶ୍ରୀ ଜଗନ୍ନାଥ ସଂସ୍କୃତି ବିଷୟକ ୨୧ତମ ଆଭାସୀ ପାଠଚକ୍ରରେ ଶ୍ରୀମନ୍ଦିର ଓ ଶ୍ରୀ ମହାଲକ୍ଷ୍ମୀ ଶୀର୍ଷକ ବିଷୟରେ ଅତିଥି ନୀଳଗିରିର ରାଜମାତା ମନୋଜା ମଞ୍ଜରୀ ଦେବୀ ଓ ଆଲୋଚକ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ପରିବାରର ସଂପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ନୟାଗଡ଼ ସଦସ୍ୟ ଶ୍ରୀଯୁକ୍ତ ପ୍ରଫୁଲ୍ଲକୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ସ୍ମିତିପ୍ରଜ୍ଞା ମହାନ୍ତି ଶ୍ରୀଜଗନ୍ନାଥାଷ୍ଟକ ପଠନ କରିଥିବାବେଳେ କୁମାରୀ ନିବେଦିତା ମହାପାତ୍ର ସ୍ୱାଗତ ଭଜନ ପରିବେଷଣ କରିଥିଲେ । ଶେଷରେ କୁମାରୀ ଭାର୍ଗବୀ ରାଉତ କୃତଜ୍ଞତା ପ୍ରଦାନ କରିଥିବାବେଳେ କେନ୍ଦୁଝରର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ହରିନାରାୟଣ ରାଉତ ଶାନ୍ତିମନ୍ତ୍ର ପାଠ କରିଥିଲେ । ଏହି ପାଠଚକ୍ରରେ ବହୁ ଜଗନ୍ନାଥପ୍ରେମୀ ଯୋଗଦାନ କରିଥିଲେ ।

ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ବୈଠକ ଓ ବନ୍ଧୁମିଳନ



ବାଲେଶ୍ୱର, ୨୫/୧୦ (ଆ.ପ୍ର) : ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ବୈଠକ ଓ ବିଜୟା ବନ୍ଧୁମିଳନ ବାଲେଶ୍ୱର ସହରର ମାର୍ଜା ପୋଖରୀ ଲେନ୍ ନିକଟସ୍ଥ ପୌରପାଳିକାର ଉପସଭାପତି ବିରେନ୍ଦ୍ର କୁମାର କର, ପିତା ସ୍ୱର୍ଗତ ନୟନ ଚନ୍ଦ୍ର କରଙ୍କ ବାସଭବନରେ ରବିବାର ଦିନ ପବିତ୍ର କୁମାର ପୂର୍ଣ୍ଣମୀ ଓ ଗଜଲକ୍ଷ୍ମୀ ପୂଜା ଅବସରରେ ଯଥୋଚିତ ଉତ୍ସାହ ଓ ଉଦ୍ଦୀପନାର ସହ ବ୍ରାହ୍ମଣ ସମିତିର ବହୁ କର୍ମକର୍ତ୍ତା ଓ ସଦସ୍ୟଙ୍କ ଉପସ୍ଥିତିରେ ପୌରପାଳିକାର ମୁଖ୍ୟ ଉପଦେଷ୍ଟା ପଣ୍ଡିତ କମଳାକାନ୍ତ ତ୍ରିପାଠୀ ଓ ରେମୁଣା ବ୍ଲକ ବ୍ରାହ୍ମଣ ମହାସଭାର ପ୍ରତିଷ୍ଠାତା ସଭ୍ୟ ପଣ୍ଡିତ ଶଶିପଦ ପଣ୍ଡାଙ୍କ ଦ୍ୱାରା ମଙ୍ଗଳାଷ୍ଟକ ପାଠ ମଧ୍ୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପୌରପାଳିକାର ସଭାପତି ଡକ୍ଟର ଗୌର ସାଧନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରଦୀପ କୁମାର ପତି ଓ ପଣ୍ଡିତ ଜଗନ୍ନାଥ ମିଶ୍ର ବେଦ ପାଠ କରିଥିଲେ । ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତି ପ୍ରତି ବିଶେଷ ଅବଦାନ ଓ ଆର୍ଥିକ ଅନୁଦାନ ଘୋଷଣା କରିଥିବାରୁ ନୀଳଗିରି ବ୍ରାହ୍ମଣ ସମିତିର ସଭାପତି ପଣ୍ଡିତ ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ ଓ ପୃଷ୍ଠପୋଷକ ସୁରେଶ କୁମାର ଦାସଙ୍କୁ ପୌରପାଳିକା ତରଫରୁ ବରିଷ୍ଠ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ରାଧାକୃଷ୍ଣ ଆଚାର୍ଯ୍ୟ, ବୀରକିଶୋର ପାଣିଗ୍ରାହୀ ଓ ପଣ୍ଡିତ ଭାସ୍କର ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରେମୁଣା ବ୍ଲକ ସଭାପତି ପଣ୍ଡିତ ହରିଶ୍ଚନ୍ଦ୍ର ପଣ୍ଡା ଓ ଜଳେଶ୍ୱର ବ୍ଲକର ସଭାପତି ପଣ୍ଡିତ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ସର୍ବଶ୍ରୀ ସରୋଜ ନାରାୟଣ ଷଡ଼ଙ୍ଗୀ, ଅଶୋକ କୁମାର ତ୍ରିପାଠୀ, ସର୍ବେଶ୍ୱର ପତି, ଚିତ୍ତରଞ୍ଜନ ପଣ୍ଡା, ଜଗବନ୍ଧୁ ଦାଶ, ଭରତ ଚନ୍ଦ୍ର ପଣ୍ଡା, ନିଳାମ୍ବର ମହାପାତ୍ର, ଶ୍ୟାମ ସୁନ୍ଦର ଶୁକ୍ଳ, ଗଣେଶ୍ୱର ପଣ୍ଡା, କୃଷ୍ଣ ଚନ୍ଦ୍ର ଦାଶ ପ୍ରମୁଖ ଉଦବୋଧନ ଦେଇ ବ୍ରାହ୍ମଣ ସମିତିର ସାଂଗଠନିକ ଦକ୍ଷତା ବୃଦ୍ଧି ସହ ବ୍ରାହ୍ମଣ ସମାଜର ଏକତା ପାଇଁ ସମସ୍ତେ ସହଯୋଗ କରିବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସଂପାଦକ ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ତାଙ୍କର ସାଂଗଠନିକ ଦକ୍ଷତା ପାଇଁ ସମସ୍ତେ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସମସ୍ତେ ଏକତାବଦ୍ଧ ହୋଇ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ ଓ ପୌରପାଳିକାର ସଙ୍ଗଠନର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ବନ୍ଧୁମିଳନ ମଧ୍ୟରେ ଶପଥ ନେଇଥିଲେ । ସର୍ବଶେଷରେ ପୌରପାଳିକାର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ଚନ୍ଦ୍ରାଂଶୁ ବାନାର୍ଜୀ ସମସ୍ତଙ୍କୁ ସାନୁଗ୍ରହ ଉପସ୍ଥିତି ପାଇଁ ହାର୍ଦ୍ଦିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ ।

କିଓସ୍କ ବ୍ୟାଙ୍କଶାଖା ପରିଚାଳିକାଙ୍କ ଦ୍ୱାରା ଆଦିବାସୀ ମହିଳା ଠକେଇର ଶିକାର

ସାଂସଦଙ୍କ ହସ୍ତକ୍ଷେପ ପରେ ପରିଚାଳିକାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ

ନୀଳଗିରି, ୨୫/୧୦ (ଆ.ପ୍ର) : ଟିପଚିହ୍ନ ନେଲେ । ସର୍ଭରଡାଉନ୍ କହି ୨ଜଣ ହିତାଧିକାରୀଙ୍କୁ ପରେ ଆସି ଟଙ୍କା ଉଠାଣ କରିବାକୁ କହି ଫେରାଇ ଦେଇଥିଲେ ନରଣପୁର କିଓସ୍କ ବ୍ୟାଙ୍କର ଶାଖାପରିଚାଳିକା । ପରବର୍ତ୍ତୀ ସମୟରେ ଟଙ୍କା ଉଠାଣକରିବାକୁ ଆସି ଉକ୍ତ ଦୁଇଜଣ ଆଦିବାସୀ ମହିଳା ହିତାଧିକାରୀ ସେମାନଙ୍କର ଏକାଉଂଟରେ ଟଙ୍କା ନଥିବା ଦେଖି ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ନରଣପୁର ପଂଚାୟତ ନରଣପୁର ଗ୍ରାମରେ । ତେବେ ସଂପୃକ୍ତ ଆଦିବାସୀ ମହିଳା ସାଂସଦଙ୍କ ଠାରେ ଫେରାଦ ହେବାପରେ ହରଡ଼ଘଣାରେ ପଡ଼ିଛନ୍ତି ଶାଖାପରିଚାଳିକା । ସୂଚନାରୁ ଜଣାଯାଇଛି, ନରଣପୁର ଗ୍ରାମର ମିନତି ସାହୁଙ୍କ ନାମରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକ କିଓସ୍କଶାଖା ରହିଥିବା ବେଳେ ଉକ୍ତ ଅଂଚଳର ଶହଶହ ହିତାଧିକାରୀ ଏହି ଶାଖାରେ ଟଙ୍କା ନେଣଦେଣ କରିଥାନ୍ତି । ସଂପୃକ୍ତ ଶାଖାପରିଚାଳିକା ମିନତୀ ସାହୁ ସୁଲଭ ଖାଉଟି ଦୋକାନ (ରିଟଲାର୍), ସିଆରପି, କିଓସ୍କ ବ୍ୟାଙ୍କ ଭଳି ସରକାରଙ୍କ ଏକାଧିକ ଜନକଲ୍ୟାଣକାରୀ ଯୋଜନାର ଫାଇଦା ନେଇ ଲୋକଙ୍କୁ ଠକିବାର ନଜିର ରହିଥିବା ବେଳେ ଏବେ ଏହିଦୁଇଜଣ ଗରୀବ ଆଦିବାସୀ ମହିଳାଙ୍କ ବ୍ୟାଙ୍କ ଆକାଉଂଟରୁ ଟଙ୍କା ହଡ଼ପକରିଥିବା ଅଭିଯୋଗପାଇ ବାଲେଶ୍ୱର ସାଂସଦଙ୍କ ହସ୍ତକ୍ଷେପ ପରେ ବରହମ୍ପୁର ପୋଲିସ ୨ଟି ପୃଥକ୍ ପୃଥକ୍ ମାମଲା

ରୁଜୁକରି ତଦନ୍ତ କରୁଥିବା ଜଣାପଡିଛି । ସୂଚନା ମୁତାବକ ଉକ୍ତ ପଂଚାୟତ ଡାହିସାହି ଗ୍ରାମର ବିଧବାମହିଳା ଗୌରୀ ମାଝୀ ସୁଭଦ୍ରା ଯୋଜନାରେ ୫ହଜାର ପାଇଥିବା ବେଳେ ଗତ ସେପ୍ଟେମ୍ବର ୧୧ତାରିଖରେ ଟଙ୍କା ଉଠାଣପାଇଁ ଯାଇ ଟିପଚିହ୍ନ ଦେଇଥିଲେ ହେଁ ସର୍ଭର ଡାଉନ୍ ଥିବାକହି ମିନତୀ ସାହୁ ଫେରାଇ ଦେଇଥିଲେ । ମାତ୍ର ସଂପୃକ୍ତ ମହିଳା ଗୌରୀ ମାଝୀ ଅପାଠୁଆ ଥିବାରୁ ତାଙ୍କ ଝିଅ ଘରକୁ ଫେରିବାପରେ ଅକ୍ଟୋବର ୧୦ତାରିଖ ଆକାଉଂଟ ବହି ଅପଟୁଡେଟ୍ କଲାପରେ ଆକାଉଂଟ ଖାଲିଥିବା ଜାଣିବାକୁ ପାଇଥିଲେ । ପରବର୍ତ୍ତୀ ସମୟରେ ସଂପୃକ୍ତ ପରିଚାଳିକାଙ୍କୁ ପଚାରିବାରୁ ତମେ ଟଙ୍କା ଉଠାଇନେଇଛ କହି ପରିଚାଳିକା ଏବଂ ତାଙ୍କ ସ୍ୱାମୀ ଗଜେନ୍ଦ୍ର ସାହୁ ମିଶି ପାଲଟା ଗାଳିଗୁଲଜ କରିବାସହିତ ମାରଧର କରିବାକୁ ଗୋଡାଇଥିଲେ । ଅନୁରୂପ ଭାବେ ଉକ୍ତ ଗ୍ରାମର ସୀତା ଟୁଡୁ ନାମ୍ନୀ ମହିଳା ଉକ୍ତ ଶାଖାରେ ଅକ୍ଟୋବର ୧୫ତାରିଖରେ ୨୮ହଜାର ଟଙ୍କା ଜମା କରିଥିଲେ ଏବଂ ଜମା ଟଙ୍କାର ରସିଦ ମଧ୍ୟ ପାଇଥିଲେ । ପରେ ଟଙ୍କା ଆବଶ୍ୟକ ହେବାରୁ ଅକ୍ଟୋବର ୨୦ତାରିଖରେ ୫ହଜାର ଟଙ୍କା ଉଠାଣକରି ଜମାଖାତାରେ କେତେ ଟଙ୍କା ରହିଲାବୋଲି ଜାଣିବାକୁ ଚାହିଁବାରୁ ୪ହଜାର ୮ଶହ ୭୮ ଟଙ୍କା ଜମାରହିଥିବା ପରିଚାଳିକା କହିଥିଲେ । ପରବର୍ତ୍ତୀ ସମୟରେ ପରିଚାଳିକା ମିନତୀଙ୍କୁ କାହିଁକି ଟଙ୍କା ଜମା ହୋଇନାହିଁ ପଚାରିଥିଲେ । ଭୁଲରେ ଜମା ହୋଇନଥିବା କହି ୨୨ତାରିଖରେ ୨୦ହଜାର ଟଙ୍କା ଡିପୋଜିଟ୍ କରିଦେଇଥିଲେ । ତେବେ ସନ୍ଦେହ ହେବାରୁ ଆକାଉଂଟ ଅପଡେଟ୍ କରିବା ପରେ ୨୮ହଜାର ବଦଳରେ ୨୦ହଜାର ଜମା ହୋଇଥିବା ଜାଣିବାକୁ ପାଇଥିଲେ । ଟଙ୍କା ହେରଫେର ହୋଇଥିବା ନେଇ ଗତ ୨୩ତାରିଖ ଉଭୟ ପୀଡ଼ିତା ମହିଳା ବରହମ୍ପୁର ଥାନାରେ ଅଭିଯୋଗ କରିବା ସହିତ ବରହମ୍ପୁର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଅବଗତ କରିଥିଲେ । ମାତ୍ର ଉଭୟ ବ୍ୟାଙ୍କଶାଖା ପରିଚାଳକ ଏବଂ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇନଥିବାରୁ ବାଧ୍ୟହୋଇ ବାଲେଶ୍ୱର ସାଂସଦଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ତୁରନ୍ତ ସାଂସଦ ସଂପୃକ୍ତ ବିଭାଗୀୟ ଅଧିକାରୀ, ପୋଲିସ ଅଧୀକ୍ଷକ, ବ୍ୟାଙ୍କ ଅଧିକାରୀ , ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ଅବଗତକରି ଗରୀବ ଅସହାୟ ଆଦିବାସୀ ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନକରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସେଇଥିରୁ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୭ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ବିପ୍ଲାତ ପୂର୍ବ ପ୍ରସ୍ତୁତି

ସାଧାରଣ ଲୋକକଥାଟିଏ ଅଛି ଯାହା ସହିତ ଆମେ ସମସ୍ତେ ଅଳ୍ପ ବହୁତ ପରିଚିତ । ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି । ଏଭଳି କଥାର ଅର୍ଥକୁ ନେଇ ଯିଏ ଯାହା ବୁଝୁ, ଯେମିତି ବୁଝୁ ତେବେ ଗୋଟାଏ କଥା ସାଧାରଣ ଯେ ବିପ୍ଲାତ ସମସ୍ତଙ୍କ ମନରେ ଭୟ ଆଉ ଆଶଙ୍କା ସୃଷ୍ଟି କରିଥାଏ । ବିପ୍ଲାତ ସମାଜରେ ବିପତ୍ତି ସୃଷ୍ଟି କରିଥାଏ ଯାହାକୁ ସାମ୍ନା କରିବା ଏକପ୍ରକାର ଅସମ୍ଭବ ହୋଇପଡ଼େ । ବିପ୍ଲାତକୁ ସାମ୍ନା କରିବାର ଅର୍ଥ ବିପଦକୁ ବରଣ କରିବା । କେହି କ'ଣ କେବେ ଚାହିଁବ ବିପଦ ବରଣ । ବିପଦ ଆସିଲେ ଚୁପ୍ ବସିବା ମଧ୍ୟ ସମ୍ଭବ ନୁହେଁ କିନ୍ତୁ ବିପଦର ମୁକାବିଲା କରିବା ମଧ୍ୟ ଏତେ ସହଜ ନୁହେଁ । କେବେ କେବେ କେହି କେହି କହନ୍ତି, ଅସମ୍ଭବ ବୋଲି କିଛି ନାହିଁ । ସବୁ କିଛି ସମ୍ଭବ! ହେଲେ କଥାଟା କହିବା ଯେତିକି ସମ୍ଭବ, କାମରେ ପରିଣତ କରିବା ସେମିତି ସମ୍ଭବ ନୁହେଁ । ଯଦି ସବୁକିଛି ମଣିଷ ଦ୍ୱାରା ସମ୍ଭବ ହୋଇପାରନ୍ତା ତେବେ ସମାଜରେ ପ୍ରାୟତଃ ଏପରି ଦୁର୍ଘଟଣାମାନ ସଂଘଟିତ ହେଉନଥାନ୍ତା । ଦୁର୍ଘଟଣା ଯଦି ମନୁଷ୍ୟାକୃତ ତେବେ ତା'ର ମୁକାବିଲା ବି କଷ୍ଟସାଧ୍ୟ, ଦୁର୍ଘଟଣା ଯଦି ପ୍ରାକୃତିକ ତେବେ ତା'ର ମୁକାବିଲା ଆହୁରି କଷ୍ଟସାଧ୍ୟ । ଥରେ ଭାବନ୍ତୁ, ବିପଦର ମୁକାବିଲା କରିବା ଯଦି ଏତେ କଷ୍ଟସାଧ୍ୟ ତେବେ ସେଭଳି ବିପଦ ସମାଜ ପାଇଁ କେତେ ଭୟଙ୍କର ହୋଇପାରେ ଯାହା ମଣିଷକୁ କୌଣସି ବି ସମୟରେ ମୃତ୍ୟୁମୁଖକୁ ଟାଣିନେଇପାରେ । ତଥାପି ବିପଦର ମୁକାବିଲା କରିବା ହେଉଛି ମଣିଷର ଦାୟିତ୍ୱ, ମଣିଷର କର୍ତ୍ତବ୍ୟ । ସେଇଥିପାଇଁ ତ ସେ ମଣିଷ । ବିଜ୍ଞାନର ଆଜି ବିଜୟବାନା ଉଡୁଥିଲାବେଳେ ସାଧାରଣ ମଣିଷଟିଏ ଏଠି ବଞ୍ଚିବା ପାଇଁ ସଂଘର୍ଷ କରୁଛି । ସେହି ମଣିଷଟା ପାଇଁ ବିପଦର ମୁକାବିଲା କରିବା କିଭଳି ସମ୍ଭବ , କେତେଦୂର ସମ୍ଭବ ଏହା ନିଶ୍ଚିତ ଏକ ପ୍ରଶ୍ନ । ବିପଦ ଯେବେ ଆସେ କହି ବୋଲି କି ଆସେନି, କୌଣସି ସ୍ଥିତି କି ପରିସ୍ଥିତି ଦେଖେନି । ସବୁ ସତ୍ତ୍ୱେ ବିପଦର ମୁକାବିଲା କରିବା ଅପରିହାର୍ଯ୍ୟ । ନିଜର ସୁରକ୍ଷା ସହ ଅନ୍ୟର ସୁରକ୍ଷା ମଧ୍ୟ ଜରୁରୀ । ସୁରକ୍ଷା ଯଦି ଜରୁରୀ, ତେବେ ମୁକାବିଲା ମଧ୍ୟ ଜରୁରୀ । ମୁକାବିଲା ପାଇଁ ଆବଶ୍ୟକ ଏକ ସଫଳ ତଥା ସଶକ୍ତ ପୂର୍ବ ପ୍ରସ୍ତୁତି । କେବଳ ସେହିପ୍ରକାର ପ୍ରସ୍ତୁତି ସମାଜକୁ ସୁରକ୍ଷା ଦେଇପାରିବ, ମଣିଷକୁ ସୁରକ୍ଷା ଦେଇପାରିବ । ବିପଦ ପ୍ରାକୃତିକ ହେଉ କି ମନୁଷ୍ୟାକୃତ ସେଥିରୁ ସୁରକ୍ଷା ପାଇବା ଯେମିତି ଜରୁରୀ, ତା'ର ମୁକାବିଲା ମଧ୍ୟ ସେମିତି ଜରୁରୀ । ସେଥିନେଇ ସବୁଠାରୁ ଜରୁରୀ ପୂର୍ବ ପ୍ରସ୍ତୁତି । ସେଥିପାଇଁ ପୂର୍ବ ବିଷୟ ପ୍ରତି ଅବଶ୍ୟ ଧ୍ୟାନ ଦେବାକୁ ପଡ଼ିବ । ରାସ୍ତାରେ ଗଲାବେଳେ ଦୁର୍ଘଟଣା ଯେ ଘଟିବ, ଏହା ଭାବିବା ପୂରା ଭୁଲ୍, ତେବେ କୌଣସି କାରଣରୁ କୌଣସି ବି ସ୍ଥାନରେ କେତେବେଳେ କିଛି ବି ଦୁର୍ଘଟଣା ଘଟିପାରେ । ଦୁର୍ଘଟଣା ଯଦି ମନୁଷ୍ୟାକୃତ ତେବେ ପ୍ରତ୍ୟକ ମନୁଷ୍ୟ ନିଜକୁ ସର୍ବଦା ସଂଯତ ତଥା ସାବଧାନ ରଖିବା ଉଚିତ । ଏହା ହିଁ ପ୍ରଥମ ପ୍ରସ୍ତୁତି । ପରେ ସେ ନେଇ ସରକାରଙ୍କୁ କିଛି କଠୋର ପଦକ୍ଷେପ ନେବାକୁ ପଡ଼ିବ । ଦୁର୍ଘଟଣା ପାଇଁ ପରୋକ୍ଷରେ ବା ପ୍ରତ୍ୟକ୍ଷରେ ଦାୟୀ ରହୁଥିବା ବ୍ୟକ୍ତିଙ୍କ ପାଇଁ ସରକାରଙ୍କୁ ଏଭଳି କିଛି ଦଣ୍ଡବ୍ୟବସ୍ଥା କରିବାକୁ ପଡ଼ିବ ଯାହାଦ୍ୱାରା ଆଗାମୀ ସମୟରେ ଦୁର୍ଘଟଣାର ମାନ ହ୍ରାସ ପାଇବ । ଯଦି ପ୍ରାକୃତିକ, ତେବେ ସେପାଇଁ ବି ଆବଶ୍ୟକ ପ୍ରଥମ ପ୍ରସ୍ତୁତି । ଖାଲି ସେତିକିରେ କାମ ଚଳିବ ନାହିଁ । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତିର ଆବଶ୍ୟକତା ରହିଛି ଯାହାକୁ ନେଇ ପ୍ରତ୍ୟକଙ୍କୁ ଭାବିବା ଉଚିତ । ତେବେ ଏ ଦିଗରେ ସରକାରଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ମନୁଷ୍ୟାକୃତ ଦୁର୍ଘଟଣା ବ୍ୟତୀତ ପ୍ରାକୃତିକ ଦୁର୍ଘଟଣା ମଣିଷ ପାଇଁ ଆଜି ବହୁତ ବଡ଼ ଚିନ୍ତାର ବିଷୟ ପାଲଟିଛି । ପ୍ରତିବର୍ଷ ବନ୍ୟା , ବାତ୍ୟା ଭୂକମ୍ପ ଭଳି ନାନା ବିପର୍ଯ୍ୟୟ ଆମ ଦେଶର ବିଭିନ୍ନ ସ୍ଥାନରେ ସଂଘଟିତ ହୋଇ ଦେଶର ସ୍ଥିତିକୁ ଦୋହଲାଇଦେଉଛି । ସାଧାରଣ ଜନତାଙ୍କ ପରିସ୍ଥିତି ବି ଅତି ଖରାପ ହୋଇଯାଉଛି ସେହି କାରଣରୁ । ପ୍ରତିବର୍ଷ ଦେଶରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ତଦ୍ୱାରା କେତେ ଯେ ଧନ ଜୀବନ ହାନି ଘଟୁଛି , ତା'ର କୌଣସି ହିସାବ ନାହିଁ ।

ଚିନ୍ତାନାୟକ ପ୍ରଫେସର ଚିତରଞ୍ଜନ ଦାସ

॥ ଡଃ.ଅରୁନ୍ଧତୀ ଦେବୀ ॥

ମହାନ ଚିନ୍ତାନାୟକ ପ୍ରଫେସର ଚିତରଞ୍ଜନ ଦାସ ଏକାଧାରରେ ଥିଲେ ଜଣେ ବିଶିଷ୍ଟ ଲେଖକ, ଗବେଷକ, ଦାର୍ଶନିକ, ମନୋବିଜ୍ଞାନୀ ଓ ସ୍ୱାଧୀନତା ସଂଗ୍ରାମୀ । ଦଶମ ଶ୍ରେଣୀରେ ପଢୁଥିବାବେଳେ ସାଧାରଣ ଛାତ୍ର ଧର୍ମଘଟ ଓ ସତ୍ୟାଗ୍ରହରେ ଭାଗ ନେଇ ଗିରଫ ହୋଇଥିଲେ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ପିଲାବେଳୁ ହିଁ ତାଙ୍କ ଦେଶ ପ୍ରତି ସମର୍ପଣ ଭାବ ଓ ତୀକ୍ଷ୍ଣ ତଥା ଅଧ୍ୟବସାୟ ଶିକ୍ଷା ଦ୍ୱାରା ସେ ସବୁବେଳେ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଭାବେ ବାରି ହୋଇପଡୁଥିଲେ । ରେଭେନ୍ସାର ଛାତ୍ର ଥିବାବେଳେ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ଭାଗ ନେଇଥିଲେ । ଏଥିପାଇଁ ତାଙ୍କୁ କଲେଜ ଛାଡ଼ିବାକୁ ପଡ଼ିଥିଲା । ପ୍ରଖ୍ୟାତ ସମାଜବାଦୀ ନେତା ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ସହିତ ମିଶି ବ୍ରିଟିଶ ବିରୋଧୀ କାର୍ଯ୍ୟକଳାପରେ ନିଜକୁ ସାମିଲ କରିଥିଲେ । ଗିରଫ ହୋଇ ଜେଲ ଦଣ୍ଡ ଭୋଗିଥିଲେ ଦେଢ଼ ବର୍ଷ । ସେହି ସମୟରେ ଜେଲ ଭିତରେ ଥାଇ ସେ ଅସଂଖ୍ୟ ପୁସ୍ତକ ପଢ଼ି ନିଜକୁ ସୁଗଠିତ କରିଥିଲେ ।

ଜେଲରୁ ମୁକୁଳିବା ପରେ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ ଶାନ୍ତିନିକେତନ ସେଠାରୁ ଡେନମାର୍କର କୋପେନ୍‌ହେଗେନ୍ ଯାତ୍ରା ଓ ମନୋବିଜ୍ଞାନ ଅଧ୍ୟୟନ । ବିଦେଶରେ ପ୍ରାୟ ଚାରି ବର୍ଷ କଟିଥିଲା । ସ୍ୱଦେଶ ଫେରିବା ପରେ ଅନୁଗୁଳର ଚମ୍ପତିମୁଣ୍ଡାରେ ସ୍ଥାପିତ ଜୀବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଯୋଗଦେଇଥିଲେ । ଏହି ବିଦ୍ୟାଳୟ ଥିଲା ଶିକ୍ଷା ବ୍ୟବସ୍ଥାର ଏକ ଅନନ୍ୟ ଉତ୍କର୍ଷ କେନ୍ଦ୍ର । ଏହି କେନ୍ଦ୍ରରୁ ଅନେକ କୃତବିଦ୍ୟ ଶିକ୍ଷାବିତ ସେମାନଙ୍କ ଶିକ୍ଷା ଲାଭ କରିଛନ୍ତି । କବିତା, ଭ୍ରମଣ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଶିଶୁ ସାହିତ୍ୟ, ପ୍ରବନ୍ଧ ଓ ରମ୍ୟ ରଚନା, ଆଲୋଚନା ତଥା ଗବେଷଣା ଉପରେ ଦୁଇ ଶହରୁ ଅଧିକ ପୁସ୍ତକର ସେ ରଚୟିତା । ମିତ୍ରସୀ ଚଷୁସା ତାଙ୍କର ଆତ୍ମଜୀବନୀ । ଜୀବନ ବିଦ୍ୟାଳୟ ପାଇଁ ୧୯୬୧ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଆ ଓ ଓଡ଼ିଶା ପାଇଁ ୧୯୮୯ରେ ଶାରଳା ଏବଂ ବିଶ୍ୱକୁ ଗବାକ୍ଷ ପାଇଁ ୧୯୯୮ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଦ୍ୱାରା ସେ ସମ୍ମାନିତ ହୋଇଥିଲେ । ୧୯୨୩ ଅକ୍ଟୋବର ଆଜିର ଦିନରେ କଟକ ଜିଲ୍ଲା ଅନ୍ତର୍ଗତ ବାରଲପୁର ଗ୍ରାମରେ ଚିତରଞ୍ଜନ ଦାସ ଜନ୍ମ ଗ୍ରହଣ କରିଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ସ୍ୱାସ୍ଥ୍ୟ ଓ ସଦାଚାର

॥ ଦେବଦ୍ୟୁତି ସ୍ୱାଇଁ ॥

ମନିଷୀମାନେ କହିଛନ୍ତି 'ଶରୀରଂ ଆଦ୍ୟମ ଖଳୁ ଧର୍ମ ସାଧନମ୍' । ଧର୍ମ ସାଧନ ବା ପାଳନ କରିବାକୁ ଗଲେ ଶରୀର ବିଧାନ ବୁଝିବା ଅତ୍ୟନ୍ତ ଜରୁରୀ । ଶରୀର ବିଧାନ ଅଟୁଟ ରହିଲେ ଧର୍ମ ସାଧନ ସହଜ ହୋଇଥାଏ । ପରୋକ୍ଷରେ ଧର୍ମ ହିଁ ଶରୀରକୁ ରକ୍ଷାକରେ ଶରୀର ଉନ୍ନତ ହେଲେ ଶରୀରରୁ ସତ୍ତାର କ୍ରମୋନ୍ନତି ହୁଏ । ଶରୀର ସତ୍ତା ହିଁ ଭଗବାନ ସ୍ୱରୂପ, ଧର୍ମ ବୁଝି ପାରିଲେ ଜଣାପଡ଼େ, ଶରୀର ରକ୍ଷା ବିଧାନକୁ ଆୟୁର୍ବେଦରେ ସ୍ୱାସ୍ଥ୍ୟ କୁହାଯାଏ । ଯାହା ଭିତରେ ସତ୍ତା ପୁରୁଷ ସହଜ ଭାବରେ ଅବସ୍ଥାନ କରନ୍ତି । ପୁନଶ୍ଚ ସତ୍ତା ପୁରୁଷଙ୍କୁ ଜାଣିବାକୁ ଗଲେ ଶରୀର ସାଧନ ବା ଶରୀରକୁ ତାଙ୍କ ସହ ଯୁକ୍ତ କରିବାର ବିଧାନକୁ ସଦାଚାର କୁହାଯାଏ । ଯେଉଁ ଆଚାର ଫଳରେ ଶରୀରସ୍ଥ ସତ୍ତା ପୁରୁଷ ଆତ୍ମ ପ୍ରକାଶ କରନ୍ତି, ତାହାକୁ ସଦାଚାର କୁହାଯାଏ ।

ଏଣୁ କୁହାଯାଉଛି ସଦାଚାର ରତ ମଣିଷ ଅତି ସହଜରେ ଭଗବାନଙ୍କର ସାକ୍ଷାତ ପାଇଯାଏ । ସ୍ୱାସ୍ଥ୍ୟ ଓ ସଦାଚାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ଅର୍ଥାତ୍ ଯେ ସୁନ୍ଦର ସ୍ୱାସ୍ଥ୍ୟ ଚାହେଁ ସେ ଅବିକଳେ ସଦାଚାର ଆଚରଣ ଭିତରେ ଦେଇ ଜୀବନ ନିର୍ବାହ କରିବାକୁ ପଡ଼ିବ । ସୁନ୍ଦର ସ୍ୱାସ୍ଥ୍ୟ ପାଇବାକୁ ଗଲେ, ଭେଷଜ ବିଜ୍ଞାନରେ ଅନେକ ପନ୍ଥା ନିର୍ଦ୍ଧାରଣ କରଯାଇଛି, କିନ୍ତୁ ସିଦ୍ଧ ସାଧକମାନେ କହିଛନ୍ତି ଯେ ପାପମୁକ୍ତ, ଶରୀର ହିଁ ସୌନ୍ଦର୍ଯ୍ୟର ସ୍ଥାୟିତ୍ୱ ଦେଇପାରେ ନଚେତ୍ ଅନ୍ୟ ପନ୍ଥାରେ ସୌନ୍ଦର୍ଯ୍ୟ ଆସିପାରେ, କିନ୍ତୁ ସ୍ଥାୟୀ ନୁହେଁ । ଭେଷଜ ବିଜ୍ଞାନ କେବଳ ସ୍ଥୂଳ ଶରୀରର ଚର୍ଚ୍ଚା କରିପାରେ, କିନ୍ତୁ ଆଧ୍ୟାତ୍ମିକ ବିଜ୍ଞାନ ସ୍ଥୂଳ, ସୂକ୍ଷ୍ମ ଏବଂ ଲିଙ୍ଗ ଶରୀର ପର୍ଯ୍ୟନ୍ତ ସାଧନ କ୍ରିୟା ଦର୍ଶାଇ ପାରେ । ବିନା ସାଧକରେ ଏ ପ୍ରକାର ତତ୍ତ୍ୱ ସାଧାରଣତଃ ପ୍ରକାଶ ଯୋଗ୍ୟ ନୁହେଁ ।

ସ୍ୱାସ୍ଥ୍ୟ ଓ ସଦାଚାର ବିଷୟରେ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯାହା ଯାହା କହିଯାଇଛନ୍ତି ତାହା ମଣିଷ ପାଇଁ ଅମୃତ ତୁଲ୍ୟ । ସଂକ୍ଷେପରେ କହିଲେ ମନକୁ ରକ୍ଷା କରିବାକୁ ମନ୍ତ୍ର, ସ୍ଥିରତ୍ୱ ପ୍ରାପ୍ତି ହେବାକୁ ଯଜନ, ସୂକ୍ଷ୍ମ ଶରୀରର ବ୍ୟାପ୍ତି ପାଇଁ ଯାଜନ, ବୋଧ ବିଜ୍ଞାନ ପାଇଁ ଇଷ୍ଟଭୃତି, ଶରୀରର ଅସ୍ତିତ୍ୱ ବୋଧ ପାଇଁ ସ୍ୱସ୍ତ୍ୟୟନୀ ବ୍ରତ ଏବଂ ନିଜ ଶରୀରରେ ଭଗବାନଙ୍କ ଶରୀର ବୋଧ ପାଇଁ ଜୀବନ ବ୍ୟାପୀ ସଦାଚାର ଅପରିହାର୍ଯ୍ୟ । ଆଚରଣ ସେତେବେଳେ ଜଣା ପଡ଼ିବ ଭଗବାନ ଆମକୁ ଶରୀର ଦେଇଛନ୍ତି ଭୋଗ ପାଇଁ ନୁହେଁ ବରଂ ଗୁରୁ ବଚନ ପାଳନ ଦ୍ୱାରା ଯୋଗ ସିଦ୍ଧି ଶରୀର ପ୍ରାପ୍ତ ହେବାକୁ - ଯାହା ଜୀବନର ଚରମ ଲକ୍ଷ୍ୟ । ଯାହା ପ୍ରାପ୍ତ ହେବାକୁ ମଣିଷ ବାରମ୍ବାର ପୃଥିବୀ ପୃଷ୍ଠରେ ଜନ୍ମ ନିଏ କିନ୍ତୁ ଆଚାରଣରେ ତ୍ରୁଟି ପାଇଁ ମୃତ୍ୟୁର ସମ୍ମୁଖୀନ ହୁଏ । ଯେଉଁ ଦିନ ବୁଝିବ ଗୁରୁ ମଣିଷକୁ ମୃତ୍ୟୁର ଆରପାରିକୁ ନେଇ ଯାଇ ପାରନ୍ତି, ସେତେବେଳେ ସେ ଭୋଗ ପରିବର୍ତ୍ତେ ଯୋଗ ପାଇଁ ଯତ୍ନବାନ ହେବ । ଆସନ୍ତୁ ଆତ୍ମସତ୍ତାର ଉଭାଳ୍ୟସନ ପାଇଁ ଆମେ ଶ୍ରୀ ଗୁରୁ କଥିତ ସ୍ୱାସ୍ଥ୍ୟ ଓ ସଦାଚାର ଉପରେ ଆଲୋକପାତ କରିବା ।

ସାଧାରଣ ସମ୍ପାଦକ, ପୁରୁଷୋତ୍ତମ କୃଷ୍ଣି ସେବା ସତସଙ୍ଗ, ପୁରୁଷୋତ୍ତମ କମ୍ପ୍ଲେକ୍ସ, ମେରିଆ ବଜାର କଟକ, ଦୂରଭାଷ: ୯୪୩୭୧୯୯୬୮୭, ୯୪୩୯୬୧୯୮୯୩

ଶ୍ରୀକ୍ଷେତ୍ରରେ ପଂଚବଟ

॥ ଡକ୍ଟର ତପନ କୁମାର ପାଳ ॥

ବୃକ୍ଷ ହିଁ ଭଗବାନଙ୍କ ସ୍ୱରୂପ । ଶ୍ରୀମନ୍ଦିରରେ ଦାରୁବ୍ରହ୍ମ ଭାବରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ସେବା ପୂଜାରେ ଅନେକ ବୃକ୍ଷଲତା ରହିଛନ୍ତି । ସେଥିପାଇଁ ବୃକ୍ଷ ପୂଜା ଆମ ସଂସ୍କୃତି ଓ ପରମ୍ପରାରେ ଜଡ଼ିତ ହୋଇ ରହିଛି । ଶ୍ରୀମନ୍ଦିରରେ କଳ୍ପବଟ ଭକ୍ତଙ୍କ ମନୋବାଞ୍ଛା ପୂର୍ଣ୍ଣ କରିଥାଏ ବୋଲି ବିଶ୍ୱାସ ରହିଛି । କଳ୍ପବଟ ସହିତ ଶ୍ରୀକ୍ଷେତ୍ରରେ ରହିଛି ପଂଚବଟ । ସାଧୁସନ୍ଥଙ୍କ ଦ୍ୱାରା ପଂଚବଟର ମହିମା ଗୌରବାନ୍ୱିତ ହୋଇଛି । ବଟ ବୃକ୍ଷ ଆମ ପରମ୍ପରାରେ ଉପାସନାର ପୀଠ । ଅନେକ ମୁନିଋଷି ବଟବୃକ୍ଷ ମୂଳେ ତପସ୍ୟା କରିଥିବାର ବର୍ଣ୍ଣନା ରହିଛି । ଏହି ପଂଚବଟର ମାହାତ୍ମ୍ୟ ଯେତିକି ଅଲୌକିକ ସେହିଭଳି ଭାବେ ଧର୍ମୀୟ ଭାବଧାରାରେ ଭକ୍ତଙ୍କ ପାଇଁ ବିଶ୍ୱାସର ପ୍ରତୀକ ଭାବେ ପ୍ରତୀୟମାନ ।

କଳ୍ପବଟ : ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ପରିସରରେ ପବିତ୍ର ବଟ ବୃକ୍ଷ ହେଉଛି କଳ୍ପବଟ । କଳ୍ପବଟକୁ ମନରେ କଳ୍ପନା କରିବା ମାତ୍ରେ ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି । ତେଣୁ ଏହାକୁ ବାଞ୍ଛାବଟ ବା କଳ୍ପବଟ ବା କଳ୍ପତରୁ ମଧ୍ୟ କହିଥାନ୍ତି । କପିଳ ସଂହିତାରେ ଉଲ୍ଲେଖ ଅଛି ପୂର୍ବେ କଳ୍ପବଟ ପାଖରେ ମହାପ୍ରଭୁଙ୍କ କୈବଲ୍ୟ ଥାଳିରେ ପ୍ରସାଦ ବଂଟନ କରାଯାଉଥିଲା । ଏହା ମୂଳରେ ଅନନ୍ତ ପୁରୁଷୋତ୍ତମ ଓ ସୂର୍ଯ୍ୟଙ୍କ ଯନ୍ତ୍ର ରହିଥିବାରୁ ଏହାକୁ ସର୍ବ ଦେବାଶ୍ରିତା ମହତୀ ବଟ ଭାବେ ବର୍ଣ୍ଣନା କରାଯାଇଛି । ବାହୁଡ଼ାରେ ମହାପ୍ରଭୁ ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ବାହୁଡ଼ନ୍ତି, କୂର୍ମବେଢ଼ା ଭିତରକୁ ପ୍ରବେଶ କଲାବେଳେ କଳ୍ପବଟ ଆଡ଼କୁ ମୁହଁ କରି ବିରାଜମାନ ହୁଅନ୍ତି । ପତିମହାପାତ୍ର ସେଠାରେ ଦକ୍ଷିଣ ମୁଖହୋଇ ବନ୍ଦାପନା କରନ୍ତି । ଏହି ବନ୍ଦାପନାକୁ ତ୍ରିକୁଟ ବନ୍ଦାପନା କହନ୍ତି ।

ଗୋଲ୍ଛନ୍ଦ ବଟ : ଏହି ବଟ ବୃକ୍ଷଟି ଶ୍ରୀକ୍ଷେତ୍ରର ଗନ୍ଧର୍ବ ମଠ (ଯାହା ପ୍ରଥମେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ଆଶ୍ରମ ଥିଲା) ଠାରେ ରହିଛି । ବିଖ୍ୟାତ ମାଳିକା ରଚୟିତା ମହାପୁରୁଷ ଅଚ୍ୟୁତାନନ୍ଦ ଏହି ବଟ ବୃକ୍ଷ ମୂଳରେ ତାଙ୍କର ସାଧନା କରୁଥିଲେ । ସତ କାର୍ଯ୍ୟ ନିମନ୍ତେ ଏହି ବଟ ତଳେ ଶରଣାପନ୍ନ ହେଲେ ତାହା ନିଶ୍ଚୟ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି । ଗୋଲ୍ଛନ୍ଦ ବଟ ସହିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସାଧନା ସହିତ ଜଡ଼ିତ ରହିଛି ।

କାମ୍ୟ ବଟ : ପୁରୀ ଦୋଳମଣ୍ଡପ ସାହିରେ ରହିଛି ଶ୍ରୀଅଙ୍ଗିରା ମହର୍ଷିଙ୍କ ଆଶ୍ରମ । କାମ୍ୟ ବଟ ଏହି ଆଶ୍ରମରେ ଅବସ୍ଥିତ । ଏହି ବଟ ସାକ୍ଷାତ ନାରାୟଣ ରୂପୀ ହୋଇଥିବାରୁ ମନୁଷ୍ୟମାନଙ୍କର ସମସ୍ତ ଅଭିଳାଷ ପୂରଣ କରି କାମ୍ୟ ବଟ ନାମରେ ମଧ୍ୟ ଖ୍ୟାତ ହୋଇଛନ୍ତି । ଏହି ବଟକୁ ମଧ୍ୟ ଅଙ୍ଗିରାବଟ କହିଥାନ୍ତି । ଏହି ବୃକ୍ଷକୁ ସାତଥର ପ୍ରଦକ୍ଷିଣ କରିବାର ବିଧି ରହିଛି । ମହାପ୍ରଭୁଙ୍କ ଦୋଳ ଉତ୍ସବ ଏହି ବଟ ତଳେ ହେଉଥିଲା । ଶ୍ରୀମନ୍ଦିର ବେଢ଼ାରେ ଥିବା କଳ୍ପବଟରୁ କାମ୍ୟବଟ ପର୍ଯ୍ୟନ୍ତ ରାସ୍ତାର ପବିତ୍ରତା ବହୁ ଶାସ୍ତ୍ରରେ ବର୍ଣ୍ଣିତ । କାମ୍ୟବଟର ଉତ୍ତର ପଟକୁ ଶ୍ରୀଜଗନ୍ନାଥଙ୍କ ଦୋଳବେଦି ରହିଥିଲା । ମହାପ୍ରଭୁ ରତ୍ନ ସିଂହାସନରୁ ଦୋଳବେଦିକୁ ଆସୁଥିଲେ ଓ ସେଠାରେ ଦୋଳ ପର୍ବ ପାଳିତ ହେଉଥିଲା ।

ନିକୁମ୍ଭିଳା ବଟ : ଶ୍ରୀମନ୍ଦିରର ଦକ୍ଷିଣ-ପଶ୍ଚିମ କୋଣ ଦିଗରେ ଅଳ୍ପ ଦୂରରେ ଶ୍ରୀଯମେଶ୍ୱର ମହାଦେବଙ୍କ ପୀଠ । ଏହି ପୀଠରେ ନିକୁମ୍ଭିଳା ବଟବୃକ୍ଷଟି ମହର୍ଷି କଣ୍ୱଙ୍କ ସମୟରୁ ରହି ଆସିଛି । ପୁରୀରେ ସାହିଯାତ୍ରା ସମୟରେ ଯେଉଁ ରାମଲୀଳା ପରିବେଷଣ ହୁଏ, ଏହି ଯାତ୍ରା ସହିତ ଏହି ନିକୁମ୍ଭିଳା ବଟର ବହୁ ପ୍ରାଚୀନ ସମ୍ପର୍କ ରହିଛି । ରାମଲୀଳାରେ ଶ୍ରୀଲଙ୍କାର ରାବଣ ଯଜ୍ଞ ଅଧ୍ୟାୟରେ ଏହି ନିକୁମ୍ଭିଳା ବୃକ୍ଷ ତଳେ ଯଜ୍ଞ କରିଥିଲେ । ସେହି ଅନୁସାରେ ଏବେ ମଧ୍ୟ ସାହିଯାତ୍ରାର ରାବଣ ଏହି ବଟତଳେ ଯଜ୍ଞ କରିବାର ପରମ୍ପରା ରହିଛି ।

ଅଘୋର ବଟ : ମାର୍କଣ୍ଡେୟ ମହର୍ଷିଙ୍କ ଆଶ୍ରମରେ ରହିଛି ଅଘୋରବଟ । ଏହା ନିକଟରେ ରହିଛି ଶ୍ରୀ ମାର୍କଣ୍ଡେୟ ତୀର୍ଥ । ଏହି ବଟବୃକ୍ଷ ଶିବ ତଥା ଅଘୋରୀ ଉପାସକଙ୍କ ପାଇଁ ବହୁତ ତାତ୍ପର୍ଯ୍ୟପୂର୍ଣ୍ଣ । ଅଘୋରବଟ ତଳେ ଶ୍ରୀମାର୍କଣ୍ଡେୟ ମହର୍ଷି ସିଦ୍ଧିଲାଭ କରିଥିଲେ । ପ୍ରଳୟ କାଳରେ ଯେତେବେଳେ ଚାରି ଦିଗରେ ଜଳ ଭରିଗଲା, ସେତେବେଳେ ଗୋଟିଏ ବଟପତ୍ରରେ ଶିଶୁ ରୂପରେ ଭଗବାନ ଭାସି ଯାଇ ଶ୍ରୀମାର୍କଣ୍ଡେୟଙ୍କୁ ଉଦ୍ଧାର କରିଥିଲେ । ଭଗବାନ ନିଜ ଉଦର ମଧ୍ୟରେ ବ୍ରହ୍ମାଣ୍ଡ ଦର୍ଶନ କରାଇଥିଲେ । ମହର୍ଷିଙ୍କୁ ପ୍ରଭୁ ଶ୍ରୀ ପୁରୁଷୋତ୍ତମ ରୂପ ଦେଖାଇଥିଲେ । ମହାପ୍ରଭୁଙ୍କ ନିର୍ଦ୍ଦେଶରେ ଶ୍ରୀକ୍ଷେତ୍ରରେ ଉତ୍ତର-ପଶ୍ଚିମ କୋଣରେ ଅବସ୍ଥିତ ଏହି ପବିତ୍ର ବଟବୃକ୍ଷ ଅଘୋରବଟ ତଳେ ଶ୍ରୀମାର୍କଣ୍ଡେୟ ତପସ୍ୟା କରିଥିବାର ଗବେଷକ ମତ ଦିଅନ୍ତି ।

ଭୁବନେଶ୍ୱର, ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

ମା'ଙ୍କୁ ଅର୍ପଣ କରନ୍ତୁ ମନ୍ଦାର

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

'ଓଁ ଧ୍ୟାୟେତ ସୁବର୍ଣ୍ଣ ବର୍ଣ୍ଣାଭଂ, ତ୍ରିନେତ୍ରାଂ ଚାରୁ ହାସିନୀ । ସର୍ବଲକ୍ଷଣ ସମ୍ପନ୍ନା, ମର୍ଦ୍ଧେନ୍ଦୁକୃତ ଶେଖରମ୍ ।' ଓଡ଼ିଶାର ପରମ୍ପରାରେ କେଉଁ ଅନାଦିକାଳରୁ ଏହି ଶାକ୍ତ ଚିନ୍ତା ଓ ଚେତନା ଜନଜୀବନକୁ ସିକ୍ତ କରି ରଖିଛି, ତା'ର ସଠିକ ବିବରଣୀ ଖୋଜି ପାଇବା ସହଜସାଧ୍ୟ ନୁହେଁ । ଏହି ଶକ୍ତିର ଅର୍ଥ କ'ଣ ? ଦୁର୍ଗା ସପ୍ତସତୀରେ ଦେବୀ ଦୁର୍ଗାଙ୍କର ସ୍ତୁତି ଛଳରେ କୁହାଯାଇଛି - 'ଯାଦେବୀ ସର୍ବ ଭୂତେଷୁ, ଶକ୍ତି ରୂପେଣ ସଂସ୍ଥିତା, ନମଃ ସ୍ତସ୍ୟୈ ନମଃ ସ୍ତସ୍ୟୈ ନମଃ ସ୍ତସ୍ୟୈ ନମୋ ନମଃ ।' ଅର୍ଥାତ୍ ଯେଉଁ ଦେବୀ ସର୍ବଭୂତରେ, ଶକ୍ତି ରୂପରେ ବିଦ୍ୟମାନ ଅଛନ୍ତି, ସେହି ଦେବୀଙ୍କୁ ମୋର ନମସ୍କାର । ତତ୍ ପ୍ରକାଶ ଗ୍ରନ୍ଥରେ ଶକ୍ତି ଶବ୍ଦର ଅର୍ଥ କୁହାଯାଇଛି 'ଶକ୍ତିଃ ସାମର୍ଥ୍ୟଂ ଉତ୍ସାହେବା ।'

ଅର୍ଥାତ୍ ଶକ୍ତି ହେଉଛି ସାମର୍ଥ୍ୟ ବା ଉତ୍ସାହ । ଶକ୍ତି ଶବ୍ଦର ତାତ୍ପର୍ଯ୍ୟକୁ 'ନାଗୋଜୀ ଭଟ୍ଟ' ଟିକିଏ ବ୍ୟାପକ କରି କହିଛନ୍ତି - 'ଶକ୍ତି କାର୍ଯ୍ୟ ଜନନ ସାମର୍ଥ୍ୟମ୍ ।' ଯେକୌଣସି ବସ୍ତୁର କାର୍ଯ୍ୟ ଜନନ ବା ଉତ୍ପାଦନ କରିବାର ସାମର୍ଥ୍ୟକୁ ଶକ୍ତି କୁହାଯାଏ । ଏହି ଶକ୍ତି ସର୍ବଭୂତରେ ଅଛି । ଏହା ଜଡ଼ ହୋଇପାରେ ଅଥବା ଚେତନା ହୋଇପାରେ, ସତ୍ ହୋଇପାରେ, ଅସତ୍ ବି ହୋଇପାରେ । ତେଣୁ ଚଣ୍ଡୀ ମାହାତ୍ମ୍ୟରେ କୁହାଯାଇଛି - 'ଯଚ୍ଚ କିଂଚିତ୍ କ୍ୱଚିତ୍ ବସ୍ତୁ, ସତ୍ ସଦ ବାଽଖିଳାତ୍ମିକେ, ତସ୍ୟ ସର୍ବସ୍ୟ ଯା ଶକ୍ତିଃ ସାତ୍ୱଂ କିଂ ସ୍ତୁୟସେ ନୋ ।' ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ । ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ ବାସନ୍ତୀ ପୂଜା କୁହାଯାଏ । ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତି ଉତ୍ଫୁଲ୍ଲ ହୋଇ ଜନ ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ, ମାତ୍ର ଏକ ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀ ପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଅଛି । ଏହି ମହାନ ଶାରଦୀୟ ପର୍ବ ଭାରତର ପୂର ପଲ୍ଲୀରେ ଦଶହରା ପର୍ବ ରୂପେ ପାଳନ କରାଯାଏ । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା । ଦୁର୍ଗାପୂଜା ପରି ଦଶହରା ପର୍ବ ମଧ୍ୟ ବର୍ଷକରେ ଦୁଇଥର ପାଳନ କରାଯାଏ । ଜ୍ୟେଷ୍ଠମାସ ଶୁକ୍ଳଦଶମୀ ହେଉଛି ଗଙ୍ଗାମାତାଙ୍କର ଜନ୍ମ ଦିବସ । ଏହିଦିନ ଗଙ୍ଗାପୂଜା କରି ଗଙ୍ଗାନଦୀରେ ସ୍ନାନ କଲେ ତ୍ରିବିଧ ପାପ ଖଣ୍ଡନ ହୁଏ ବୋଲି ଏହି ତିଥିକୁ 'ଦଶହରା' ବା 'ଦଶବିଧ' ପାପହରଣ ଦିବସ କୁହାଯାଏ । 'ସର୍ବସ୍ୱରୂପେ ସର୍ବେଶେ ସର୍ବଶକ୍ତିସମନ୍ୱିତେ । ଭୟେଭ୍ୟସ୍ତାହି ନୋ ଦେବୀ ଦୁର୍ଗେ ଦେବୀ ନମୋସ୍ତୁତେ ।।' ହେ ଦେବୀ! ଆପଣ ସମସ୍ତ ସ୍ୱରୂପ ଧାରଣ କରିପାରନ୍ତି, ଆପଣ ସମସ୍ତଙ୍କର ସ୍ୱାମିନୀ ଏବଂ ସମସ୍ତ ଶକ୍ତିର ସମାହାର । ଆପଣ ଆମ ସମସ୍ତଙ୍କୁ ସମସ୍ତ ଭୟରୁ ରକ୍ଷା କରନ୍ତୁ । ହେ ଦେବୀ ଦୁର୍ଗେ, ଆପଣଙ୍କୁ ନମସ୍କାର । ଦୁର୍ଗାଙ୍କର ସବୁଠୁ ପ୍ରିୟ ପୁଷ୍ପ ଲାଲ ମନ୍ଦାର । ଯଦି ପୂର୍ବ ଦିନଗୁଡ଼ିକରେ କରିନାହାନ୍ତି ତେବେ ନବରାତ୍ରୀର ଶେଷ ତଥା ବିଶେଷ ତିନିଦିନ ମହାସପ୍ତମୀ, ମହାଷ୍ଟମୀ ଏବଂ ମହାନବମୀରେ ନିଶ୍ଚୟ ମା'ଙ୍କ ଠାରେ ଲାଲ ମନ୍ଦାର ଚଢ଼ାନ୍ତୁ । ମା'ଙ୍କୁ ଶ୍ରଦ୍ଧା ପୂର୍ବକ ଲାଲ ମନ୍ଦାର ଅର୍ପଣ କଲେ ମା'ଙ୍କ କୃପା ଅବଶ୍ୟ ପ୍ରାପ୍ତ ହୁଏ । ଏହା ଜୀବନରୁ ସମସ୍ତ ନକରାତ୍ମକତା ଦୂର କରିବାରେ ସହାୟକ ହୋଇଥାଏ । ପ୍ରତିଦିନ ମନ୍ଦାର ଫୁଲ ଅର୍ପଣ କରିବା ସମୟରେ ନିଜର ମନୋକାମନା ମା'ଙ୍କୁ ଜଣାନ୍ତୁ । ପରଦିନ ମଉଳା ଫୁଲକୁ ଏଣେତେଣେ ଫୋପାଡ଼ି ନ ଦେଇ ସାଇତି ରଖନ୍ତୁ । ଦଶହରା ଦିନ ଘଟ ବିସର୍ଜନ ପରେ ମଉଳା ମନ୍ଦାର ଫୁଲକୁ ନଦୀ ସ୍ରୋତରେ ଭସାଇ ଦିଅନ୍ତୁ । ଏପରି କରି ଦେଖନ୍ତୁ ନିଶ୍ଚୟ ମନୋକାମନା ପୂରଣ ହେବ । ନବରାତ୍ରୀର ଶେଷ ତିନିଦିନ ମଧ୍ୟରେ ଦ୍ୱିପ୍ରହର ସମୟରେ ଏକ ଅଧଫୁଟା ଲାଲ ମନ୍ଦାର ଫୁଲ ତୋଳି ଆଣନ୍ତୁ । ମା'ଙ୍କର ଅନ୍ୟତମ ଶକ୍ତିଶାଳୀ ସ୍ୱରୂପ କାଳୀଙ୍କୁ ସ୍ମରଣ କରି ଏହି ଫୁଲ ଅର୍ପଣ କରନ୍ତୁ । ପରିବାରରେ କେହି ଯଦି ଭୟ, ଭ୍ରାନ୍ତି ଇତ୍ୟାଦିଦ୍ୱାରା ପୀଡ଼ିତ ତାଙ୍କୁ ଫୁଲଟିକୁ ଖାଇବାକୁ ଦିଅନ୍ତୁ । ତାଙ୍କ ମଧ୍ୟରୁ ନକାରାତ୍ମକତା ଦୂର ହୋଇ ସକାରତ୍ମକ ଶକ୍ତି ସଂଚାରିତ ହେବ । ତେବେ ଏହା କରିବାକୁ ଅନିଚ୍ଛୁକ ସଦସ୍ୟଙ୍କ ଠାରେ ଜୋରଜବରଦସ୍ତ କରିବେ ନାହିଁ । କାରଣ ଶ୍ରଦ୍ଧା ବିଶ୍ୱାସ ବିନା କୌଣସି ପୂଜା ସିଦ୍ଧ ହୁଏନାହିଁ । ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି । ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦଯାପନ ପର୍ବ ମଧ୍ୟ ଦଶହରା ତିଥିରେ ପାଳିତ ହୁଏ । ପରମ-ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ମହତାବ ଯୁଗ ଶେଷ

॥ ସୌର ଚନ୍ଦ୍ର ମହାପାତ୍ର ॥

କଟକ ପୂଜାରେ ମହତାବର ବ୍ୟବହାର କାହିଁ କେଉଁ ଆବହମାନ କାଳରୁ ଜଡ଼ିତ ରହିଛି । ସମୟାନୁକ୍ରମେ ଏହା ପାଲଟିଯାଇଛି ପରମ୍ପରା । କଟକର ପ୍ରାୟ ସବୁ ପୂଜା କମିଟି ଭସାଣି ଉତ୍ସବ ତଥା ମେଲଣରେ ମହତାବର ବ୍ୟବହାର କରିଥାନ୍ତି । ଦୀର୍ଘ ଦଶନ୍ଧି ଧରି ଦୁର୍ଗା, କାଳୀ, ଗଣେଶ ମେଲଣରେ ମହତାବର ଝିଲିମିଲି ଆଲୁଅ ଦେଖିବାକୁ ମିଳିଥାଏ । ମହତାବର ଆଦ୍ୟ ପ୍ରଚଳନକୁ ନେଇ ସେମିତି କିଛି ଠୋସ୍ ଇତିହାସ ନାହିଁ । କିନ୍ତୁ ହଜାର ବର୍ଷର ଏହି କଟକ ସହରରେ ମହତାବକୁ ନେଇ ଶୁଣିବାକୁ ମିଳେ ନାନାଦି ଲୋକକଥା । କିଛି କୁହନ୍ତି, ଏହା ମୋଗଲ ପରମ୍ପରା । ବାବରଙ୍କ ସମୟରେ ଏହା ଓଡ଼ିଶାରେ ପ୍ରଚଳନ ହେଲା । ଏ ନେଇ କିଛି ବଳିଷ୍ଠ ପ୍ରମାଣ ନାହିଁ । ଯଦିଓ ବାପା, ଅଜା, ସମୟରୁ ଏହା ଶୁଣୁଥିବା ପ୍ରକାଶ କରିଛନ୍ତି ସାହି ପୁରୁଖା । ସେହିପରି ଆଉ କିଛି ଲୋକଙ୍କ କହିବାନୁଯାୟୀ, ପାର୍ବଣରୁ ହିଁ ମହତାବର ସୃଷ୍ଟି । ପୂର୍ବରୁ ଅଲଗ ମେଢ଼ରେ ମା'ଙ୍କ ବିସର୍ଜନ ପର୍ବ ଅନୁଷ୍ଠିତ ହେଉଥିଲା । ତେଣୁ ଅଲଗ ମେଢ଼ରେ ନାଲି, ସବୁଜର ମହତାବ ମେଲଣ ଶୋଭା ଦ୍ୱିଗୁଣିତ କରୁଥିଲା । ତା'ଛଡ଼ା ମହତାବକୁ ଭାଇଚାରା ଓ ଏକତାର ବନ୍ଧନ ବୋଲି କୁହାଯାଏ ।

ମେଲଣ ପଡ଼ିଆରେ ଦୁଇ କମିଟି ନିଜ ନିଜ ମେଢ଼ ସହ ସାମ୍ନା ସାମ୍ନି ହେଲେ ମହତାବ ପ୍ରଦର୍ଶନ କରାଯାଏ । ନିଜ ସହ ଆଣିଥିବା ମହତାବକୁ ଷ୍ଟାଣ୍ଡରେ ରଖି ଧାଡ଼ିବାନ୍ଧି ଯୁବକ ମାନେ ଆକାଶମୁହାଁ କରି ରଖନ୍ତି । ଚାନ୍ଦିନୀଚୌକ, ଗୌରୀଶଙ୍କର ପାର୍କ, ବାଲୁବଜାର ଛକ, ମଙ୍ଗଳାବାଗ, ଚୌଧୁରୀ ବଜାର ଛକ ମାନଙ୍କରେ ମହତାବ ପ୍ରଦର୍ଶନ ଅତୀବ ଆକର୍ଷଣୀୟ ଓ ମନଲୋଭା । ଏ ନେଇ ବୁଢ଼ିଠାକୁରାଣୀ ପୂଜା କମିଟି ସମ୍ପାଦକ ରଜନୀ କୁମାର ଦାସ କୁହନ୍ତି, ଆଗରୁ ଦୁର୍ଗା ମେଢ଼ ଦିନରେ ବିସର୍ଜନ ହେଉଥିଲା । କିନ୍ତୁ କାଳୀ ମେଢ଼ ଆଦ୍ୟ କାଳରୁ ରାତିରେ ବିସର୍ଜନ ହୁଏ । କାଳୀ ମେଲଣ ଦେଖିବାକୁ ହଜାର ହଜାର ଲୋକ ଚାନ୍ଦିନୀଚୌକ, ଗୌରୀଶଙ୍କର ପାର୍କ ନିକଟରେ ଏକାଠି ହୁଅନ୍ତି । ସେତେବେଳେ ମହତାବ ପ୍ରଦର୍ଶନ ଥିଲା କାଳୀପୂଜା ଭସାଣିର ମୁଖ୍ୟ ଆକର୍ଷଣ । ତଥ୍ୟ ଅନୁଯାୟୀ ସର୍ବପ୍ରଥମେ ସ୍ୱର୍ଗତ ଗୁରୁଚରଣ ଦାସ ନିଜେ ହାତରେ ମହତାବ ତିଆରି କରୁଥିଲେ । ବୁଢ଼ି ଠାକୁରାଣୀ ମେଢ଼ରେ ତାହା ବ୍ୟବହାର ହୁଏ । ତା'ଛଡ଼ା ପାଖଆଖ ଅଂଚଳର ପୂଜା କମିଟି ମଧ୍ୟ ପୂର୍ବରୁ ବରାଦ ଦେଇ ମହତାବ ନିଅନ୍ତି । ସେହିପରି ମହତାବ ବ୍ୟବହାରରେ ମଙ୍ଗଳାବାଗ ପୂଜା କମିଟିର ମଧ୍ୟ ସ୍ୱତନ୍ତ୍ରତା ରହିଛି । ପୂର୍ବରୁ ମଙ୍ଗଳାବାଗରେ ରୂପେଲି ଜରି ମେଢ଼ ଶୋଭାପାଉଥିଲା । ସେଥିପାଇଁ ସେତେବେଳେ ନୀଳ ମହତାବ ବ୍ୟବହାର କରାଯାଉଥିଲା । କିନ୍ତୁ ୧୯୫୦ ମସିହାରେ କମିଟି ପକ୍ଷରୁ ସୁନେଲି ଜରିମେଢ଼ ନିର୍ମାଣ କରାଯାଇଥିଲା, ଯେଉଁଥିରେ ନାଲି ମହତାବ ପ୍ରଚଳନ ବେଶ ଆକର୍ଷଣୀୟ ହୋଇପାରୁଥିଲା । ସେହିପରି ଅନ୍ୟ ପୂଜା କମିଟିମାନେ ମଧ୍ୟ ମହତାବ ପରମ୍ପରାର ଅଂଶବିଶେଷ ହୋଇରହିଛନ୍ତି । କିନ୍ତୁ ଏବେ ପ୍ରଶାସନିକ କଟକଣା ଯୋଗୁଁ ଅନେକ ବର୍ଷ ଠାରୁ ମହତାବ ପ୍ରଚଳନ ବନ୍ଦ ହୋଇଛି । ତେଣୁ ଏହିଠାରୁ ମହତାବର ଯୁଗ ଶେଷ ହେଲା ବୋଲି କୁହାଯାଇପାରେ । ଏକ ପରମ୍ପରାରେ ଭଙ୍ଗା ପଡ଼ିଲା ବୋଲି ମଧ୍ୟ କୁହାଯାଇପାରେ ।

ଆସନ୍ତୁ ଜାଣିବା କେମିତି ତିଆରି ହୁଏ ମହତାବ ? ମହତାବକୁ ସାଧାରଣତଃ ରଙ୍ଗୀନ ବୋଲି ଲୋକ ଭାବନ୍ତି । କିନ୍ତୁ ଏହା କେବଳ ରଙ୍ଗୀନ ନୁହେଁ । ଏଥିପାଇଁ ଆବଶ୍ୟକ ପଡ଼େ ନାନାଦି ସାମଗ୍ରୀ । ଯାହାକୁ ମହତାବ ତିଆରି କରିବା ବାଲାଏ କୁହନ୍ତି ମସଲା । ସେଗୁଡ଼ିକ ହେଲା ସୁରା, ଲାଖ, ଗନ୍ଧକ, ଫସ୍‌ଫରସ, ଅର୍ଖ ଗଛର କୋଇଲା, ଇନ୍‌ଷ୍ଟେନସିଆ, ବରଗା, ସପ, ମେଂଟାଲ(କୁରୁଟୁରି) ଭଳି ଅନେକ ସାମଗ୍ରୀ । ପୁଣି ଏହାର ଭାଗମାପ ରହିଛି । ଅନୁପାତରୁ ଅଧିକ ମାତ୍ରା ହେଲେ ଅଗ୍ନି ଦୁର୍ଘଟଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି । ପୂର୍ବରୁ ଏହାର ଉଦାହରଣ ମଧ୍ୟ ରହିଛି । ଏକଦା ସହରର ଏକ କମିଟି ପୂଜା ପାଇଁ ମଣ୍ଡପରେ ମହତାବ ତିଆରି କରୁଥିବା ବେଳେ ହଠାତ୍ ଅଗ୍ନି ଦୁର୍ଘଟଣା ଘଟିଥିଲା । ପରେ ଭାଗମାପରେ ଭୁଲ ଯୋଗୁଁ ଏମିତି ହୋଇଥିବା ଜାଣିବାକୁ ମିଳିଥିଲା । ସେହିପରି ପଟାସ୍ ଏଥିରେ ମୁଖ୍ୟ । ଏହା ସାଧାରଣତଃ ଖୋଲାମେଲାରେ ମିଳୁ ନଥିବାରୁ ମହତାବ ପ୍ରସ୍ତୁତକାରୀ ଏହାକୁ ବ୍ଲାକରେ କିଣି ବ୍ୟବହାର କରିଥାନ୍ତି । ହଜାର ବର୍ଷର ପାର୍ବଣ ସହର କଟକର ଏହି ଲୁପ୍ତ ହୋଇଯାଇଥିବା କଳାକୌଶଳଟି ପ୍ରଚଳନ ହେଲେ ହୁଏତ ଆଜିର ଯୁବ ସମାଜ ଏପରି ଏକ ଚିତାକର୍ଷକ ଆଲୋକର ସଜ୍ଜାକୁ ଦେଖି ପାରନ୍ତେ ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬

ସେଇଠୁ ଆରମ୍ଭ

SEITHO ARAMBHA

ମଙ୍ଗଳବାର, ୨୭ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ପୁଅର ମରଶରୀର ଗାଁକୁ ଆଣିବାକୁ ବିଲ ବନ୍ଧକ ରଖିଲେ ବୃଦ୍ଧ ବାପା

ଜି.ଉଦୟଗିରି, ୨୫/୧୦ (ଆ.ପ୍ର) : ବିବାହ ପାଇଁ ନିର୍ବନ୍ଧ ସରିଥିଲା ନୂଆ ଘର ତିଆରି କରି ଜୀବନସାଥୀଙ୍କ ସହ ସୁଖର ସଂସାର ଗଢ଼ିବାକୁ ଦେଖିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ରୋଜଗାର ଆଶାରେ ଚେନ୍ନାଇ ଯାଇଥିଲେ । ଯେଉଁ ପୁଅକୁ ନେଇ ବୃଦ୍ଧ ବାପା ଅନେକ ସ୍ୱପ୍ନ ଦେଖିଥିଲେ, ସେହି ପୁଅର ମରଶରୀରକୁ ଗାଁକୁ ଫେରାଇ ଆଣିବା ପାଇଁ ଶେଷରେ ନିଜ ବିଲ ବନ୍ଧକ ରଖିବାକୁ ପଡ଼ିଲା । ଏହା କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ବରଂ ଦାଦନ ଶ୍ରମିକଙ୍କ ଜୀବନର ଅନିଶ୍ଚିତତା ଓ ଗରିବ ପରିବାରର ଅସହାୟତାର ଏକ ହୃଦୟବିଦାରକ ଚିତ୍ର । ଏଭଳି ଏକ ଦୁଃଖଦ ଘଟଣା ଯୋଗୁଁ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ରାଇକଲା ପଂଚାୟତ ଅନ୍ତର୍ଗତ ମାଦିନାଯୁ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ସୂଚନା ଅନୁଯାୟୀ, ମାଦିନାଯୁ ଗ୍ରାମର ଲିଙ୍ଗନାଥ ପ୍ରଧାନଙ୍କ ପୁଅ ଚିତରଞ୍ଜନ ପ୍ରଧାନ (୪୦) ରୋଜଗାର ପାଇଁ ଚେନ୍ନାଇରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ । କିଛି ଦିନ ପୂର୍ବରୁ ସେ ଗାଁକୁ ଫେରି ବିବାହ ପାଇଁ ଝିଅ ଦେଖିଥିଲେ ଏବଂ ତାଙ୍କର ନିର୍ବନ୍ଧ ମଧ୍ୟ ସମ୍ପନ୍ନ ହୋଇଥିଲା । ଦଶହରା ପୂର୍ବରୁ ସେ ପୁଣିଥରେ ରୋଜଗାର ଉଦ୍ଦେଶ୍ୟରେ ଚେନ୍ନାଇ ଫେରିଯାଇଥିଲେ । କିନ୍ତୁ ସେଠାରେ କାମ କରୁଥିବା ସମୟରେ ଅକ୍ଟୋବର ୨୪ ତାରିଖରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା । ଯେଉଁ ବୟସରେ ତାଙ୍କ ଜୀବନରେ ନୂଆ ଅଧ୍ୟାୟ ଆରମ୍ଭ ହେବା କଥା, ସେହି ସମୟରେ ତାଙ୍କ ମୃତ୍ୟୁ ପରିବାରକୁ ଗଭୀର ଶୋକରେ ବୁଡ଼ାଇ ଦେଇଛି । ଚେନ୍ନାଇରୁ ମରଶରୀରକୁ ଜନ୍ମମାଟିକୁ ଫେରାଇ ଆଣିବା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବାରେ ପରିବାର ଓ ସାହିଭାଇ ମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଶେଷରେ ଅନ୍ୟ କୌଣସି ଉପାୟ ନ ପାଇ ବୃଦ୍ଧ ବାପା ଲିଙ୍ଗନାଥ ପ୍ରଧାନ ନିଜର ଏକ ବିଲ ବନ୍ଧକ ରଖି ଟଙ୍କା ଯୋଗାଡ଼ କରିଥିଲେ । ଏହାପରେ ପୁଅର ମରଶରୀର ଗାଁକୁ ଆସିଥିଲା ଏବଂ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଖବର ପାଇ ସ୍ୱାକ୍ ର ସଭାପତି ଆମନ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୃତକଙ୍କ ଘରେ ପହଂଚି ଶୋକସନ୍ତପ୍ତ ପରିବାରକୁ ଭେଟିଥିଲେ । ପ୍ରତିନିଧି ଦଳ ପରିବାରକୁ ସମବେଦନା ଜଣାଇବା ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ଏନେଇ ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କରାଯିବା ସହ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ଏହି ସମୟରେ ସ୍ୱାକ୍ ର ସମ୍ପାଦକ ହୃଷୀକେଶ ପ୍ରଧାନ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ, ଉପଦେଷ୍ଟା ଗୋଲକ ବିହାରୀ ପଟ୍ଟନାୟକ ଓ ଅରୁଣ କୁମାର ଷଡ଼ଙ୍ଗୀ, ସଦସ୍ୟ ସନ୍ତୋଷ ଦିଗାଲ ଏବଂ ସଦସ୍ୟା ମିନାକ୍ଷୀ ପ୍ରଧାନ ଉପସ୍ଥିତ ଥିଲେ । ଗତ ତିନି ମାସ ମଧ୍ୟରେ ଜିଲ୍ଲାର ୨୧ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ତଥା ଜିଲ୍ଲାର ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜୀବିକା ଅନ୍ୱେଷଣରେ ଘରଦ୍ୱାର ଛାଡ଼ି ଅନ୍ୟ ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ସୁରକ୍ଷା, ସେମାନଙ୍କ କାର୍ଯ୍ୟସ୍ଥଳର ପରିସ୍ଥିତି ଏବଂ ଦୁର୍ଘଟଣା ବା ମୃତ୍ୟୁ ସମୟରେ ପରିବାରକୁ ତ୍ୱରିତ ସହାୟତା ଯୋଗାଇବା ବ୍ୟବସ୍ଥାକୁ ନେଇ ଏବେ ଗୁରୁତ୍ୱର ସହ ଚିନ୍ତା କରିବାର ସମୟ ଆସିଛି । ଦାଦନ ଶ୍ରମିକଙ୍କ ପଞ୍ଜୀକରଣ, ସେମାନଙ୍କ ଗନ୍ତବ୍ୟସ୍ଥଳ ଓ ନିଯୁକ୍ତିଦାତାଙ୍କ ସମ୍ପର୍କିତ ତଥ୍ୟ, ସୁରକ୍ଷିତ କାର୍ଯ୍ୟ ପରିବେଶ, ଜରୁରୀକାଳୀନ ସହାୟତା ଏବଂ ପରିବାରର ଜୀବିକା ସୁରକ୍ଷାକୁ ସୁନିଶ୍ଚିତ କରିବା ଆବଶ୍ୟକ । ଏଥିସହ କନ୍ଧମାଳ ଜିଲ୍ଲାରେ ସ୍ଥାନୀୟ ରୋଜଗାର ଓ ଆତ୍ମନିର୍ଭରଶୀଳତାର ସୁଯୋଗ ବଢ଼ାଇବା ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେବା ଦରକାର ।

ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୨୫/୧୦ (ଆ.ପ୍ର) : ଗଜପତି ଜିଲ୍ଲା କାଶୀନଗର ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମମୁଖୀ ପ୍ରଶାସନ ଅଧୀନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ , ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ । ଉକ୍ତ ଶିବିରରେ ମୋଟ ୧୪ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୬ଟି ବ୍ୟକ୍ତିଗତ ଏବଂ ୮ଟି ଗ୍ରାମଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା । ଅନ୍ୟ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣ ଅଭିଯୋଗ ଆସିଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ କାଶୀନଗର ପଂଚାୟତ ସମିତି ଅଧ୍ୟକ୍ଷା ବି.ସାୟାମ୍ମା, ସ୍ଥାନୀୟ ତହସିଲଦାର ସୁଦିର କୁମାର ନନ୍ଦ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ରାୟଗଡ଼ ଜିଲ୍ଲାରେ ଆରମ୍ଭ ହେଲା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬

ରାୟଗଡ଼, ୨୫/୧୦ (ଆ.ପ୍ର) : ରାୟଗଡ଼ ଜିଲ୍ଲାରେ ଆଜିଠାରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଆରମ୍ଭ ହୋଇଛି । ଏହା ଆସନ୍ତା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ଏହି ଅବସରରେ ଆଜି ସକାଳ ୧୧ଟା ସମୟରେ ରାୟଗଡ଼ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ସତ୍ୟନିଷ୍ଠାର ଶପଥ ପାଠ କରିଥିଲେ । ଏହି ଅବସରରେ କୋଲନରା ବ୍ଲକ କାର୍ଯ୍ୟାଳୟଠାରେ ଏକ ସାମୂହିକ ସତ୍ୟନିଷ୍ଠା ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱମ୍ଭର ବେହେରା, ଉପଜିଲ୍ଲାପାଳ ଶ୍ରୁଶ୍ରୀ ମୃଣାଳିକା ରାଠୋଡ଼ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କୋଲନରା ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ । ଏହି ଶପଥ ପାଠ ମାଧ୍ୟମରେ ସମସ୍ତେ ନିଜ ନିଜର କର୍ତ୍ତବ୍ୟ ପାଳନରେ ସଚ୍ଚୋଟତା, ସ୍ୱଚ୍ଛତା ଓ ନିଷ୍ଠା ବଜାୟ ରଖିବା ସହ ଦୁର୍ନୀତି ବିରୋଧରେ ଦୃଢ଼ ମନୋଭାବ ପୋଷଣ କରିବାକୁ ସଂକଳ୍ପ ନେଇଥିଲେ । ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ, ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ସହ ଜନସାଧାରଣଙ୍କ ମଧ୍ୟରେ ସତ୍ୟନିଷ୍ଠା ଓ ନୈତିକ ମୂଲ୍ୟବୋଧ ପ୍ରତି ସଚେତନତା ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡା ଓ ଲୁହା ଫଂଟରେ ଆକ୍ରମଣ, ଜଣେ ଗିରଫ

କୁକୁଡ଼ାଖଣ୍ଡି, ୨୫/୧୦ (ଆ.ପ୍ର) : ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡା ଓ ଲୁହା ଫଂଟରେ ଆକ୍ରମଣ କରିବା ସହ ଘରେ ପଶି ମାଡ଼ ମାରିବା ଓ ଆସବାବପତ୍ର ଭଙ୍ଗାରୁଜା କରିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଗିରଫ ଅଭିଯୁକ୍ତ ହେଲେ ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ଖଣ୍ଡିଆ ସାହିର ରବିନ ପାଣିଗ୍ରାହୀ (୨୨) । ସୂଚନାଯୋଗ୍ୟ ଯେ, ଆଙ୍କୁଶପୁର ବଡ଼ସାହିର କୈଳାସ ପାଣିଗ୍ରାହୀ(୫୭) ଅଭିଯୋଗ କରିଥିଲେ ଯେ, ତାଙ୍କ ପୁଅ ଅଭିଷେକ ଓ କାହ୍ନା ସାହୁ ନାମକ ଜଣେ ଯୁବକଙ୍କୁ ଖଣ୍ଡା ଓ ଲୁହା ଫଂଟରେ ଆକ୍ରମଣ କରିଥିଲେ । ଅଭିଯୁକ୍ତ ରବିନ ଓ ତାଙ୍କ ସହଯୋଗୀମାନେ କୈଳାସଙ୍କ ଘରକୁ ଯାଇ ତାଙ୍କ ପୁଅ ଅଭିଷେକଙ୍କୁ ଆକ୍ରମଣ କରିଥିଲେ । ତେବେ ଅଭିଷେକ କୌଣସି ପ୍ରକାରେ ଘରୁ ଖସି ପଳାଇ ନିଜକୁ ରକ୍ଷା କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଘରେ ଥିବା ଫ୍ରିଜ୍ ସମେତ ଅନ୍ୟାନ୍ୟ ଆସବାବପତ୍ର ଭଙ୍ଗାରୁଜା କରିଥିଲେ । ଏହି ଘଟଣାକୁ ଗ୍ରାମର ଅନ୍ୟ ଲୋକମାନେ ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଆକ୍ରମଣରେ ଏକାଧିକ ଆହତ ହୋଇଥିଲେ । ଆହତମାନଙ୍କୁ ପ୍ରଥମେ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି ।

ମା' ବୈଦେହୀ ଯୁବ ପରିଷଦ ପକ୍ଷରୁ ଧୁମ୍‌ଧାମରେ ଚାଲିଛି ମା' ଗଜଲକ୍ଷ୍ମୀଙ୍କ ପୂଜା

ଏରସମା, ୨୫/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାମଦେଇପୁର ପଂଚାୟତର କଂଟଇନାଳୀ ଗ୍ରାମରେ ମା' ବୈଦେହୀ ଯୁବ ପରିଷଦ ପକ୍ଷରୁ ୧୨ତମ ବାର୍ଷିକ ମା' ଗଜଲକ୍ଷ୍ମୀଙ୍କ ପୂଜା ମହାଆଡ଼ମ୍ବରରେ ପାଳିତ ହେଉଛି । ଏହି ଅବସରରେ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଛି । ପୂଜାର ପାରମ୍ପରିକ ରୀତିନୀତି ଅନୁଯାୟୀ, ମା' ଗଜଲକ୍ଷ୍ମୀଙ୍କ ବିମାନକୁ ପୂଜା ମଣ୍ଡପରୁ ଘଂଟଘଂଟା, ବାଜା, ବାଣ ଓ ସଂକୀର୍ତ୍ତନ ସହ ଏକ ବିରାଟ ପଟୁଆରରେ ବଟବାବାଙ୍କ ମଠ ପୋଖରୀ ନିକଟକୁ ନିଆଯାଇଥିଲା । ସେଠାରେ ପୂଜାର କର୍ତ୍ତା ସୁଦର୍ଶନ ରାଉତ ତାଙ୍କ ଧର୍ମପତ୍ନୀ ସୁଭଦ୍ରା ସ୍ୱାଇଁ ପାରମ୍ପରିକ ବିଧି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ପରେ ବଟବାବାଙ୍କ ନଦୀ ନିକଟରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । କଳସ ଯାତ୍ରା ପୂଜା ମଣ୍ଡପରେ ପହଂଚିବା ପରେ ଜଗତଜନନୀ ମା' ଗଜଲକ୍ଷ୍ମୀଙ୍କ ପୂଜାବିଧି ଆରମ୍ଭ ହୋଇଥିଲା । ଏହି ପୂଜା ଉତ୍ସବରେ କଂଟଇନାଳୀ ଗ୍ରାମର ମା' ବୈଦେହୀ ଯୁବ ପରିଷଦର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସାମୂହିକ ଭାବେ ଯୋଗଦେଇ ଭକ୍ତି ଓ ଉଲ୍ଲାସର ସହ ମା'ଙ୍କ ଆରାଧନା କରୁଛନ୍ତି । ପ୍ରତିଦିନ ସଂଧ୍ୟାରେ ମା'ଙ୍କ ପାଖରେ ଭଜନ ସଂକୀର୍ତ୍ତନ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ଏଥିସହିତ ତିନିଦିନ ଧରି ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ପୂଜା ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରିବାରେ ପରିଷଦର ସଭାପତି ସୁଦର୍ଶନ ରାଉତ, ସମ୍ପାଦକ ଭଜମନ ସ୍ୱାଇଁ, କୋଷାଧ୍ୟକ୍ଷ ରାକେଶ କୁମାର ଦଳାଇଙ୍କ ସମେତ ସୁବାଷ ଦଳାଇ, ନରେଶ ବରାଳ, ତାପସ ଦଳାଇ, ରାଜେଶ ଦଳାଇ, ସରୋଜ କୁମାର ବିଶ୍ୱାଳ, ପବିତ୍ର ନାଥ, ସଞ୍ଜୟ ନାଥ, ବାଦଲ ମହାପାତ୍ର, ପ୍ରମୋଦ ମଲ୍ଲିକ, ରଶ୍ମିରଞ୍ଜନ ମହାନ୍ତି, କୁବେର ଜେନା, ବୈରାଗୀ ବିଶ୍ୱାଳ, ତପନ ଦଳାଇ, ବିଭୂରଞ୍ଜନ ଦଳାଇ, ସର୍ବେଶ୍ୱର ଦଳାଇ, ଘନଶ୍ୟାମ ଦାସ, ଅଭିନାଶ ଜେନା, ବିନୋଦ ଦଳାଇ, ପ୍ରଦ୍ୟୁମ୍ନ ଦାସ, ରାକେଶ ମହାପାତ୍ର, ଉପେନ୍ଦ୍ର ସୂତାର, ବାବାଜୀ ନାଥ, ଦିଲ୍ଲୀପ ଦାସ ଓ ନବଘନ ବରାଳଙ୍କ ସମେତ ପରିଷଦର ଅନ୍ୟ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରୁଛନ୍ତି । ଅଂଚଳବାସୀଙ୍କ ସହଯୋଗରେ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯାଉଥିବାରୁ ଗ୍ରାମରେ ଏକ ଆଧ୍ୟାତ୍ମିକ ଓ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି ।

ନବରଙ୍ଗପୁର ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଆରମ୍ଭ

ନବରଙ୍ଗପୁର, ୨୫/୧୦ (ଆ.ପ୍ର) : ୨୬/୧୦(ଆ.ପ୍ର):ଓଡ଼ିଶା ସରକାର ତଥା ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ସରକାରୀ କାର୍ଯ୍ୟରେ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱବୋଧକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜିଠାରୁ ନବରଙ୍ଗପୁର ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଆରମ୍ଭ ହୋଇଛି । ଏହି ଅବସରରେ ତେନ୍ତୁଳିଖୁଂଟି ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିରରେ ଯୋଗଦେଇଥିବା ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ମଧୁମିତା ସାଧୁତାର ଶପଥ ପାଠ କରାଇଥିଲେ । ସେହିପରି ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଏଥିସହ ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ଶପଥ ଗ୍ରହଣ କରି ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ନୈତିକତା ଓ ନିଷ୍ଠା ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ପ୍ରଶାସନ ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି । ସୂଚନାଯୋଗ୍ୟ ଯେ, ସାତ ଦିନବ୍ୟାପୀ ଏହି ସଚେତନତା ସପ୍ତାହ ପାଳନ ଅବସରରେ ଦୁର୍ନୀତିର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ସମାଜରେ ସଚ୍ଚୋଟତା ଓ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ନିମନ୍ତେ ଜିଲ୍ଲାବ୍ୟାପୀ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି କ୍ରମରେ ସଚେତନତା ଶୋଭାଯାତ୍ରା, ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା, ବିଭିନ୍ନ ଗ୍ରାମ ପଂଚାୟତରେ ଦୁର୍ନୀତି ନିବାରଣ ସଚେତନତା ଗ୍ରାମସଭା ଏବଂ ପଥପ୍ରାନ୍ତ ନାଟକ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମଗୁଡ଼ିକ ମାଧ୍ୟମରେ ଦୁର୍ନୀତିର କୁପରିଣାମ, ଏହାର ନିରାକରଣ ଏବଂ ଦୁର୍ନୀତି ବିରୋଧରେ ଜନସାଧାରଣଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ ।

ଯାଜପୁର ଜିଲ୍ଲାରେ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ



ଯାଜପୁର,୨୫/୧୦ (ଆ.ପ୍ର) : ଦୁର୍ନୀତିମୁକ୍ତ ସମାଜ ଗଠନ ତଥା ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ସଚ୍ଚୋଟତା ଓ ଉତ୍ତରଦାୟିତ୍ୱବୋଧକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ଯାଜପୁର ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ବିଭାଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସୁଶୀଳ ଏକ୍କାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସେହିପରି ସୁକିନ୍ଦା ବ୍ଲକଠାରେ ଆୟୋଜିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ । ଏଥିସହ ଜିଲ୍ଲାର ସମସ୍ତ ବ୍ଲକ, ତହସିଲ ଓ ବିଭିନ୍ନ କ୍ଷେତ୍ରୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଏହି ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦୁର୍ନୀତିକୁ ଦୂର କରିବା ସହ ସରକାରୀ କାର୍ଯ୍ୟରେ ସଚ୍ଚୋଟତା, ନିରପେକ୍ଷତା ଓ ସ୍ୱଚ୍ଛତା ବଜାୟ ରଖିବା ଏବଂ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ କରିବା ଦିଗରେ ସମସ୍ତେ ନିଜ ନିଜର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିବାକୁ ଏହି ଶପଥ ପାଠ କାର୍ଯ୍ୟକ୍ରମ ମାଧ୍ୟମରେ ଆହ୍ୱାନ ଦିଆଯାଇଥିଲା ।

ପାଂଚଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ଏଓବିଇଓ-ଜେସିସିର ସ୍ମାରକପତ୍ର ଚାରି କ୍ୟାଡରର ଏକତାବଦ୍ଧ ସ୍ୱର, ହକ୍ ଓ ସମ୍ମାନ ପାଇଁ ମିଳିତ ସଂକଳ୍ପ



ଖୋର୍ଦ୍ଧା, ୨୫/୧୦ (ଆ.ପ୍ର) : ନିଖିଳ ଓଡ଼ିଶା ବ୍ଲକ ସମ୍ପ୍ରସାରଣ ଅଧିକାରୀ ମିଳିତ ସମନ୍ୱୟ ପରିଷଦର ଆହ୍ୱାନକ୍ରମେ ଆଜି ଖୋର୍ଦ୍ଧା ଜିଲ୍ଲା ମିଳିତ ସମନ୍ୱୟ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ପାଂଚଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦୀର୍ଘ ଦିନ ଧରି ଦରମା ବିସଙ୍ଗତି, ପଦୋନ୍ନତି ସୁଯୋଗର ଅଭାବ, ଅତ୍ୟଧିକ କାର୍ଯ୍ୟଭାର, କ୍ଷେତ୍ର ପରିଦର୍ଶନଜନିତ ସମସ୍ୟା ଓ କର୍ମକ୍ଷେତ୍ରରେ ସୁରକ୍ଷାହୀନତା ଯୋଗୁଁ ଚାରି କ୍ୟାଡରର ଅଧିକାରୀମାନେ ଅସନ୍ତୋଷ ଓ ମାନସିକ ଚାପରେ ରହିଛନ୍ତି । ଏନେଇ ପରିଷଦ ପକ୍ଷରୁ ପ୍ରମୁଖ ପାଂଚଦଫା ଦାବି ଜିଲ୍ଲାପାଳଙ୍କୁ ଦିଆଯାଇଛି, ଯଥା - ପ୍ରାରମ୍ଭିକ ବେତନ ସ୍ତର Pay Level-୧୦ (ଗ୍ରେଡ୍ ପେ ୪,୬୦୦)କୁ ବୃଦ୍ଧି । ସରକାରୀ କ୍ଷେତ୍ର ପରିଦର୍ଶନ ପାଇଁ ପର୍ଯ୍ୟାପ୍ତ ଯାତାୟାତ ଖର୍ଚ୍ଚ ବା ଇନ୍ଧନ ସୁବିଧା । ଅଭିଜ୍ଞ ସମ୍ପ୍ରସାରଣ ଅଧିକାରୀଙ୍କ ପାଇଁ ବିଡିଓ ପଦବୀକୁ ପଦୋନ୍ନତିର ସୁଯୋଗ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ କର୍ମକ୍ଷେତ୍ରରେ ଆଇନଗତ ସୁରକ୍ଷା ଏବଂ ଅତିରିକ୍ତ କିରାଣି କାର୍ଯ୍ୟଭାର ହ୍ରାସ ପାଇଁ ଉତ୍ସର୍ଗୀକୃତ ସହାୟକ କର୍ମଚାରୀ ନିଯୁକ୍ତି । ଏହି ଅବସରରେ ଜିଲ୍ଲା ମୁଖ୍ୟ ସମନ୍ୱୟକ ତଥା ସହ-ଆବାହକ WEO ରଶ୍ମିରେଖା ଦାଶ, ସନ୍ଦୀପ କୁମାର ପାଣିଗ୍ରାହୀ, GPDO ଲାଲବାହାଦୁର ରଞ୍ଜିତ ଓ ଗଓ ହିରଣ୍ୟ କୁମାର ଦାସଙ୍କ ସମେତ ଉତ୍ତରଦ ସଦସ୍ୟମାନେ ଉପସ୍ଥିତ ଥିଲେ । ଜନସେବାରେ ନିୟୋଜିତ ଚାରି କ୍ୟାଡରର ନ୍ୟାଯ୍ୟ ଦାବିଗୁଡ଼ିକୁ ସରକାରଙ୍କ ନିକଟକୁ ପଠାଇ ଶୀଘ୍ର ସମାଧାନ ପାଇଁ ପରିଷଦ ଅନୁରୋଧ କରିଛି । 'ଚାରିକ୍ୟାଡର, ଏକ ସ୍ୱର, ଏକ ସଂକଳ୍ପ'-ଏହି ଆହ୍ୱାନ ସହ ଆଗାମୀ ଦିନରେ ଅଧିକ ସୁଦୃଢ଼ ଏକତା, ସମନ୍ୱୟ ଓ ମିଳିତ ପ୍ରୟାସ ଜାରି ରଖିବାକୁ ପରିଷଦ ସଂକଳ୍ପ ବଦ୍ଧ ବୋଲି ଚାରି ସହ-ଆବାହକ ସୂଚନା ଦେଇଛନ୍ତି ।

ଟାଙ୍ଗୀ ବ୍ଲକରେ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଚିଲିକାଟାଙ୍ଗୀ, ୨୫/୧୦ (ଆ.ପ୍ର) : ଖୋରଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁଷୋତମ୍ ଦାସଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ବି ଡି ଓ, ଟାଙ୍ଗୀ, ରୁମାନା ଜାଫ୍ରି, ତହସିଲଦାର, ଟାଙ୍ଗୀ ଏବଂ ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କର୍ଣ୍ଣ ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶିବିରକୁ ମୋଟ ୪୫ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୨୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୬ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ, ଋତୁରାଜ ଅଭିଯୋଗ ଶିବିରରେ ୦୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜଙ୍କିଆ ଗ୍ରାମର ରାଣୀ ପଲାଇଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ରେଡ୍ କ୍ରସ୍ ପାଣ୍ଠିରୁ ଜିଲ୍ଲାପାଳ ୨୦ ହଜାର ଆର୍ଥିକ ସାହାଯ୍ୟ ମଞ୍ଜୁରୀ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଓରେଡ ଗ୍ରାମର ସୁମିତ୍ରା ଦମ୍ପତି ଙ୍କୁ ଚିକିତ୍ସା ନିମନ୍ତେ ୨୦ ହଜାର, ଓରେଡ ଗ୍ରାମର ମମତାରାଣି କର ଙ୍କୁ ଆର୍ଥିକ ସହାୟତା ନିମନ୍ତେ ୩୦ ହଜାର ଟଙ୍କା, ମଙ୍ଗଳାଯୋଡ଼ି ଗ୍ରାମର ବାପୁ ରାଉତରାୟଙ୍କୁ ଚିକିତ୍ସା ନିମନ୍ତେ ୨୦ହଜାର ଏବଂ ଜଙ୍କିଆ ଗ୍ରାମର ସତ୍ୟଭାମା ସାହୁଙ୍କୁ ଚିକିତ୍ସା ନିମନ୍ତେ ୨୦ ହଜାର ରାଶି ମଞ୍ଜୁରୀ କରିଥିଲେ । ଜନଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଶ୍ରୀୟା ଶାଶ୍ୱତୀ, ଉପ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ, ଶଙ୍କର ବେହେରା, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଶୋକ କୁମାର ବେହେରା, ଅବକାରୀ ଅଧିକ୍ଷକ, ଖୋରଧା ସୁମତି ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଦିଲ୍ଲୀପ ହିଆଲଙ୍କ ସମେତ ତ୍ରିସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନ ସଦସ୍ୟା ସଦସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବରିଷ୍ଠ ଅଧିକାରୀ ବୃନ୍ଦ,ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଂଟ ଯନ୍ତ୍ରୀ ଓ ଅଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ନୟାଗଡଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ଖଣ୍ଡପଡ଼ା, ୨୫/୧୦ (ଆ.ପ୍ର) : ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ସୋମବାର ଅନୁଷ୍ଠିତ ହୋଇ ଯାଇଛି । ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ନୟାଗଡ ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ପଣ୍ଡା, ଜିଲ୍ଲା ପଂଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି, ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶ୍ୱଜିତ ତ୍ରିପାଠୀ, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼.ଅଭିଷାର ପଣ୍ଡାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ । ଶିବିରରେ ସର୍ବମୋଟ ୧୦୦ ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୭୮ ଟି ବ୍ୟକ୍ତିଗତ, ୬ ଗୋଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୧୬ ଟି ଆବେଦନପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ ବିଭିନ୍ନ ଅଭିଯୋଗ ମଧ୍ୟରୁ ୪୪ ଟି ଅଭିଯୋଗର ତ୍ୱରିତ ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ ନିମନ୍ତେ ବିଡିଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ଭଗତପୁରରେ ଦୁଇଦିନ ଧରି ମଂଚସ୍ଥ ନାଟକ ଉଦ୍‌ଯାପିତ

ଟାଙ୍ଗୀ,ଚୌଦ୍ୱାର, ୨୫/୧୦ (ଆ.ପ୍ର) : ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଗତପୁର ମା' ଦୁର୍ଗା ନାଟ୍ୟ କଳା ପରିଷଦ ଆନୁକୂଲ୍ୟରେ ଦୁଇଦିନ ଧରି ମଂଚସ୍ଥ ନାଟକ ଅନୁଷ୍ଠିତ ହୋଇଯାଇଛି । ଯୁବ ନିର୍ଦ୍ଦେଶକ ଯୁବ ନିର୍ଦ୍ଦେଶକ ତଥା କଳାକାର ବିଶ୍ୱଜିତ ଅଂଚଳଙ୍କ ନିର୍ଦ୍ଦେଶନାରେ ଗୋଟେ ଶୁଆ ଗୋଟେ ସାରି ଓ କଟି ଡବଲ କଟି ଅନୁଷ୍ଠିତ ହୋଇଯାଇଛି । ଭଗତପୁର ଅଂଚଳର କଳାକାରଙ୍କ ଦ୍ୱାରା ଦୁଇଦିନ ଧରି ନାଟକ ମଂଚସ୍ଥ ହୋଇଥିଲା, ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗ ଦେଇଥିଲେ । ଅନ୍ୟତମ ଅତିଥିଭାବେ ସ୍ଥାନୀୟ ସରପଂଚ ଭରତଚନ୍ଦ୍ର ବେହେରା, ପୂଜା କମିଟି ସମ୍ପାଦକ ଅନନ୍ତ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ମା ଦୁର୍ଗା ନାଟ୍ୟକଳା ପରିଷଦର ସମ୍ପାଦକ ଦୀନବନ୍ଧୁ ନାଥ ସଭା ପରିଚାଳନା କରିଥିଲେ । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅସିତ ବେଜ, ଯଶୋବନ୍ତ ବିଶ୍ୱାଳ, ରମେଶ ସାହୁ,ପପୁ ଅଂଚଳ, ଶିଶିର ନାୟକ, ମନୋଜ ବାରିକ, ଭିକାରି ସାହୁ,ସରୋଜ ବାରିକ, ହିମାଂଶୁ ସାହୁ, ଜଗବନ୍ଧୁ ବେଜ, ନିଲୁ ଦାସ, ରତିକାନ୍ତ ପଣ୍ଡା, ମନ ସାହୁ, ଟୁଲୁ, ମୁନା ବେହେରା, ଧୀରେନ୍ଦ୍ର ସାହୁ,ଗଣେଶ ବେଜ ଓ ଅଳି ସମେତ ସମସ୍ତ ସଦସ୍ୟ କଳାକାର ମୁଖ୍ୟଅତିଥି ତ୍ରିଦେବ ବେହେରାଙ୍କୁ ସମ୍ମାନିତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ବରିଷ୍ଠ କଳାକାର ବିରବର ବେଜ, ସର୍ତ ଚନ୍ଦ୍ର ସାହୁ, ବାବୁ ମୋହନ ଓ ଅର୍ଜୁନି ପାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ସୁନା ଝିଅ ମେହେକଙ୍କୁ ସମ୍ବର୍ଦ୍ଧନା

ପୁରୀ, ୨୫/୧୦ (ଆ.ପ୍ର) : ପୁରୀ ଜିଲ୍ଲା ବଳଙ୍ଗାର ସୁନା ଝିଅ ମେହେକ ନସରିନ, ଚଳିତ ବର୍ଷ ଅକ୍ଟୋବର ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ, ରାଜସ୍ଥାନର ଜୟପୁର ଠାରେଅନୁଷ୍ଠିତ ହୋଇଥିବା ସର୍ବ ଭାରତୀୟ ଷଷ୍ଠ ଓପେନ ଆଥଲେଟିକ ୨୩ ବର୍ଷ ରୁ କମ ବର୍ଗର ଚାମ୍ପିୟନସିପ ମହିଳା ହକ୍ଷଇଜମ୍ପ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ତାଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, କ୍ରୀଡା ସଂସଦର ପ୍ରାକ୍ତନ ଉପ ସଭାପତି ରାମଚନ୍ଦ୍ର ଦାସମହାପାତ୍ର, ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ମେହକଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ମେହକ ପୁରୀ ତଥା ଓଡ଼ିଶା କୁ ଗୌରାବାନ୍ୱିତ କରିଥିବାରୁ ପୁରୀ ଜିଲ୍ଲା କ୍ରୀଡା ସଂସଦ ଓ ଓଡିଶା ରାଜ୍ୟ ଦୌଡ଼କୁଦ ସଂଘ ତଥା କ୍ରୀଡ଼ା ସଂଗଠକ ମାନେ ତାଙ୍କ କୃତିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ଏକ ଟ୍ରଫି ପ୍ରଦାନ କରିଥିଲେ ।

ବାହାରିନ ଓଡ଼ିଆ ସମାଜ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଓ କୁମାର ପୂର୍ଣ୍ଣମୀ ଉତ୍ସବ ପାଳିତ

ଜଗତସିଂହପୁର, ୨୫/୧୦ (ଆ.ପ୍ର) : ବାହାରିନର ପ୍ରମୁଖ ସହର ବୁଦେଇୟା ଠାରେ ବାହାରିନ ଓଡ଼ିଆ ସମାଜ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଏବଂ କୁମାର ପୂର୍ଣ୍ଣମୀ ଉତ୍ସବ ବହୁତ ଧୁମଧାମରେ ପାଳିତ ହୋଇଯାଇଛି । ଏଥିରେ ପାଖାପାଖି ୫୦ ଓଡ଼ିଆ ପରିବାର ସାମିଲ ହୋଇଥିଲେ । ଏଥିରେ କୁମାରୀ ମାନେ ନୂଆ ବସ୍ତ୍ର ପରିଧାନ କରି, କୁଙ୍କୁମ ଚନ୍ଦନରେ ନିଜକୁ ସଜାଇ, ତୁଳସୀ ଚଉରା ପାଖରେ ବୃନ୍ଦାବତୀଙ୍କୁ ସ୍ମରଣ କରି ପୂଜା ଅର୍ଚ୍ଚନା କରିଥିଲେ । ପରେ ଖାଇ ଆଣ୍ଠୁକି ଟେକି ଦେଇ ପରିବାରର ମଙ୍ଗଳ ମନାସି ଥିବା କୁମାରୀ ମାନେ ଆଜିର ଦିନ ଟିକୁ ବହୁତ ଉପଭୋଗ କରିଥିଲେ । ଦୀର୍ଘ ୨୦ ବର୍ଷ ହବ ବାହାରିନ ରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳନ ହୋଇଆସୁଅଛି । ବାହାରିନରେ ଥିବା ସମସ୍ତ ଓଡ଼ିଆ, ଓଡିଶାର ସବୁ ପର୍ବ ପର୍ବାଣି ପାଳନ କରିବାକୁ ସବୁପ୍ରକାର ଚେଷ୍ଟା କରି ଆସୁଛନ୍ତି । ପରିଶେଷରେ ବାହାରିନ ଓଡ଼ିଆ ସମାଜର ସଭାପତି ରାମଚନ୍ଦ୍ର ସାହୁ, ସମାଜର ସାଧାରଣ ସମ୍ପାଦକ ସାରଦା ପଟ୍ଟନାୟକ, ଯୁଗ୍ମ ସାଧାରଣ ସଂପାଦକ ଅମରେଶ ପଣ୍ଡା, ଜନ ସମ୍ପର୍କ ସଂପାଦିକା ଅଙ୍କିତା ନାୟକ, କ୍ରୀଡା ସମ୍ପାଦକ ଅନିରୁଦ୍ଧ ବିଶ୍ୱାଳ, ସମାଜର ବରିଷ୍ଠ ସଦସ୍ୟ ଦୀନେଶ ମହାନ୍ତି, ପ୍ରିୟବ୍ରତ ରାୟ, ସୌମ୍ୟଦର୍ଶୀ ଦାଶ୍, ସରୋଜ ସାମଲ, କଳ୍ପତରୁ ମହାପାତ୍ର, କରୁଣାକର ନାୟକ, ଦିଲ୍ଲୀପ ସ୍ୱାଇଁ, ସଶାଙ୍କ ରଥ, ସଶାଙ୍କ ନନ୍ଦ, ସୁଜଳ ପଟାରୀ, ହିରଣ୍ୟ କୁମାର, ବିପ୍ଳବ ସାମନ୍ତରାୟ, ଓଡ଼ିଆ ସମାଜ ର କାର୍ଯ୍ୟକାରୀ ସମିତି, ମହିଳା ଏବଂ କୁମାରୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ଗୁଣପୁରରେ ଶୌଣ୍ଡିକ ସେବା ସଂଘର ସ୍ୱଚ୍ଛତା ଅଭିଯାନ

ଗୁଣପୁର, ୨୫/୧୦ (ଆ.ପ୍ର) : ସାମାଜିକ ସେବା ଓ ସ୍ୱଚ୍ଛତାର ବାର୍ତ୍ତା ପ୍ରସାର ଉଦ୍ଦେଶ୍ୟରେ ଗୁଣପୁର ସହରାଂଚଳ ଶୌଣ୍ଡିକ ସେବା ସଂଘ ପକ୍ଷରୁ ଏକ ସ୍ୱଚ୍ଛ ଭାରତ ଅଭିଯାନ ଆୟୋଜିତ ହୋଇଯାଇଛି । ଗୁଣପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଭେଙ୍କଟେଶ୍ୱର ମନ୍ଦିର ପରିସରରେ ସଂଘର ସଭାପତି ନରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ସଂଘର ସମ୍ପାଦକ କୃଷ୍ଣଚନ୍ଦ୍ର ସେନାପତି, ଯୁଗ୍ମ ସମ୍ପାଦକ ବିଶ୍ୱନାଥ ସାହୁ ଓ କୋଷାଧ୍ୟକ୍ଷ ଦିଲୀପ କୁମାର ଚୌଧୁରୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏଥିରେ ଜଗନ୍ନାଥ ଚୌଧୁରୀ, ଶିଶି ଭୂଷଣ ରତ୍ନାଲୁ, କୃଷ୍ଣଚନ୍ଦ୍ର ସାହୁ, ସୁବାଷ ସେନାପତି, ପ୍ରମୋଦ ନେମାଳିପୁରୀ, ମାଧବ ବିଷୋଇ, ମନୋଜ ପଣ୍ଡୁସାହୁ ଓ ପୂର୍ଣ୍ଣ ପଣ୍ଡୁ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଅଭିଯାନ ଶେଷ ହେବା ପରେ ସଂଘର ଏକ ବୈଠକ ଆୟୋଜିତ ହୋଇଥିଲା । ବୈଠକରେ ଆସନ୍ତା ନଭେମ୍ବର ମାସରେ ସଂଘ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଥିଲା । ଶିବିର ଆୟୋଜନର ନିର୍ଦ୍ଦିଷ୍ଟ ତାରିଖ ପରବର୍ତ୍ତୀ ସମୟରେ ସଭାପତି ଘୋଷଣା କରିବେ ବୋଲି ଜଣାଯାଇଛି । ଶେଷରେ ସଂଘର ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ସଭାପତି ବୈଠକର ସମାପ୍ତି ଘୋଷଣା କରିଥିଲେ ।

ସିରିଡି ସାଇ ନୃତ୍ୟ ମହୋତ୍ସବରେ ଗୁଣପୁରର କଳାକାରଙ୍କ ଚମତ୍କାର ପ୍ରଦର୍ଶନ

ଗୁଣପୁର, ୨୫/୧୦ (ଆ.ପ୍ର) : ମହାରାଷ୍ଟ୍ରର ସିରିଡିଠାରେ ଅନୁଷ୍ଠିତ ସାଇ ସଙ୍ଗୀତ ଓ ନୃତ୍ୟ ମହୋତ୍ସବରେ ଗୁଣପୁରର ନୃତ୍ୟଶ୍ରୀ କଳାକେନ୍ଦ୍ରର କଳାକାରମାନେ ନିଜର ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏହି ଅବସରରେ ସେମାନେ ନୃତ୍ୟକଳାର ନିପୁଣ ପରିପ୍ରକାଶ କରି ପୁରସ୍କୃତ ହୋଇଥିବାରୁ ଗୁଣପୁର ଅଂଚଳରେ ଆନନ୍ଦ ପ୍ରକାଶ ପାଇଛି । ତିନିଦିନ ଧରି ଆୟୋଜିତ ଏହି ଉତ୍ସବରେ ବିଭିନ୍ନ କଳାକାରଙ୍କ ମଧ୍ୟରେ ଗୁଣପୁରର ନୃତ୍ୟଶିଳ୍ପୀମାନଙ୍କ ପ୍ରଦର୍ଶନ ଦର୍ଶକଙ୍କ ମନ ଜିଣିଥିଲା । ନୃତ୍ୟଗୁରୁ ଡ. ରିନାରାଣୀ ସାହୁଙ୍କ ମାର୍ଗଦର୍ଶନରେ କୁନି କୁନି ନୃତ୍ୟଶିକ୍ଷାର୍ଥୀମାନେ ଏହି ଜାତୀୟସ୍ତରୀୟ ମଂଚରେ ନିଜ ପ୍ରତିଭାର ପରିଚୟ ଦେଇଥିଲେ । ମହୋତ୍ସବରେ ସୁନିଧି ରଥ, ପ୍ରାଚୀ ପରିଣୀତା ଦାସ, ସୋନାକ୍ଷୀ ବେହେରା, କେ. ପ୍ରତୀକ, ଯଶସ୍ୱିନୀ ଦାସ, ଜି. ଲକ୍ଷ୍ମୀଶ୍ରୀ, ଭି. ନିକ୍ଷିତା, ସାଇ ଜାନଭି ଓ ଶିଳା ସୁଭଦ୍ରା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସିରିଡି ଶ୍ରୀ ସାଇବାବା ମନ୍ଦିର ଟ୍ରଷ୍ଟର ଆମନ୍ତ୍ରଣକ୍ରମେ ନୃତ୍ୟଶ୍ରୀ କଳାକେନ୍ଦ୍ରର ଏହି ଦଳ ମହୋତ୍ସବରେ ଯୋଗଦେଇଥିଲେ । ଗୁରୁଙ୍କ ନିର୍ଦ୍ଦେଶନା ଓ ନୃତ୍ୟଶିକ୍ଷାର୍ଥୀମାନଙ୍କ ନିଷ୍ଠା ଏହି ସଫଳତାର ପ୍ରମୁଖ ଆଧାର ପାଲଟିଥିବା ବେଳେ ଏହା ଗୁଣପୁରର ନୃତ୍ୟକଳା ପରମ୍ପରାକୁ ଅଧିକ ଗୌରବାନ୍ୱିତ କରିଛି ।

ଟାଙ୍ଗୀ ଚୌଦ୍ୱାର ବ୍ଲକ ନୋଡାଲ ପକ୍ଷରୁ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ ଚୌଦ୍ୱାର, ୨୫/୧୦ (ଆ.ପ୍ର) : ଉଦ୍ଧାର ଫାଉଣ୍ଡେସନ ସଂଗଠନ ଚୌଦ୍ୱାର କଟକ ତଥା ଟାଙ୍ଗୀଚୌଦ୍ୱାର ବ୍ଲକ ନୋଡାଲ (ଏନଜିଓ)ତରଫରୁ ନୂତନ ଭାବେ ଯୋଗ ଦାନ କରିଥିବା ଚୌଦ୍ୱାର ଥାନା ଅଧିକାରୀ ଡ଼ା ବିକାଶ ସେଠୀଙ୍କୁ ଏକ ବୃକ୍ଷ ପ୍ରଦାନ ସହ ସମ୍ବର୍ଦ୍ଧନା ପ୍ରଦାନ କରାଗଲା । ଉଦ୍ଧାର ଫାଉଣ୍ଡେସନ ସଂଗଠନ ଚୌଦ୍ୱାର ଅଂଚଳରେ ପ୍ରତେକ ସମୟରେ ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ କରିଥାଏ । ଏହି ସଂଗଠନରେ ୧୨ଜଣ ମହିଳା ସଦସ୍ୟା ଅଛନ୍ତି, ୬୦ରୁ ଉର୍ଦ୍ଧ ଯୁବ ଶକ୍ତିଙ୍କ ଦ୍ୱାରା ସାମାଜିକ କାର୍ଯ୍ୟକ୍ରମ କରାଯାଏ । ଉଦ୍ଧାର ଫାଉଣ୍ଡେସନ ସଂଗଠନ ଦ୍ୱାରା ଓଡିଶାର ପ୍ରଥମ ଅନୁଷ୍ଠାନ ପରିବର୍ତ୍ତନ ନିଶାମୁକ୍ତି କେନ୍ଦ୍ର ଚାଲୁଅଛି । ଏହି କେନ୍ଦ୍ରରେ ୪୦ ଜଣ ନାବାଳକ ଅନ୍ତେବାସୀ ଆଶ୍ରୟ ନେଇ ଭବିଷ୍ୟତ ଗଠନ କରୁଛନ୍ତି । ମହିଳା ସଦସ୍ୟା ମାନେ ଘରୋଇ ହିଂସା ଓ ପାରିବାରିକ ସମସ୍ୟାର ଆପୋଷ ବୁଝାବଣା କରନ୍ତି । ଉଦ୍ଧାର ଫାଉଣ୍ଡେସନ ସଂଗଠନ ଏକ ଅନୁଷ୍ଠାନ ଯାହା ଜନମଙ୍ଗଳ ସେବାରେ ସବୁବେଳେ ନିୟୋଜିତ ଥାଏ ।

ବଣାଇଗଡ଼ର ଜଗନ୍ନାଥପୁରରେ ନୂତନ ରାଜଯୋଗ କେନ୍ଦ୍ର ଉଦ୍‌ଘାଟିତ

ବଣାଇଁ, ୨୫/୧୦ (ଆ.ପ୍ର) : ଆଜି ପବିତ୍ର କୁମାର ପୂର୍ଣ୍ଣିମା ଉତ୍ସବ ଅବସରରେ ବଣାଇଗଡ଼ ସହରର ଜଗନ୍ନାଥପୁରଠାରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଏକ ନୂତନ ରାଜଯୋଗ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ଏହି କେନ୍ଦ୍ର ମାଧ୍ୟମରେ ଅଂଚଳବାସୀ ରାଜଯୋଗ ଧ୍ୟାନ, ଆଧ୍ୟାତ୍ମିକ ଚିନ୍ତନ ଓ ମାନସିକ ଶାନ୍ତି ହାସଲ କରିବାର ସୁଯୋଗ ପାଇପାରିବେ ବୋଲି ରାଉରକେଲା ବ୍ରହ୍ମା କୁମାରୀ ଆଶ୍ରମର ମୁଖ୍ୟ ସଂଚାଳିକା ବ୍ରହ୍ମା କୁମାରୀ ବିମଳା କହିଛନ୍ତି ! ଉଦ୍‌ଘାଟନୀ ଉତ୍ସବରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବଣାଇ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ଓ ସମାଜସେବୀ ତାପସ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରି କ୍ୟାକ କାଟି କେନ୍ଦ୍ରର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ବଣାଇଗଡ଼ କେନ୍ଦ୍ରର ସଂଚାଳିକା ବିକେ ଅନିତା ମଂଚାସୀନ ଅତିଥି ମାନଙ୍କ ପରିଚୟ ଏବଂ ସ୍ୱାଗତ କରି ଈଶ୍ୱରୀୟ ଉପହାର ପ୍ରଦାନ କରିଥିଲେ । ବ୍ରହ୍ମକୁମାରୀ ଗୀତା ମାତା ବଣାଇଗଡ଼ରେ ୨୦୦୩ ମସିହାରୁ ଆରମ୍ଭ ହୋଇଥିବା ଏହି କେନ୍ଦ୍ର ପୁରୁଣା ଅନୁଭୂତି ବର୍ଣ୍ଣନା କରିଥିଲେ । ସୁନ୍ଦରଗଡ଼ କେନ୍ଦ୍ରର ମୁଖ୍ୟ ସଂଚାଳିକା ବିକେ ଜ୍ୟୋସ୍ନା ରାଜଯୋଗ ଧ୍ୟାନ ଅଭ୍ୟାସ କରାଇଥିଲେ ! ବ୍ରହ୍ମକୁମାରୀ ଶ୍ୱେତା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ରାଜଯୋଗ ମାଧ୍ୟମରେ ମନକୁ ଶାନ୍ତ ଓ ଏକାଗ୍ର ରଖିବା ସହ ଜୀବନରେ ସକାରାତ୍ମକ ଚିନ୍ତାଧାରା, ଆତ୍ମବିଶ୍ୱାସ ଓ ନୈତିକ ମୂଲ୍ୟବୋଧର ବିକାଶ ହୋଇପାରିବ ବୋଲି କହିଥିଲେ । ଏହି ଅବସରରେ କେନ୍ଦ୍ର ପାଇଁ ମାଗଣାରେ ଘର ଯୋଗାଇ ଦେଇଥିବା ଘର ସନ୍ତୋଷ ପ୍ରଧାନ, କଳ୍ପନା ପ୍ରଧାନ, ରୁଦ୍ର ଚରଣ ପ୍ରଧାନ, ବିନ୍ଦୁ ବିଶ୍ୱାଳ, ସିଦ୍ଧି ପ୍ରଧାନ ପ୍ରମୁଖ ଘର ମାଲିକ ପରିବାର ସଦସ୍ୟଙ୍କୁ କେନ୍ଦ୍ର ପକ୍ଷରୁ ଈଶ୍ୱରୀୟ ଉପହାର ଦେଇ ସମ୍ମାନିତ କରାଯାଇଥିଲା । କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା । ଏହି କେନ୍ଦ୍ର ଅଂଚଳବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜାଗରଣ ଓ ମାନସିକ ଶାନ୍ତିର ପ୍ରସାରରେ ସହାୟକ ହେବ ବୋଲି ଉପସ୍ଥିତ ଆଧ୍ୟାତ୍ମିକ ପ୍ରେମୀମାନେ ମତବ୍ୟକ୍ତ କରିଥିଲେ । ଏଥିରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ଅନୁଗାମୀ ଯୋଗ ଦେଇଥିଲେ ।

ଖଣ୍ଡପଡ଼ାରେ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ

ଖଣ୍ଡପଡ଼ା, ୨୫/୧୦ (ଆ.ପ୍ର) : ଖଣ୍ଡପଡ଼ା ସହର ସମେତ ଆଖପାଖ ଅଂଚଳର ବିଭିନ୍ନ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି । ଖଣ୍ଡପଡ଼ା ସହରର ରଥରାସ୍ତା ଛକସ୍ଥିତ ପୂଜା ମଣ୍ଡପ ମାନଙ୍କରେ ମା' ଙ୍କର ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ଆଖପାଖ ଅଂଚଳରେ ଅବସ୍ଥିତ ପୂଜା ମଣ୍ଡପରେ ମଧ୍ୟ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ମହାସମାରୋହରେ ଆରମ୍ଭ ହୋଇଥିବା ଜଣାପଡିଛି ।ରଙ୍ଗୀନ ଆଲୋକମାଳାରେ ପୂଜାମଣ୍ଡପ ଗୁଡିକ ଝଲସି ଉଠୁଛି । ବିଭିନ୍ନ ପୂଜା କମିଟି ପକ୍ଷରୁ ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ସୂଚନା ମିଳିଛି ।

ଉମରକୋଟରେ 'ବିକଶିତ ଓଡ଼ିଶା ୨.୦' ମେଗା ପ୍ରଦର୍ଶନୀ ଅନୁଷ୍ଠିତ ହେବ

ଉମରକୋଟ, ୨୫/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଉମରକୋଟରେ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ 'ବିକଶିତ ଓଡ଼ିଶା ୨.୦' ମେଗା ପ୍ରଦର୍ଶନୀ । ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ତିନିଦିନ ଧରି ଚାଲିବ ଏହି ପ୍ରଦର୍ଶନୀ । ଏଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା, ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ, ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁଯୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ । ଏହି ପ୍ରଦର୍ଶନୀରେ ମହିଳା, ଯୁବକଯୁବତୀ, ଚାଷୀ, ଛାତ୍ରଛାତ୍ରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଶେଷ ଗୁରୁତ୍ୱ ଦିଆଯିବ । ଆସନ୍ତା ଅକ୍ଟୋବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ ତିନିଦିନିଆ 'ବିକଶିତ ଓଡ଼ିଶା ୨.୦' ମେଗା ପ୍ରଦର୍ଶନୀ । ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଉନ୍ନପାୟାର ଫାଉଣ୍ଡେସନ୍‌ର ସହଯୋଗରେ ଏହି ଆୟୋଜନ କରାଯାଉଛି । ୨୬ ତାରିଖ ସକାଳ ୧୧ଟାରେ ପ୍ରଦର୍ଶନୀର ଉଦ୍‌ଘାଟନ ହେବ । ଏଥିରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଏବଂ ଝରିଗାଁ ବିଧାୟକ ନରସିଂହ ଭତ୍ରା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରଦର୍ଶନୀରେ ବିଭିନ୍ନ ସରକାରୀ ବିଭାଗ ଓ ଅନୁଷ୍ଠାନ ଯୋଗଦେଇ ସେମାନଙ୍କ ଯୋଜନା, ସେବା ଓ ଉପଲବ୍ଧି ସମ୍ପର୍କରେ ସୂଚନା ପ୍ରଦାନ କରିବେ । ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ନିଯୁକ୍ତି, କୃଷି ଓ ଉଦ୍ୟୋଗ କ୍ଷେତ୍ରରେ ରହିଥିବା ବିଭିନ୍ନ ସୁଯୋଗ ବିଷୟରେ ଲୋକମାନେ ଜାଣିପାରିବେ । ବିଶେଷକରି ମହିଳା, ଯୁବକଯୁବତୀ, ଚାଷୀ, ଆଦିବାସୀ ସମ୍ପ୍ରଦାୟ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟସଦସ୍ୟାଙ୍କୁ ସରକାରୀ ଯୋଜନା ସହ ଯୋଡ଼ିବା ଏହି ପ୍ରଦର୍ଶନୀର ଅନ୍ୟତମ ଲକ୍ଷ୍ୟ । ପ୍ରତିଦିନ ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହିବ । ଉମରକୋଟ ସମେତ ଆଖପାଖ ଅଂଚଳର ଜନସାଧାରଣ ଏହି ପ୍ରଦର୍ଶନୀରେ ଯୋଗଦେଇ ବିଭିନ୍ନ ଯୋଜନା ଓ ଜନକଲ୍ୟାଣକାରୀ ସେବା ସମ୍ପର୍କରେ ଅବଗତ ହେବାକୁ ଆୟୋଜକଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

ଖଣ୍ଡପଡ଼ାରେ ଶିଶୁ ଶାରଦୀୟ କୁମାର ଉତ୍ସବ ଅନୁଷ୍ଠିତ

ଖଣ୍ଡପଡ଼ା, ୨୫/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଶିଶୁ ଶାରଦୀୟ କୁମାର ଉତ୍ସବ ରବିବାର ପାଳିତ ହୋଇ ଯାଇଛି । ଖଣ୍ଡପଡ଼ା ସହରର ଦାଣ୍ଡସାହିରେ ୭୧ ତମ ଶିଶୁ ଶାରଦୀୟ କୁମାର ଉତ୍ସବ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ଭବ୍ୟ ଉତ୍ସବରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ଭାରତୀ ଭୂଷଣ ମିଶ୍ର, ଯୁବ ସମାଜସେବୀ ତଥା ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନ, ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସ୍ୱଚ୍ଛ ସଲିଳା ମହାପାତ୍ର, କାଉନସିଲର କବିତା ଦାସ ପ୍ରମୁଖ ଯୋଗଦେଇ ଶିଶୁ ଶାରଦୀୟ କୁମାର ଉତ୍ସବ ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ବିକାଶର ଏକ ମାଧ୍ୟମ ହେଉ ବୋଲି ମତ ଦେଇଥିଲେ । ଦୀର୍ଘ ୭୧ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଦାଣ୍ଡସାହିରେ ପାଳିତ ହୋଇ ଆସୁଥିବା ଏହି ପାରମ୍ପରିକ ଉତ୍ସବର ସଫଳତା ନେଇ ଅତିଥିମାନେ କାର୍ଯ୍ୟକ୍ରମର ଆୟୋଜକ ମାନଙ୍କୁ ପ୍ରଶଂସା କରିବା ସହ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ । ଶିଶୁ ଶାରଦୀୟ କୁମାର ଉତ୍ସବ କମିଟିର ସଭାପତି ତଥା ଶିକ୍ଷାବିତ ଶୈଳବାଳା ରଥ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ସମେତ ଶ୍ରେଷ୍ଠ କୁମାର ଓ କୁମାରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ପରିଶେଷରେ କୁମାରୀ ଓ କୁମାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ମଂଚ ତଳେ ଉପସ୍ଥିତ ଜନସାଧାରଣ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ ।

କଉଡ଼ି ଖେଳରେ ହାରି ଘରକୁ ଫେରିଲେ ମା'ଭଗବତୀଙ୍କ ବଳି ସେବକ ବଳିଜେନା

ଚିଲିକା/ବାଣପୁର, ୨୫/୧୦ (ଆ.ପ୍ର) : ମା'ଭଗବତୀଙ୍କ ଶାରଦୀୟ ପର୍ବର ଶେଷ ଉତ୍ସବ କଉଡ଼ି ଖେଳ । ଏହି ପରମ୍ପରା ଏ ପୀଠର ଏକ ନିଆରା ପରମ୍ପରା । ଦଶହରାରେ ସବୁଭଉଣୀଙ୍କୁ ମେଲାଣି ଦେଇ କେବଳ ଗଡ଼ଦେବୀ ମା' କନକଦୁର୍ଗାଙ୍କୁ ନିଜ ମନ୍ଦିରରେ ଛାଡ଼ିଦେଇ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱର ମନ୍ଦିରକୁ ଫେରିଥିଲେ ମା' ଭଗବତୀ'ଙ୍କ ଚଳନ୍ତି ପ୍ରତିମାକାଠି ଠାକୁରାଣୀ । ଦଶହରା ଠାରୁ କୁମାରପୂର୍ଣ୍ଣିମା ପର୍ଯ୍ୟନ୍ତ ମା' କନକଦୁର୍ଗା ମା'ଭଗବତୀଙ୍କ ମନ୍ଦିରରେ ମା'ଙ୍କ ପାଖରେ ବସି ଏକତ୍ର ପୂଜା ପାଉଥିଲେ । ଶାରଦୀୟ ପର୍ବରେ ଥିବା ପ୍ରାଚୀନ ନରବଳୀ ପରମ୍ପରାର ପ୍ରତୀକ ବଳି ଜେନା ମୂଳାଷ୍ଟମୀଠାରୁ ମହାନବମୀ ପର୍ଯ୍ୟନ୍ତ ମା'ଙ୍କ ମଧ୍ୟରାତ୍ର ଗୁପ୍ତତନ୍ତ୍ରପୂଜାରେ ବଳି ସମର୍ପଣ ସମୟରେ ପୂଜକଙ୍କ ମନ୍ତ୍ର ଉଚ୍ଚାରଣ ଓ ପ୍ରଚଣ୍ଡ ଘଂଟବାଦ୍ୟର ନିନାଦରେ ନିଜକୁ ସମର୍ପି ଦେଇ ଚେତା ଶୂନ୍ୟ ହୋଇ ପୁଣି ଚେତନା ଶକ୍ତି ଫେରିପାଇବାର ବିଶ୍ୱାସ ଭିତରେ ବଳିସେବା ଯୋଗାଇଦେଉଥିଲେ । ଏଭଳି ବିଶ୍ୱାସର ଏ ନିଆରା ପରମ୍ପରା କେବଳ ପ୍ରସିଦ୍ଧତନ୍ତ୍ରପୀଠ ମା' ଭାଗବତୀଙ୍କ ଶାରଦୀୟ ପର୍ବରେ ଦେଖିବାକୁ ମିଳେ । ସମସ୍ତ ଦେବୀମାନେ ନିଜ ମନ୍ଦିରକୁ ଦଶହରା ମଧ୍ୟରାତ୍ରରେ ଫେରିଗଲାପରେ ମଧ୍ୟ ବଳିସେବକ ବଳିଜେନା ମା'କନକ ଦୁର୍ଗାଙ୍କ ସହିତ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ ଭଗବତୀଙ୍କ ମନ୍ଦିରରେ ଅବସ୍ଥାନ କରୁଥିଲେ । ଏହିପର୍ବର ଶେଷ ଉତ୍ସବ 'କଉଡ଼ି ଖେଳ' କୁମାର ପୂର୍ଣ୍ଣିମାର ମଧ୍ୟରାତ୍ରରେ ମା'କନକ ଦୁର୍ଗାଙ୍କ ସହିତ ବଳି ଜେନାଙ୍କ ମଧ୍ୟରେ ସିଂହାସନ ଉପରେ ଅନୁଷ୍ଠିତ ହୋଇଥିଲା । ମା'ଙ୍କ ତରଫରୁ ପ୍ରତିନିଧି ଭାବରେ ପୂଜକ ସାଆନ୍ତ ପ୍ରସନ୍ନ ମହାପାତ୍ରଙ୍କ ସହିତ ବଳି ଜେନାଙ୍କ ମଧ୍ୟରେ ସାତଥର ଦାନପର୍ଦ୍ଦି କଉଡ଼ି ଖେଳହୋଇ ଶେଷରେ ବଳିଜେନା ଖେଳରେ ହାରିଯାଇଥିଲେ ଏବଂ ଆଗମୀ ବର୍ଷ ଶାରଦୀୟ ପର୍ବରେ ଯୋଗଦେବାକୁ ସଂକଳ୍ପ କରି ବାସହ ମା'ଙ୍କ ପାଖରେ କ୍ଷମା ପ୍ରାର୍ଥନା କରି ମଧ୍ୟରାତ୍ରରେ ମନ୍ଦିରରୁ ଏକା ଏକା ନିଜଗ୍ରାମ ସିଙ୍ଘେଶ୍ୱରକୁ ଫେରିଥିଲେ । ମୂଳାଷ୍ଟମୀଠାରୁ ମହାସମାରୋହରେ ଆରମ୍ଭ ହୋଇଥିବା ଶକ୍ତିକ୍ଷେତ୍ର ବାଣପୁରର ଏହି ପ୍ରସିଦ୍ଧ ଶାରଦୀୟ ପର୍ବ ଶେଷରେ କୁମାର ପୂର୍ଣ୍ଣମାରେ ଉଦଯାପିତ ହୋଇଥିଲା ।

ସ୍ୱର୍ଗତ ନକ୍ଷତ୍ରମାଳା ପରିଚ୍ଛାଙ୍କୁ ଶ୍ରଦ୍ଧାଞ୍ଜଳି ଏବଂ ବାଳ-ମୁକୁନ୍ଦ କେନ୍ଦ୍ର ପକ୍ଷରୁ କୃପାଳୁ ସଂକୀର୍ତ୍ତନ

ପାରଳାଖେମୁଣ୍ଡି, ୨୫/୧୦ (ଆ.ପ୍ର) : ପବିତ୍ର କାର୍ତ୍ତିକ ମାସର ଶୁଭାରମ୍ଭ ଅବସରରେ ଐତିହ୍ୟସମ୍ପନ୍ନ ଶ୍ରୀରସିକରାଜ ମନ୍ଦିର (ପରିଛା ମଠ) ପରିସରରେ କାର୍ତ୍ତିକ ବ୍ରତ ତଥା ମାସବ୍ୟାପୀ ଗୋବିନ୍ଦ ଦାମୋଦର ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି । ଆଜି ପ୍ରତ୍ୟୁଷରୁ ବ୍ରହ୍ମମୁହୂର୍ତ୍ତରେ ସ୍ଥାନୀୟ ଅଂଚଳର ବହୁ ବୟୋଜ୍ୟେଷ୍ଠା, ମହିଳା ଓ ଶ୍ରଦ୍ଧାଳୁ ଭକ୍ତ ଏକତ୍ରିତ ହୋଇ ପାରମ୍ପରିକ ରୀତିମତେ ପୂଜାର୍ଚ୍ଚନା ଓ ଦୀପଦାନ କରିଥିଲେ । ଏହି ଶୁଭ ଅବସରରେ ଏହି ପୂଜାର ମୁଖ୍ୟ ପ୍ରେରଣାଦାତ୍ରୀ ତଥା ପରମ ଭକ୍ତିପରାୟଣା ସ୍ୱର୍ଗତ ନକ୍ଷତ୍ରମାଳା ପରିଛାଙ୍କ ସ୍ମୃତିଚାରଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ତାଙ୍କରି ମାର୍ଗଦର୍ଶନ ଓ ପରମ୍ପରାକୁ ବଜାୟ ରଖି ଏହି କାର୍ଯ୍ୟକ୍ରମକୁ ବାସନ୍ତୀ ଚୌଧୁରୀ ନିଷ୍ଠାର ସହ ପରିଚାଳନା କରିଆସୁଛନ୍ତି । ପୂଜାର୍ଚ୍ଚନା ପରେ ପ୍ରାତଃକାଳରେ ସେଠାରେ ଥିବା 'ବାଳ-ମୁକୁନ୍ଦ କେନ୍ଦ୍ର' ଆନୁକୂଲ୍ୟରେ ଏବଂ ବିଶିଷ୍ଟ ଶିଶୁପ୍ରେମୀ ସତ୍ୟନାରାୟଣ ଆପଟଙ୍କ ପ୍ରତିନିଧିତ୍ୱରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିଶୁ ଓ ଭକ୍ତମାନଙ୍କ ଦ୍ୱାରା ଜଗଦ୍‌ଗୁରୁ କୃପାଳୁ ଜୀ ମହାରାଜଙ୍କ ରଚିତ ଭାବପୂର୍ଣ୍ଣ 'ରାଧାଗୋବିନ୍ଦ ଗୀତ' ତଥା ଦିବ୍ୟ ହରିନାମ ସଂକୀର୍ତ୍ତନ ପରିବେଷଣ କରାଯାଇ ସମଗ୍ର ପରିବେଶକୁ ଭକ୍ତିମୟ କରି ଗଢ଼ିତୋଳା ଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମର ପୁରୋଧା ହରେ ରାମ କୃଷ୍ଣ ଚୌଧୁରୀ ତଥା ମଠ ପରିଚାଳକ ତଥା ପ୍ରସିଦ୍ଧ ଚିତ୍ରଶିଳ୍ପୀ ମୁରଲୀଧର ପରିଛା ସୁଚାରୁ ରୂପେ ପରିଚାଳନା କରୁଛନ୍ତି । ଆଗାମୀ ଏକ ମାସ ପର୍ଯ୍ୟନ୍ତ ଏହି ମଠ ପରିସରରେ ନିରନ୍ତର ଭଜନ, ସଂକୀର୍ତ୍ତନ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି ।

ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଡ୍ରେନ୍ ପାଲଟିଛି ମଦବୋତଲର ଗନ୍ଧା ଘର କଂଟ୍ରାକ୍ଟରଙ୍କ ମେଳି ଓ 'ପିସି' କାରବାର ନେଇ ଉଠିଲା ପ୍ରଶ୍ନ ?

ତୁମୁଡିବନ୍ଧ, ବାଲିଗୁଡ଼ା, ୨୬।୧୦ (ଆ.ପ୍ର) : ସରକାରୀ କାର୍ଯ୍ୟାଳୟଗୁଡ଼ିକ ହେଉଛି ଜନସାଧାରଣଙ୍କ ସମସ୍ୟା ସମାଧାନର ମନ୍ଦିର । ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅଧୀନସ୍ଥ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଦୃଶ୍ୟ ଏହାର ସମ୍ପୂର୍ଣ୍ଣ ବିପରୀତ ବୋଲି ଜଣାପଡ଼ିଛି । ଏକ ଦାୟିତ୍ୱସମ୍ପନ୍ନ ଉଚ୍ଚସ୍ତରୀୟ ସରକାରୀ ଅଫିସ୍ ଆଗରେ ଥିବା ଡ୍ରେନ୍‌ରୁ କୁଢ଼ କୁଢ଼ ଦାମିକିଆ ମଦବୋତଲ ଜବତ ହେବା କିମ୍ବା ପଡ଼ି ରହିବା ବର୍ତ୍ତମାନ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ, କାର୍ଯ୍ୟାଳୟର ମୁଖ୍ୟ ଫାଟକ ଏବଂ ସମ୍ମୁଖ ଡ୍ରେନ୍‌ରେ ଏଭଳି ଭାବରେ ମଦବୋତଲ

ଗଡ଼ିବା ଦେଖି ସାଧାରଣରେ ପ୍ରଶ୍ନ ଉଠିଛି ଯେ, ଯେଉଁଠି ଦାୟିତ୍ୱରେ ଥିବା ବଡ଼ ବଡ଼ ଅଫିସରମାନେ ବସୁଛନ୍ତି, ସେଠାରେ ଏଭଳି ଅସାମାଜିକ କାର୍ଯ୍ୟକଳାପ କିପରି ଚାଲିଛି ? ଏଭଳି ପରିସ୍ଥିତିରେ ସାଧାରଣ ଜନତା ଏହି ଅଫିସକୁ ଆସି କିପରି ସେବା ପାଇବେ ଏବଂ ସେମାନଙ୍କ ସମସ୍ୟାର ସମାଧାନ କିପରି ହେବ, ତାହାକୁ ନେଇ ଗଭୀର ସନ୍ଦେହ ସୃଷ୍ଟି ହୋଇଛି । ଏକ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଏହି କାର୍ଯ୍ୟାଳୟରେ ଦିନତମାମ ସାଧାରଣ ଲୋକଙ୍କ କାମ ହେବା ପରିବର୍ତ୍ତନ କେବଳ ଠିକାଦାର (କଂଟ୍ରାକ୍ଟର) ମାନଙ୍କ ମେଳି ଜମୁଛି । ଅଫିସ ଭିତରେ କାମର ବୁଝାମଣା ସାଙ୍ଗକୁ ଭୋଜିଭାତ, ମଦର ଆସର ଏବଂ 'ପିସି' ପରସେଣ୍ଟେଜ୍‌କୁ କାରବାର ଜୋରସୋରରେ ଚାଲୁଥିବା ନେଇ ଆଲୋଚନା ହେଉଛି । ସରକାରୀ ଅଫିସ୍ ପରିସରରେ ଏଭଳି ମଦବୋତଲର ଗନ୍ଧାଘର ପାଲଟିବା ଘଟଣା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ଜିଲ୍ଲା ପ୍ରଶାସନ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତାପ୍ତରୀ ତଦନ୍ତ କରି ଦୋଷୀ କର୍ମଚାରୀ ଓ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।ସୂଚନା ଥାଉକି ସେହି କାର୍ଯ୍ୟଳୟ ପାଖରେ ଅନେକ କାର୍ଯ୍ୟଳୟ ଥିବାରୁ ଏହା ଏକ ଅତି ଦୁଃଖଦ ବିଷୟ ବୋଲି ଚର୍ଚ୍ଚା ଜୋର ଧରିଛି ।

ମହାସମାରୋହରେ ପାଳିତ ବଣାଇଁର ମା' କୁମାରୀ ଦେବୀଙ୍କ ପୂଜା

ବଣାଇଁ, ୨୬।୧୦(ଆ.ପ୍ର) : କୁମାର ପୂର୍ଣ୍ଣିମା ଉତ୍ସବ ଅବସରରେ ବଣାଇଗଡ଼ସ୍ଥିତ ମା' କୁମାରୀ ମନ୍ଦିରରେ ବିରାଜିତ ମା' କୁମାରୀଙ୍କ ପୂଜା ଓ ଉପାସନା ମହାସମାରୋହରେ ପାଳିତ ହୋଇଯାଇଛି । ମନ୍ଦିର ସମ୍ମୁଖରେ ଏକ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଥିବାବେଳେ ମନ୍ଦିରରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆଜି ପୂଜାର୍ଚ୍ଚନା କରାଯାଇଥିଲା । ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ମା' କୁମାରୀଙ୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଥିଲା । ହୋମ, ଆଳତି, ଯଜ୍ଞ ଓ ପୁଷ୍ପାଞ୍ଜଳି ପରେ ଭକ୍ତମାନଙ୍କୁ ଅନ୍ନପ୍ରସାଦ ବଂଟନ କରାଯାଇଥିଲା । ବହୁ ଶ୍ରଦ୍ଧାଳୁ ବିଭିନ୍ନ ମାନସିକ ରଖି ଉପବାସ କରିବା ସହ ମା'ଙ୍କ ପୂଜାରେ ଯୋଗଦେଇଥିଲେ । ଏହି ଅବସରରେ ବଣାଇ ରାଜା ସାହେବ ବୀର କେଶରୀ ଇନ୍ଦ୍ରଦେବଙ୍କ ପୁତ୍ର ଦ୍ୱିଗରାଜ ପ୍ରତାପ କେଶରୀ ଦେବଙ୍କ ସହ ଅନ୍ୟମାନେ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରିବା ପରେ ରାଜପ୍ରାସାଦକୁ ଫେରିଯାଇଥିଲେ । ଏହି ଅବସରରେ ବାହାରୀଗଡ଼ର ବହୁ ମହିଳା ନିଜ ଘର ସମ୍ମୁଖରେ ଝୋଟି ଓ କଳସ ସ୍ଥାପନ କରି ରାଜା ସାହେବଙ୍କୁ ସ୍ୱାଗତ ଜଣାଇଥିଲେ । ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ମା' କୁମାରୀଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ । ଏଥିସହ ମନ୍ଦିରର ଚତୁଃପାର୍ଶ୍ୱରେ ବିକାଶମୂଳକ କାର୍ଯ୍ୟ ପାଇଁ ସ୍ଥାନୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ପୂଜା ଅବସରରେ ବଣାଇ ଅଂଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ପୂଜକ ଭାବେ ଚିନ୍ମୟ ତ୍ରିପାଠୀ ପୂଜାକାର୍ଯ୍ୟ ତୁଲାଇଥିବାବେଳେ, ବୃନ୍ଦାବନ କିଶାନ, ଅରୂପାନନ୍ଦ ବଳେଇ ସେମାନଙ୍କୁ ସହଯୋଗ କରିଥିଲେ । ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ମାଗଣାରେ ଅନ୍ନପ୍ରସାଦ ବଂଟନ କରାଯାଇଥିଲା ।ଏହି କାର୍ଯ୍ୟ କ୍ରମ ଆୟୋଜନ ରେ ତପନ କୁମାର ଦଣ୍ଡିଆ, ରଞ୍ଜିତ ସେଠୀ, ଭବାନୀ ନାଏକ, ମମତା ସେନାପତି, ଶକୁନ୍ତଳା ନାଏକ, ହେମନ୍ତ ବେହେରା, ବେଣୁଧର ମୁଣ୍ଡା, ଜଗା ନାଏକ ପ୍ରମୁଖ ସହଯୋଗ କରିଥିଲେ ।

ବଣାଇଁ ବନଖଣ୍ଡରେ ବନ ବିଭାଗର ସ୍ୱତନ୍ତ୍ର ଅଭିଯାନ, ଡ୍ରୋନ୍ ଖୋଜୁଛି ଗଞ୍ଜେଇ, ଅଫିମ ଚାଷ



ବଣାଇଁ, ୨୬।୧୦ (ଆ.ପ୍ର) : ସୁନ୍ଦରଗଡ଼କୁ ନିଶାର ହବ୍ କରିଛନ୍ତି ପଡ଼ୋଶୀ ଝାଡ଼ଖଣ୍ଡର ନିଶା ମାଫିଆ । ଆଦିବାସୀଙ୍କ ସରଳତାର ଫାଇଦା ନେଇ ଉପାନ୍ତ ଅଂଚଳର ଜମି ହାତଉଛନ୍ତି । ସେଠାରେ ଗଞ୍ଜେଇ, ଅଫିମ ଚାଷ କରୁଛନ୍ତି । ଗଛ ଲଗାଇବାଠାରୁ ଫସଲ ଅମଳ ପର୍ଯ୍ୟନ୍ତ ଏଥିରେ ବିଧିବଦ୍ଧ ଭାବେ ଏକ ନେଟ୍‌ୱର୍କ କାମ କରୁଛି । ନିଶା ମାଫିଆଙ୍କ ଷଡ଼ଯନ୍ତ୍ର ପଦାରେ ପଡ଼ିବା ପରେ ବନ ବିଭାଗ ପକ୍ଷରୁ ବଣାଇଁ ବନଖଣ୍ଡରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ । ଘଂଚ ଜଙ୍ଗଲର ଆକାଶମାର୍ଗରେ ଡ୍ରୋନ୍ ବୁଲୁଛି । ବନ କର୍ମଚାରୀମାନେ ଗଞ୍ଜେଇ, ଅଫିମ ଚାଷ ଜମି ଠାବ କରିବାକୁ ଜୋର୍ଦ୍ଦାର ଉଦ୍ୟମ ଜାରି ରଖିଛନ୍ତି । ବଣାଇଁ ଉପଖଣ୍ଡର ଲହୁଣିପଡ଼ା, ଗୁରୁଣ୍ଡିଆ, କୋଇଡ଼ାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବିପୁଳ ପରିମାଣର ଅଫିମ ଚାଷ ହେବା ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତ ମାର୍ଚ୍ଚରେ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅଫିମ ଚାଷକୁ ନଷ୍ଟ କରାଯାଇଥିଲା । ନିଶା ମାଫିଆମାନେ ଗଞ୍ଜେଇ ଚାଷରେ ଭାଗ୍ୟ ପରଖିବାକୁ ମସୁଧା ଚଳାଇଥିବା ଜଣାପଡ଼ିବାପରେ ବନ ବିଭାଗର ଚିନ୍ତା ବଢ଼ିଛି । ଫସଲ ଅମଳ ପୂର୍ବରୁ ନଷ୍ଟ କରିବା ଉଦ୍ଦେଶ୍ୟରେ ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଡ୍ରାଇଭ । ଏଥିପାଇଁ ୮ଟି ଟିମ୍ ଗଠନ କରାଯାଇଛି । ପ୍ରତି ଟିମ୍‌ରେ ୭ରୁ ୮ଜଣ କର୍ମଚାରୀ ଅଛନ୍ତି । ସମ୍ପୃକ୍ତ ଟିମ୍ ସଦସ୍ୟଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଛି । ସେମାନେ ଘଂଚ ଜଙ୍ଗଲରେ ପଇଁତରା ମାରୁଛନ୍ତି । ହାତୀପଲ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବା ସହ କରଡ଼ି ଚାଲାଣ ଏବଂ ନିଷିଦ୍ଧ ନିଶା ଦ୍ରବ୍ୟ ଚାଷ ରୋକିବାକୁ ପାଟ୍ରୋଲିଂ କରୁଛନ୍ତି । ଡ୍ରୋନ୍ ସହାୟତାରେ ଅଫିମ ଓ ଗଞ୍ଜେଇ ଚାଷ ରୋକିବା ଲାଗି କଡ଼ା ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ବଣାଇଁ ଡିଏଫ୍‌ଓ ଯଶୋବନ୍ତ ସେଠୀ । ସୂଚନାଅନୁସାରେ, ଗତ ଫେବ୍ରୁଆରୀ ଓ ମାର୍ଚ୍ଚରେ ପଙ୍କଡ଼ିହି, ପୁଷ୍ପପୋଖରୀ ଓ ନୂଆଡ଼ନ୍ତରା ସଂରକ୍ଷିତ ଜଙ୍ଗଲରୁ ଏକର ଏକର ଜମିରେ ହୋଇଥିବା ଅଫିମ ଚାଷ ଠାବ କରାଯାଇଥିଲା । ପୁଲିସ୍, ବନ ବିଭାଗ ଓ ଅବକାରୀ କର୍ମଚାରୀଙ୍କ ମିଳିତ ପ୍ରୟାସରେ ସେସବୁ ନଷ୍ଟ କରାଯାଇଥିଲା । ଏହି ଘଟଣାରେ ଝାଡ଼ଖଣ୍ଡ ଅଂଚଳର ଦୁଇ ଜଣ ଶ୍ରମିକ ଧରାପଡ଼ିଥିଲେ । ହେଲେ ମାଫିଆଙ୍କ ଟେର୍ ମିଳି ନ ଥିଲା । ସାଧାରଣତଃ ବର୍ଷା ପରେ ଅର୍ଥାତ୍ ଅକ୍ଟୋବର ଶେଷ ବେଳକୁ ଝାଡ଼ଖଣ୍ଡର ନିଶା ମାଫିଆ ବଣାଇଁ ବନଖଣ୍ଡ ଅଂଚଳରେ ଡେରା ପକାଇଥାନ୍ତି । ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଚାରା ଉତ୍ପାଦନ, ରୋପଣ ଆଦି କାର୍ଯ୍ୟ କରିଥାନ୍ତି । ଗଛ ଉତ୍ପାଦନକ୍ଷମ ହେବା ପର୍ଯ୍ୟନ୍ତ ସେମାନେ ଟିକିନିଖି ଖବର ରଖିଥାନ୍ତି । ବାହାର ବଜାରରେ ନିଶାର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବାବେଳେ ନିଶା ମାଫିଆ ପ୍ରଚୁର ଲାଭ ଉଠାଉଛନ୍ତି । କିନ୍ତୁ ଏଭଳି ଅନ୍ତଃରାଜ୍ୟ ରାକେଟ୍ ମୂଳୋତ୍ପାଟନ ସହ ଝାଡ଼ଖଣ୍ଡର ନିଶା ମାଫିଆଙ୍କ ଅଂଟା ଭାଙ୍ଗିବାକୁ ଏବେ ବନ ବିଭାଗ ପ୍ରୟାସ ଆରମ୍ଭ କରିଛି ।

ମା' ମଙ୍ଗଳାଙ୍କ ଷଷ୍ଠ ବାର୍ଷିକୀ ଝାମୁଯାତ୍ରା ଅନୁଷ୍ଠିତ

ଦଶପଲ୍ଲା, ୨୬।୧୦ (ଆ.ପ୍ର) : ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୮ନମ୍ବର ୱାର୍ଡ଼ ପଟାମାଳ ଗ୍ରାମରେ ମା' ମଙ୍ଗଳାଙ୍କ ୬ଷ୍ଠ ବାର୍ଷିକ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାରେ ୧୬ଜଣ ଦଣ୍ଡୁଆ ନିଷ୍ଠା କାଷ୍ଠାରେ ରହି ଅଗ୍ନିରେ ଚାଲିଥାନ୍ତି । ଏହି ଝାମୁ ଯାତ୍ରାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, ଘୋଳାହାଣ୍ଡି ସରପଂଚ ଅରୁଣ ସ୍ୱାଇଁ, ୫ନମ୍ବର କାଉନସିଲର ମାନିନୀ ସେଠି, ୯ନମ୍ବର କାଉନସିଲର ଶୁକଦେବ ମିଶ୍ରଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ସମସ୍ତ ଅତିଥିମାନେ ପ୍ରଥମେ ଯାତ୍ରା ସ୍ଥଳରେ ପହଂଚି ମା' ମଙ୍ଗଳାଙ୍କୁ ଦର୍ଶନ କରିବା ପରେ ଏକ ସଭା ଆୟୋଜନ କରାଯାଇଥିଲା । ଏହି ଝାମୁ ଯାତ୍ରାକୁ ଗ୍ରାମର ସଭାପତି ଯଦୁନାଥ ନାଇକ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଥିଲେ । ପଟାମାଳ ଗ୍ରାମର ଯୁବକଙ୍କ ସହିତ ନିକଟସ୍ଥ ମାଳିସାହି ଗ୍ରାମର ଯୁବକମାନେ ଏହି ଯାତ୍ରାକୁ ସହଯୋଗ କରିଥିଲେ ।

ସାଇଁସ ପଂଚାୟତରେ ବିଭିନ୍ନ ଗ୍ରାମରେ କଣ୍ଢେଇ ବିବାହ ଅନୁଷ୍ଠିତ

ନିମାପଡ଼ା, ୨୬।୧୦ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁସ ଶାସନ ପଂଚାୟତରେ ବିଭିନ୍ନ ଗ୍ରାମରେ କୁଆଁରୀ ଝିଅ ମାନଙ୍କ କଣ୍ଢେଇ ବିବାହ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ସାଇଁସ ଶାସନ ପଂଚାୟତ ସ୍ଥିତ ତୋରିହବନ୍ଧ ମୌଜାର ତେଲିସାହି, ତୋଟା ସାହି, ପ୍ରଧାନ ସାହି, ମଠ ସାହି ପ୍ରମୁଖ ଗ୍ରାମରେ କଣ୍ଢେଇ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କଣ୍ଢେଇ ବିବାହ ଉତ୍ସବ କାର୍ଯ୍ୟକ୍ରମ ରେ ଉକ୍ତ ପଂଚାୟତ ସରପଂଚ ଦେବାଶିଷ ଆଚାର୍ଯ୍ୟ, ନକୁଳ ପ୍ରଧାନ ଯୋଗଦେଇ କୁମାରୀ ଝିଅ ମାନଙ୍କ ମଙ୍ଗଳ କାମନା କରିଥିଲେ । ବିବାହ ଉତ୍ସବ ପୂର୍ବରୁ ନିର୍ବନ୍ଧ କରାଯାଇ ମେହେନ୍ଦୀ, ହାଣ୍ଡି ମଙ୍ଗୁଳା ସହିତ ଡିଜେ ବଜାଇ ବର କନ୍ୟାଙ୍କୁ ସୁସଜ୍ଜିତ ଗାଡ଼ିରେ ବସାଇ ଗ୍ରାମ ପରିକ୍ରମା କରିଥିଲେ । ପରେ ବରଯାତ୍ରୀ ମାନେ ଭୋଜି ଭାତର ମଜା ନେଇଥିଲେ । ଏହି କଣ୍ଢେଇ ବିବାହ ଉତ୍ସବରେ ବର ଭାବେ ଆଦ୍ୟାଶା ସାମନ୍ତରାୟ (ପ୍ରେମ) ଓ କନ୍ୟା ଭାବେ ପୂଜା ମାଝୀ ବିବାହ ବେଦିରେ ବସିଥିଲେ । ପରେ କଣ୍ଢେଇ ବିବାହ ଉତ୍ସ୍ୱ ଅନୁଷ୍ଠିତ ହୋଇଥିଲା । ଏହି କଣ୍ଢେଇ ବିବାହ ଉତ୍ସବ କାର୍ଯ୍ୟକ୍ରମରେ ତୋରିହା ବନ୍ଧ ତେଲିସାହି ଗ୍ରାମର ମିଲିନା ସାମନ୍ତରାୟ, ଲିଜା ମାଝୀ, ସଂଧ୍ୟାରାଣୀ ସାହୁ, ସୋନାଲି ସାହୁ, ରେଖା ସାହୁ ସହିତ ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ନିମନ୍ତେ ଶପଥ ପାଠ ସଭା

ଜଗତସିଂହପୁର, ୨୬।୧୦ (ଆ.ପ୍ର) : ଆଜି ଜଗତସିଂହପୁର ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ଏକ ଶପଥ ପାଠ ସଭା ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସମିତ କୁମାର ରାଉତ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ରାଉତ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ମାନଙ୍କୁ ସଚ୍ଚୋଟତା ଓ ନିଷ୍ଠା ସହିତ କାର୍ଯ୍ୟ ପାଳନ ନିମନ୍ତେ ଶପଥ ପାଠ କରାଇଥିଲେ । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଡିଏସପି, ଦୁର୍ନୀତି ନିବାରଣ ବିଭାଗ ଅନୁପମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ । ଏଥି ସହିତ ଜିଲ୍ଲାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲରେ ମଧ୍ୟ ଅଧିକାରୀ ଓ କର୍ମଚାରୀ ମାନେ ସାଧୁତାର ଶପଥ ପାଠ କରିଥିଲେ । ପ୍ରକାଶ ଥାଉ କି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୬।୧୦।୨୬ ଠାରୁ ୧।୧୧।୨୬ ପର୍ଯ୍ୟନ୍ତ ପାଳନ କରାଯିବ ।

ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳଙ୍କୁ ଆଶୀର୍ବାଦ ସେବା ସଂଗଠନର ଦାବି

ଜଗତସିଂହପୁର, ୨୬।୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ପ୍ରତ୍ୟେକ ପଂଚାୟତରେ ନିର୍ମାଣ ସରିଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଆଶୀର୍ବାଦ ସେବା ସଂଗଠନ ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଜଗତସିଂହପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଗଠନର ସଭାପତି ଜଗନ୍ନାଥ ବେହେରା କର୍ମକର୍ତ୍ତା ମାନେ ଦାବି ପତ୍ରରେ ଦର୍ଶାଇଛନ୍ତି ଯେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଂଚଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି । ମାତ୍ର ଦୀର୍ଘ ଦିନ ବିତି ଯାଇ ଥିଲେ ମଧ୍ୟ ହେଁ ଏଠାରେ ସିଏଚ ଓ ଏବଂ ଆବଶ୍ୟକୀୟ ସ୍ୱାସ୍ଥ୍ୟ କର୍ମ ଚାରୀ ପଦବୀ ଖାଲି ପଡ଼ିଥିବାରୁ ଏହି କୋଠା ଗୁଡିକ ଉଦ୍ ଘାଟନ ହୋଇପାରୁ ନାହିଁ । ଫଳରେ ସ୍ଥାନୀୟ ସାଧାରଣ ଜନତା ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରସଙ୍ଗରେ ପାଇପାରୁ ବଂଚିତ ହୋଇ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏହି ସମ୍ବେଦନଶୀଳ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ଦେବା ସହ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ବିହିତ ପଦ କ୍ଷେପ ନେବାକୁ ସଂଗଠନ ପକ୍ଷରୁ ଦାବି କରା ଯାଇଛି । ଏହି ଦାବିପତ୍ର ସମୟରେ ସଂଗଠନର ସଭାପତି ଶ୍ରୀ ବେହେରା ସମେତ ସଂଗଠନର ସଦସ୍ୟ ସରୋଜ ସ୍ୱାଇଁ,ଦୈତାରୀ ଭୋଇ, ତୁଷାର ଦାସ, ଧରଣୀଧର ଦାସ, ସନ୍ତୋଷ କରଣ ପ୍ରମୁଖ ଉପସ୍ଥିତ ଥିଲେ ।

ନାଟ୍ୟ ଉତ୍ସବରେ ମହିଳା ପୋଲିସ ସମ୍ବର୍ଦ୍ଧିତ

ନିଶ୍ଚିନ୍ତକୋଇଲି, ୨୬।୧୦ (ଆ.ପ୍ର) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଓଥିକା ଗ୍ରାମର ସ୍ୱର୍ଗତ ବିଜୟ ମହାପାତ୍ରଙ୍କ କନ୍ୟା ଟ୍ରାଫିକ୍ ପୋଲିସ ହରପ୍ରିୟା ମହାପାତ୍ରଙ୍କୁ ମହାବୀର ଡ୍ରାମାଟିକ୍ କ୍ଲବର ନାଟ୍ୟ ଉତ୍ସବର ଉଦ୍‌ଘାଟନୀରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଟ୍ରାଫିକ୍ ପୋଲିସ ଜଣକ ଜାତୀୟ ସ୍ତରରେ କବାଡି ଖେଳି ସଫଳତା ଅର୍ଜନ କରିଥିବା ବେଳେ ଜଣେ ଓଡିଶୀ ନୃତ୍ୟ ଶିଳ୍ପୀ ଭାବେ ଏ ଅଂଚଳରେ ବେଶ୍ ଜଣାଶୁଣା ଥିବାରୁ ତାଙ୍କୁ ଏଭଳି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଅନୁଷ୍ଠାନର ସଭାପତି କଳ୍ପତରୁ ସେଠୀଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସବ୍ୟସାଚୀ ମହାନ୍ତି ଯୋଗଦେଇ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ବେଳେ ଏଥିରେ ସମ୍ମାନୀତ ଅତିଥି ଭାବେ ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ ପଣ୍ଡା, ସଂପାଦକ ଜୀବନାନନ୍ଦ ଦାଶ, ଅନୁଷ୍ଠାନର ସଂପାଦକ ରଂଜନ ଦାସ, ପ୍ରମୋଦ କୁମାର ନାୟକ, ସମ୍ବାଦିକ ସତ୍ୟଜିତ୍ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

ତେନ୍ତୁଳିଖୁଂଟି ବ୍ଲକ୍‌ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୨୬।୧୦(ଆ.ପ୍ର) : ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ଦ୍ରୁତ ଓ ନ୍ୟାୟସଙ୍ଗତ ସମାଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଂଟି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତା ଏବଂ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶ ମିଳିତ ଭାବେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ । ଶିବିରରେ ବିଭିନ୍ନ ସମସ୍ୟାର ସମାଧାନ ଆଶାରେ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜର ସମସ୍ୟା ଓ ଅଭିଯୋଗକୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଉପସ୍ଥିତ ଅଧିକାରୀମାନେ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବା ସହ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ତଦନ୍ତ ଓ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ଟି ଗ୍ରାମ୍ୟ ଓ ସାମୂହିକ ଅଭିଯୋଗ ରହିଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ଗୋଟିଏର ସମାଧାନ ତତ୍କାଳ ଘଟଣାସ୍ଥଳରେ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗଗୁଡ଼ିକର ଦ୍ରୁତ ତଦନ୍ତ ଓ ନିୟମାନୁଯାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପଠାଯାଇଥିଲା । ଜନସାଧାରଣଙ୍କ ଅଭିଯୋଗର ଶୁଣାଣି ସହ ତାହାର ଉପଯୁକ୍ତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ସ୍ୱଚ୍ଛ, ସୁଗମ ଓ ଜନକେନ୍ଦ୍ରିକ କରିବା ଉପରେ ଏହି ଶିବିରରେ ଗୁରୁତ୍ୱ ଦିଆଯାଇଥିଲା । ଏପରି ଅଭିଯୋଗ ଶୁଣାଣି ଶିବିର ଜରିଆରେ ଜନସାଧାରଣ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀଙ୍କ ନିକଟରେ ସିଧାସଳଖ ନିଜର ସମସ୍ୟା ଉପସ୍ଥାପନ କରିବାର ସୁଯୋଗ ପାଉଛନ୍ତି । ଏହାଦ୍ୱାରା ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ସୁଦୃଢ଼ ହେବା ସହ ଅଭିଯୋଗଗୁଡ଼ିକର ସମୟୋଚିତ ସମାଧାନ ଦିଗରେ ସହାୟତା ମିଳୁଛି । ଏହି ଅବସରରେ ତେନ୍ତୁଳିଖୁଂଟି ବ୍ଲକ୍ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ଉଦୟନ ସୁବୁଦ୍ଧି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଏବଂ ତେନ୍ତୁଳିଖୁଂଟି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ, ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କଲା ବିଜେପି

ଭୁବନେଶ୍ୱର, ୨୬।୧୦ (ଆ.ପ୍ର) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଉପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି । ମର୍ଯ୍ୟାଦାର ସୀମା ଉଲ୍ଲଂଘନ କରି କଂଗ୍ରେସ ଅଧ୍ୟକ୍ଷ ଯେଉଁଭଳି ହୀନ ମନ୍ତବ୍ୟ ଦେଇଛନ୍ତି ତାହାକୁ କେବେ ସହ୍ୟ କରାଯିବ ନାହିଁ । ମୋଦିଜୀଙ୍କ ବାପାଙ୍କୁ ନେଇ ଅଶାଳୀନ ମନ୍ତବ୍ୟ ଦେଇ ଖଡ଼୍‌ଗେ ସମସ୍ତ ସୀମା ଉଲ୍ଲଂଘନ କରିଛନ୍ତି । ଏହା ପୂର୍ବରୁ ମଧ୍ୟ ମୋଦିଜୀ ଏବଂ ତାଙ୍କ ପରିବାରକୁ ନେଇ କଂଗ୍ରେସ ପକ୍ଷରୁ ଅପମାନଜନକ ମନ୍ତବ୍ୟ ଦିଆଯାଉଛି । ରାଜନୀତିରେ ଏଭଳି ମନ୍ତବ୍ୟ ଦେଇ ଖଡ଼୍‌ଗେ ଭାଷା ଓ ମର୍ଯ୍ୟାଦାର ସମସ୍ତ ସୀମା ଉଲ୍ଲଂଘନ କରିଛନ୍ତି । ଏହା କେବଳ ଖଡ଼୍‌ଗେଙ୍କ ଭାଷା ନୁହେଁ ବରଂ ରାହୁଲ ଗାନ୍ଧୀ ଏବଂ କଂଗ୍ରେସର ହତାଶା ଭାବକୁ ପ୍ରତିଫଳନ କରୁଛି । ଏଭଳି ଅଶାଳୀନ ମନ୍ତବ୍ୟ ପାଇଁ ସମସ୍ତଙ୍କ ଆଗରେ ଖଡ଼୍‌ଗେ କ୍ଷମା ମାଗନ୍ତୁ ବୋଲି ରାଜ୍ୟ ବିଜେପି ପକ୍ଷରୁ ଦାବି କରାଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରୁ ବିକ୍ଷୋଭ ଶୋଭାଯାତ୍ରା ବାହାରି ମାଷ୍ଟରକ୍ୟାଂଟିନ୍ ଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । "ଅସଫଳତାରୁ ଅସଭ୍ୟତା କଂଗ୍ରେସର କୁତ୍ସିତ ମାନସିକତା", "ଅସଭ୍ୟ ହତାଶ କଂଗ୍ରେସ" ଆଦି ନାରାବାଜି କରାଯାଇ ଉଭୟଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦକ ସରୋଜ କୁମାର କର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୁଦିପ୍ତ ରାଏ, ମନୋଜ ମହାପାତ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ରାଜ୍ୟ ପ୍ରବକ୍ତା ଶତରୂପା ମିଶ୍ର, ତୃପ୍ତିମୟୀ ମକଦ୍ଦମ, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ସୁବ୍ରତ କୁମାର ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାପତି ଅନୁଜା ନନ୍ଦ, ସାଧାରଣ ସମ୍ପାଦିକା ପ୍ରବୀଣା ଭଞ୍ଜଦେଓ, ସମ୍ପାଦିକା ନମିତା ମିଶ୍ର, ଭୁବନେଶ୍ୱର ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, କଟକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପ୍ରଧାନ, କଟକ ଗ୍ରାମିଣୀ ସଭାନେତ୍ରୀ ସ୍ୱାଗତା ପଟ୍ଟନାୟକ, କର୍ପୋରେଟର ଯଶୋଧରା ପ୍ରଧାନ, ବନ୍ଦିତା ପାଲଙ୍କ ସମେତ ବହୁ ମହିଳା ଓ ଯୁବ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ ।

ନ୍ୟାୟ ପାଇଁ ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ରମେଶ

ନିଶ୍ଚିନ୍ତକୋଇଲି, ୨୬।୧୦ (ଆ.ପ୍ର) :ଗତ ତା.୨୨.୧୦.୨୦୨୬ରିଖ ଗୁରୁବାର ଅପରାହ୍ନରେ ବଡ଼କ୍ଷୀର ଗ୍ରାମର ରମେଶଚନ୍ଦ୍ର ମଳିକଙ୍କ ପୁତ୍ର ମହେନ୍ଦ୍ର ମଳିକ(୨୨)ବର୍ଷଙ୍କ ସହିତ ସେହି ବଡ଼କ୍ଷୀର ଗ୍ରାମର ପ୍ରମୋଦ କୁମାର ସିଂହଙ୍କ ପୁତ୍ର ବିକ୍ରମ କୁମାର ସିଂହଙ୍କ ମଧ୍ୟରେ କୌଣସି ଏକ ଘଟଣାକୁ ନେଇ ବଚସା ହୋଇଥିଲା । ଉଭୟଙ୍କ ମଧ୍ୟରେ କଥା କଟାକଟି ଓ ଠେଲାପେଲା ହୋଇଥିଲା । ଏହି ଠେଲାପେଲାରେ ବିକ୍ରମ ସିଂହ ଆହତ ହୋଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ନିଶ୍ଚିନ୍ତକୋଇଲି ଥାନାରେ ମହେନ୍ଦ୍ର ମଳିକ ଓ ତାଙ୍କ ସାନ ଭାଇ ବିଶ୍ୱଜିତ୍ ମଳିକ ଦୁହେଁ ମିଶି ଶ୍ରୀ ସିଂହଙ୍କୁ ଆକ୍ରମଣ କରିଥିବା ନେଇ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ । ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ମହେନ୍ଦ୍ରଙ୍କୁ ଆଣି ଥାନାରେ ଅଟକ ରଖାଯାଇଥିଲା । ଅପରପକ୍ଷରେ ମହେନ୍ଦ୍ର ଓ ତାଙ୍କ ପରିବାର ତଥା ସେଠାରେ ବସବାସ କରୁଥିବା ପଡ଼ୋଶୀ ଦଳିତମାନଙ୍କୁ ବିକ୍ରମ ସିଂହ ଜାତିଆଣ ଭାବେ ନେଇ ଆକ୍ଷେପ କରି ଗାଳିଗୁଲଜ କରିଥିବା ନେଇ ମହେନ୍ଦ୍ରଙ୍କ ବାପା ରମେଶଚନ୍ଦ୍ର ମଳିକ ନିଶ୍ଚିନ୍ତକୋଇଲି ଥାନାରେ ପାଲଟା ଲିଖିତ ଅଭିଯୋଗ କରିଥିଲେ । ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ଏସଆଇ ସ୍ମିତିରଂଜନ ସ୍ୱାଇଁ ଉକ୍ତ ଘଟଣାର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସ୍ଥାନୀୟ ବଡ଼କ୍ଷୀର ପଂଚାୟତର ଭଦ୍ର ବ୍ୟକ୍ତିମାନେ ଉଭୟଙ୍କ ମଧ୍ୟରେ ହୋଇଥିବା ବଚସା ଓ ଗଣ୍ଡଗୋଳର ଆପୋଷ ସମାଧାନ କରିବା ପାଇଁ ଉଭୟ ପକ୍ଷଙ୍କ ଠାରୁ ସହମତି ପାଇବା ପରେ ଥାନା ଏସଆଇ ଶ୍ରୀ ସ୍ୱାଇଁଙ୍କୁ କହିଥିଲେ । ଶ୍ରୀ ସ୍ୱାଇଁ ଭଦ୍ରବ୍ୟକ୍ତି ମାନଙ୍କୁ କହିଥିଲେ କି ଯଦି ଉଭୟ ପକ୍ଷ ରାଜି ଅଛନ୍ତି ତାହେଲେ ଘଟଣାର ସମାଧାନ କରନ୍ତୁ । ଭଦ୍ରବ୍ୟକ୍ତିମାନେ ଉଭୟ ପକ୍ଷଙ୍କୁ ନେଇ ଆଲୋଚନା ପର୍ଯ୍ୟାଲୋଚନା କରି ସମାଧାନର ଫଇସଲାନାମା ପତ୍ର ଲେଖି ଉଭୟ ପକ୍ଷ ଓ ଉପସ୍ଥିତ ଭଦ୍ର ବ୍ୟକ୍ତିଙ୍କ ଦସ୍ତଖତ କରିସାରି ଫଇସଲାନାମା ପତ୍ର ନେଇ ଶ୍ରୀଯୁକ୍ତ ସ୍ୱାଇଁଙ୍କୁ ଦେବାର ଠିକ୍ ପୂର୍ବରୁ ସେ ମହେନ୍ଦ୍ର ମଳିକଙ୍କୁ କୋର୍ଟ ଚାଲାଣ କରି ଦେଇଥିଲେ । ଦୁଇପକ୍ଷ ଏହାଲା ଦେଇଥିଲେ ହେଁ କଣ ପାଇଁ ଏସଆଇ ଶ୍ରୀ ସ୍ୱାଇଁ ଗୋଟିଏ ପକ୍ଷକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅନ୍ୟ ପକ୍ଷ ବିକ୍ରମ ସିଂହ ଗୁରୁତର ଆହତ ହୋଇଥିବାର ମିଛ ବାହାନା କରି ଚିକିତ୍ସିତ ହୋଇ ଥାନାରେ ତଥ୍ୟ ପ୍ରଦାନ କରିଥିବା ମହେନ୍ଦ୍ରଙ୍କ ବାପା ରମେଶ ଅଭିଯୋଗ କରିଛନ୍ତି । ବିକ୍ରମ ଏବେ ଗାଁରେ ଯାଇ ରମେଶ ଓ ତାଙ୍କ ପରିବାର ସଦସ୍ୟଙ୍କ ସମେତ ସେଠାରେ ବସବାସ କରୁଥିବା ସମସ୍ତ ଦଳିତ ସମାଜକୁ ଜାତିଆଣ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ରମେଶ ମଧ୍ୟ ଅଭିଯୋଗ କରିଛନ୍ତି । ନିଶ୍ଚିନ୍ତକୋଇଲି ଥାନା ଏସଆଇଙ୍କ ଏଭଳି କାର୍ଯ୍ୟକଳାପରେ ବଡ଼କ୍ଷୀର ଗ୍ରାମରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି । ଘଟଣାର ବିଧିବଦ୍ଧ ତଦନ୍ତ କରି ଅପରପକ୍ଷକୁ ଗିରଫ କରି କୋର୍ଟ ଚାଲାଣ କରିବା ଓ ସମ୍ପୃକ୍ତ ଏସଆଇଙ୍କ ଏଭଳି ପକ୍ଷପାତିତା କାର୍ଯ୍ୟ କରିଥିବାରୁ ଏସଆଇଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରମେଶଚନ୍ଦ୍ର ମଳିକ ଏକ ଲିଖିତ ଅଭିଯୋଗ ପତ୍ର ସାଲେପୁର ଥାନା ଉପଖଣ୍ଡ ଅଧିକାରୀଙ୍କୁ ଦେଇଛନ୍ତି ।

ସେଇଥି
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୭ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ହର୍ମନପ୍ରୀତ-ଦୀପ୍ତିଙ୍କ ଶତକରେ ଭାରତର ଧମାକା

ନୂଆଦିଲ୍ଲୀ, ୨୬/୧୦ (ନ୍ୟୁ.ଏ): ହର୍ମନପ୍ରୀତ କୌର ଓ ଦୀପ୍ତି ଶର୍ମାଙ୍କ ଶତକ ସାଙ୍ଗକୁ ବୋଲିଂ ବିଭାଗର ଶୃଙ୍ଖଳିତ ବୋଲିଂ ବଳରେ ଘରୋଇ ଭାରତ ଦ୍ୱିତୀୟ ମହିଳା ଦିନିକିଆରେ ଜିମ୍ବାୱେକୁ ୧୨୧ ରନ୍‌ରେ ହରାଇ ସିରିଜ କବ୍‌ଜା କରିଛି । ଏହି ମ୍ୟାଚ୍‌ରେ ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ୍ ହରାଇ ୩୨୮ ରନ୍ ସଂଗ୍ରହ କରିଥିଲା । ଜବାବରେ ଜିମ୍ବାୱେ ୪୮.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୨୦୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇଥିଲା ଭାରତ । ଓପନର ପ୍ରତୀକା ରାଓ୍ୱଲ ଚିରାଚରିତ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବାବେଳେ ଅନ୍ୟ ଓପନର ସ୍ମୃତି ମନ୍ଧାନା ଖାତା ଖୋଲି ପାରିନଥିଲେ । ଶେଫାଳି ବର୍ମା (୮) ମଧ୍ୟ ନିରାଶ କରିଥିଲେ । ଦ୍ୱିତୀୟ ୱିକେଟର ପତନ ପରେ ବ୍ୟାଟିଂ କରିବାକୁ ଆସିଥିବା ହର୍ମନପ୍ରୀତ ଅପରାଜିତ ପ୍ରତୀକାଙ୍କ ସହ ମିଶି ସ୍କୋରକୁ ୧୪୩ରେ ପହଂଚାଇଥିଲେ । ପ୍ରତୀକା ୪ଚୌକା ଓ ୨ଛକା ବଳରେ ୬୧ରନ୍ କରି ଆଉଟ୍ ହୋଇଥିଲେ । ମଧ୍ୟକ୍ରମ ବ୍ୟାଟର ଜେଜଲ ହସବନିସ୍ (୩) ମଧ୍ୟ ବିଫଳ ହୋଇଥିଲେ । ଅଲରାଉଣ୍ଡର ଦୀପ୍ତି କ୍ରିଜ୍‌ରେ ଯୋଗଦେଇ ହର୍ମନପ୍ରୀତଙ୍କୁ ଭରପୂର ସହାୟତା ପ୍ରଦାନ କରିଥିଲେ । ହର୍ମନପ୍ରୀତ ୧୦୧ ବଲ ଅଷ୍ଟମ ଦିନିକିଆ ଶତକ ଅର୍ଜନ କରିଥିଲେ । ପଂଚମ ୱିକେଟ୍‌ରେ ଉଭୟ ରେକର୍ଡ ୧୫୩ରନ୍‌ର ଭାଗିଦାରୀ ଗଠନ କରିବା ଫଳରେ ଦଳୀୟ ସ୍କୋର ୩୦୧ରେ ପହଂଚିଥିଲା । ହର୍ମନପ୍ରୀତ ୧୫ଚୌକା ବଳରେ ୧୨୬ରନ୍ କରି ବିଦାୟ ନେଇଥିଲେ । ମାତ୍ର ଦୀପ୍ତି କ୍ୟାରିୟରରେ ଦ୍ୱିତୀୟ ଦିନିକିଆ ଶତକ ପୂରଣ କରିବା ସହ ଦଳୀୟ ସ୍କୋରକୁ ୬/୩୨୮ରେ ପହଂଚାଇ ଦେଇଥିଲେ । ସେ ୧୫ଚୌକା ବଳରେ ୧୦୬ରନ୍ କରି ଅପରାଜିତ ଥିଲେ । ଜିମ୍ବାୱେର ନମେଲୋ ଶିବାନ୍ଦା ୨ଟି ୱିକେଟ୍ ନେଇଥିଲେ । ୩୨୯ରନ୍ ବିଜୟ ଲକ୍ଷ୍ୟର ପିଛା କରି ଜିମ୍ବାୱେ ୨୦୭ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ମଦେଷ୍ଟର ମୁପାଚିକ୍ୱା ୪୯ (୯ଚୌକା), ଚିପୁ ମୁଗେରି ତିରିପାନୋ ୪୬ (୭ଚୌକା), କିଲରୁ ବିଜା ୩୪, ଯୋଶେଫିନା ଏନକୁମୋ ୨୨, ନ୍ୟାଶା ଗ୍ୱାନଡୁରା ୨୦ ରନ୍ କରିଥିଲେ । ଭାରତ ପକ୍ଷରୁ ବୈଷ୍ଣବୀ ଶର୍ମା ୪ଟି, ଦୀପ୍ତି ୩ଟି ଏବଂ ସାୟଲୀ ସତଘରେ, କ୍ରାନ୍ତିମଣି କାଳିଜା ଓ ଶ୍ରୀ ଚରଣୀ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

ପ୍ରଥମ 'ଏ' ଟେଷ୍ଟ୍: ଭାରତର ଚମତ୍କାର ପ୍ରତ୍ୟାବର୍ତନ

ଲିନ୍‌କନ୍, ୨୬/୧୦ (ନ୍ୟୁ.ଏ): ସ୍ଥାନୀୟ ବର୍ଟ ସୁଟ୍‌କ୍ଲିଫ୍ ଓଭାଲଠାରେ ଚାଲିଥିବା ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଅନେପଚାରିକ ଟେଷ୍ଟର ଦ୍ୱିତୀୟ ପାଳିରେ ଚମତ୍କାର ପ୍ରତ୍ୟାବର୍ତନ କରି ଭାରତ ୨୮୪ ରନ୍‌ରେ ଆଗୁଆ ହୋଇଯାଇଛି । ପ୍ରଥମ ପାଳିରେ ମାତ୍ର ୧୧୩ ରନ୍‌ରେ ଅଲ୍‌ଆଉଟ୍ ହୋଇଥିବା ଭାରତ ଦ୍ୱିତୀୟ ପାଳିରେ ତୃତୀୟ ଦିନର ଷ୍ଟମ୍ପସ ବେଳକୁ ୪୮୮/୮ କରି ବ୍ୟାଟିଂ ଜାରି ରଖିଛି । ୱାସିଂଟନ୍ ସୁନ୍ଦର (୫୧*ଚ) ଓ ଆକାଶ ଦୀପ (୦*ଚ) ଅପରାଜିତ ଅଛନ୍ତି । ସୋମବାର ୧୦୬/୨ରୁ ଖେଳ ଆରମ୍ଭ କରିଥିବା ଭ୍ରମଣକାରୀ ଭାରତ ଏଥିରେ ୩୮୨ ରନ୍ ଯୋଡ଼ି ଆଉ ୬ ୱିକେଟ୍ ହରାଇଛି । ଗତକାଲିର ଦୁଇ ଅପରାଜିତ ବ୍ୟାଟର ଦେବଦତ ପଡ଼ିକଲ (୧୯୯) ମାତ୍ର ୧ ରନ୍ ପାଇଁ ଦ୍ୱିଶତକରୁ ଏବଂ ସାଇ ସୁଦର୍ଶନ (୯୧) ୯ ରନ୍ ପାଇଁ ଶତକରୁ ବଂଚିତ ହୋଇଥିଲେ ମଧ୍ୟ ୨୧୫ ରନ୍‌ର ଭାଗୀଦାରୀ ଗଢ଼ି ଦଳର ସ୍ଥିତି ଦୃଢ଼ କରିଥିଲେ । ଅଧିନାୟକ ଧ୍ରୁବ ଜୁରେଲ (୨) ବିଫଳ ହୋଇଥିଲେ । ହେଲେ ନିମ୍ନ କ୍ରମରେ ଯଶ୍ ରାଠୋଡ଼ (୬୬), ଆକ୍ୱିବ ନବି (୩୮) ଓ ଅଂଶୁଲ କମ୍ବୋଜ (୨୩) ଭଲ କରିବାରୁ ଭାରତ ୩୦୦ ରନ୍ ଆଗରେ ରହିବାର ଆଶା ସଂଚାର କରିଛି । ଘରୋଇ ଦଳ ପ୍ରଥମ ପାଳିରେ ୩୧୭ ରନ୍ କରି ୨୦୪ ରନ୍‌ର ଅଗ୍ରଣୀ ନେଇଥିଲା । ସଂକ୍ଷିପ୍ତ ସ୍କୋର: ଭାରତ 'ଏ' ପ୍ରଥମ ପାଳି ୧୧୩ । ନ୍ୟୁଜିଲାଣ୍ଡ 'ଏ' ପ୍ରଥମ ପାଳି ୩୧୭ । ଭାରତ 'ଏ' ଦ୍ୱିତୀୟ ପାଳି ୧୧୮ ଓଭରରେ ୪୮୮/୮ (ଦେବଦତ ପଡ଼ିକଲ ୧୯୯, ସାଇ ସୁଦର୍ଶନ ୯୧, ଯଶ୍ ରାଠୋଡ଼ ୬୬, ୱାସିଂଟନ୍ ସୁନ୍ଦର ୫୧*ଚ, ଜ୍ୟାକ୍ ଗିବ୍‌ସନ୍ ୨/୫୮, କ୍ରିଷ୍ଟିଆନ୍ କ୍ଲାର୍କ ୨/୯୯) ।

ନଭେମ୍ବର ୧ରେ ରାମଲୀଳା ମୈଦାନରେ କଂଗ୍ରେସର 'ଭୋଟ୍ ବଂଚାଅ' ମହାସମାବେଶ

ନୂଆଦିଲ୍ଲୀ, ୨୬/୧୦ (ନ୍ୟୁ.ଏ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ଓ ନିର୍ବାଚନ ପ୍ରକ୍ରିୟାରେ କଥିତ ଅନିୟମିତତାକୁ ନେଇ କଂଗ୍ରେସ ଆସନ୍ତା ନଭେମ୍ବର ୧ ତାରିଖରେ ନୂଆଦିଲ୍ଲୀର ରାମଲୀଳା ମୈଦାନରେ 'ଭୋଟ୍ ବଂଚାଅ, ଦେଶ ବଂଚାଅ' ନାମରେ ଏକ ବିଶାଳ ସମାବେଶ କରିବ । ଇଣ୍ଡିମେଂଟର ଅନ୍ୟ ଦଳଗୁଡ଼ିକର ନେତାମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି । ତେଣେ କଂଗ୍ରେସ ସମାବେଶର ଦିନକ ପରେ, ନଭେମ୍ବର ୨ ତାରିଖରେ ତେଲେଙ୍ଗାନାରେ ବିଜେପି ଏକ ପଦଯାତ୍ରା କରିବ । ଏଥିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଯୋଗଦେବେ ବୋଲି ତେଲେଙ୍ଗାନା ବିଜେପି ସଭାପତି ଏନ୍ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ସୋମବାର ଏହି ଘୋଷଣା କରିଛନ୍ତି । ଏହି ସମାବେଶରେ ଭାରତୀୟ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ଓ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ଦଳ ନିଜର ଆପତି ଉଠାଇବ । ଏହା ସହ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଏସ୍‌ଆଇଆର ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯିବ । ଖଡ଼ଗେ ଅଭିଯୋଗ କରିଛନ୍ତି ଯେ, ଦେଶର ଲକ୍ଷ ଲକ୍ଷ ନାଗରିକଙ୍କ ଭୋଟ୍ ଦେବାର ସାମ୍ବିଧାନିକ ଅଧିକାର ବିପଦରେ ରହିଛି । ଭୋଟର ତାଲିକାରୁ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡୁଥିବା ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି । ଏହି ପ୍ରସଙ୍ଗରେ ଜନସାଧାରଣଙ୍କୁ ଏକାଠି ହୋଇ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ସ୍ୱର ଉଠାଇବାକୁ ସେ ଆହ୍ୱାନ ଦେଇଛନ୍ତି । ଏହି ସମାବେଶରେ ବିରୋଧୀ ରାମଚନ୍ଦର ରାଓ ସୋମବାର କହିଛନ୍ତି । 'ଲୋକତନ୍ତ୍ର ବଂଚାଅ, ଅରାଜକତା ହଟାଅ' ବାର୍ତା ନେଇ ଏହି ପଦଯାତ୍ରା ଆୟୋଜନ କରାଯିବ । ରାଓ କଂଗ୍ରେସ ଉପରେ ଏସ୍‌ଆଇଆରକୁ ନେଇ ଭ୍ରମାତ୍ମକ ପ୍ରଚାର କରୁଥିବା ଅଭିଯୋଗ ଆଣିଛନ୍ତି । ଭୋଟର ତାଲିକାରୁ ନାମ ବାଦ୍ ପଡ଼ିଥିବା ନେଇ କଂଗ୍ରେସର ଅଭିଯୋଗକୁ ସେ ଚ୍ୟାଲେଞ୍ଜ କରିଛନ୍ତି । ଯୋଗ୍ୟ ଭୋଟରଙ୍କ ନାମ ଭୁଲ୍ ?ରେ ବାଦ୍ ପଡ଼ିଥିଲେ, ସେମାନେ ପୁଣି ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ ବୋଲି ସେ କହିଛନ୍ତି । ଭୋଟର ତାଲିକା ସଂଶୋଧନକୁ କେନ୍ଦ୍ର କରି କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୈତିକ ମୁକାବିଲା ତୀବ୍ର ହେଉଥିବାବେଳେ ନଭେମ୍ବର ପହିଲାର ସମାବେଶ ଓ ପରଦିନର ପଦଯାତ୍ରା ଉପରେ ରାଜନୈତିକ ମହଲର ନଜର ରହିଛି ।

ଆଇଡବ୍ଲ୍ୟୁଏଲ୍-୨: ପରାଜୟରୁ ସ୍ପୋର୍ଟ୍ସ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୬/୧୦ (ଆ.ପ୍ର) : ଚଳିତ ଆଇଡବ୍ଲ୍ୟୁଏଲ୍୨ ଫୁଟ୍‌ବଲ୍ ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି । ସୋମବାର ସ୍ଥାନୀୟ କ୍ୟାପିଟାଲ ଏରିନାରେ ଖେଳାଯାଇଥିବା ଗ୍ରୁପ୍-ବି' ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ୨-୩ ଗୋଲ୍‌ରେ ଇମ୍ଫାଲର ୟୁଥ୍ ୱେଲ୍‌ଫେୟାର କ୍ଲବ୍‌ଠୁ ହାରି ଯାଇଛି । କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ୨୫ତମ ମିନିଟ୍‌ରେ ମନୀଷା ନାୟକଙ୍କ ଗୋଲ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ପ୍ରଥମାର୍ଦ୍ଧରେ ୧-୦ରେ ଶେଷ ହେବା ପରେ ୫୬ତମ ମିନିଟ୍‌ରେ ୟୁଥ୍ ୱେଲ୍‌ଫେୟାର କ୍ଲବ୍‌ର ଫୀଙ୍ଗେବାମ ଅବେମା ଦେବୀ ଗୋଲଟି ଶୁଝି ସ୍ଥିତି ବରାବର କରିଥିଲେ । ୭୨ତମ ମିନିଟ୍‌ରେ ସତ୍ୟବତୀ ଖଡ଼ିଆଙ୍କ ଗୋଲ୍‌ରେ ଓଡ଼ିଶା ପୁଣି ଆଗୁଆ ହୋଇଥିଲେ । ହେଲେ ଏହାପରେ ରୋଜି ଥାଙ୍ଗା (୭୪ ମିନିଟ୍) ଓ ହେରିନା ବାସୁମତାରି (୮୩ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରି ୟୁଥ୍ ୱେଲଫେୟାରକୁ ବିଜୟ ଦେଇଥିଲେ ।

ରାହୁଲ ଗାନ୍ଧୀଙ୍କୁ ୨୦୧୮ ମାନହାନି ମାମଲାରୁ ମିଳିଲା ମୁକ୍ତି

ସୁଲତାନପୁର, ୨୬/୧୦ (ନ୍ୟୁ.ଏ): ଉତରପ୍ରଦେଶର ସୁଲତାନପୁରସ୍ଥିତ ସ୍ୱତନ୍ତ୍ର ସାଂସଦ-ବିଧାୟକ ଅଦାଲତ ସୋମବାର କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ୨୦୧୮ର ଏକ ଆପରାଧିକ ମାନହାନି ମାମଲାରୁ ମୁକ୍ତ କରିଛନ୍ତି । ବର୍ତମାନର କେନ୍ଦ୍ର ଗୃହମନ୍ତ୍ରୀ ତଥା ତତ୍କାଳୀନ ବିଜେପି ଜାତୀୟ ସଭାପତି ଅମିତ ଶାହଙ୍କ ସମ୍ପର୍କରେ ରାହୁଲ ଦେଇଥିବା ମନ୍ତବ୍ୟକୁ ନେଇ ଏହି ମାମଲା ହୋଇଥିଲା । ଅଭିଯୋଗ ପ୍ରମାଣିତ ହୋଇ ନ ପାରିବାରୁ ଅଦାଲତ ତାଙ୍କୁ ମୁକ୍ତ କରିଥିବା ଜଣାପଡ଼ିଛି । ଅତିରିକ୍ତ ସିଭିଲ୍ ଜଜ୍ ଶୁଭମ୍ ବର୍ମା ଏହି ମାମଲାରେ ରାୟ ଶୁଣାଇଥିଲେ । ରାୟ ଘୋଷଣା ସମୟରେ ରାହୁଲ ନିଜେ ଅଦାଲତରେ ଉପସ୍ଥିତ ଥିଲେ । ନିଷ୍ପତି ପରେ ତାଙ୍କ ସମର୍ଥକମାନେ ଖୁସି ପ୍ରକାଶ କରିଥିଲେ । କଂଗ୍ରେସ ମଧ୍ୟ ଏହି ରାୟକୁ ସ୍ୱାଗତ କରି ସତ୍ୟର ବିଜୟ ହୋଇଥିବା କହିଛି । ଏହି ମାମଲା ୨୦୧୮ ମସିହା ଅଗଷ୍ଟ ୪ ତାରିଖରେ ସ୍ଥାନୀୟ ବିଜେପି ନେତା ବିଜୟ ମିଶ୍ରଙ୍କ ଅଭିଯୋଗ ଆଧାରରେ ଦାଏର ହୋଇଥିଲା । ସେ ସୁଲତାନପୁର ଜିଲ୍ଲା ସମବାୟ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ଥିଲେ । ୨୦୧୮ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ବେଙ୍ଗାଲୁରୁରେ ଏକ ସଭାରେ ରାହୁଲ ଅମିତ ଶାହଙ୍କ ସମ୍ପର୍କରେ ଆପତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା । ମାମଲାର ଶେଷ ପର୍ଯ୍ୟାୟ ଶୁଣାଣିରେ ରାହୁଲଙ୍କ ଓକିଲ ମନ୍ତବ୍ୟ ଦିଆଯାଇଥିବା ସ୍ୱୀକାର କରିଥିଲେ ମଧ୍ୟ ଏହା ପଛରେ କାହାକୁ ଅପମାନିତ କରିବାର ଉଦ୍ଦେଶ୍ୟ ନ ଥିବା ଯୁକ୍ତି ରଖିଥିଲେ । ମନ୍ତବ୍ୟକୁ ତାହାର ପ୍ରକୃତ ପ୍ରସଙ୍ଗରୁ ଅଲଗା କରି ଉପସ୍ଥାପନ କରାଯାଇଥିବା ମଧ୍ୟ ଓକିଲ କହିଥିଲେ । ଅନ୍ୟପକ୍ଷରେ, ଅଭିଯୋଗକାରୀଙ୍କ ଓକିଲ ରାହୁଲ ମନ୍ତବ୍ୟ ଦେଇଥିବା ସ୍ୱୀକାର କରିଥିବାରୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ଯୁକ୍ତି ବାଢ଼ିଥିଲେ । ୨୦୨୪ ଫେବ୍ରୁଆରିରେ ରାହୁଲ ଅଦାଲତରେ ଆତ୍ମସମର୍ପଣ କରିବା ପରେ ଜାମିନ ପାଇଥିଲେ । ସେହି ବର୍ଷ ଜୁଲାଇରେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା । ମାମଲାରେ ତାଙ୍କ କଣ୍ଠସ୍ୱର ନମୁନା ମେଳ କରିବା ପାଇଁ ୨୦୨୬ ମାର୍ଚ୍ଚରେ ଆବେଦନ ହୋଇଥିଲା । ତେବେ ମେ ମାସରେ ତଳ ଅଦାଲତ ଏହାକୁ ଖାରଜ କରିଥିଲେ । ପରବର୍ତୀ ସମୟରେ ଜିଲ୍ଲା ଅଦାଲତ ଓ ଆହ୍ଲାବାଦ ହାଇକୋର୍ଟରେ ଏହାକୁ ନେଇ ହୋଇଥିବା ଆବେଦନ ମଧ୍ୟ ଖାରଜ ହୋଇଥିଲା । ଅକ୍ଟୋବର ୬ରୁ ମାମଲାର ଶେଷ ଶୁଣାଣି ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହୋଇଥିଲା । ଏହା ପରେ ଅଦାଲତ ଆଜି (ଅକ୍ଟୋବର ୨୬ରେ) ରାୟ ଶୁଣାଇବାକୁ ଦିନ ଧାର୍ଯ୍ୟ କରିଥିଲେ ।

ମୋଦୀ-ଜୟଶଙ୍କର-ଥରୁରଙ୍କ ସହ ଇରାନ ପ୍ରତିନିଧିଙ୍କ ସାକ୍ଷାତ୍

ନୂଆଦିଲ୍ଲୀ, ୨୬/୧୦ (ନ୍ୟୁ.ଏ): ସୋମବାର ଭାରତର କୂଟନୈତିକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଚିତ୍ର ସାମ୍ନାକୁ ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ କଂଗ୍ରେସ ସାଂସଦ ଶଶି ଥରୁର ଇରାନର ସଂସଦୀୟ ପ୍ରତିନିଧିମଣ୍ଡଳକୁ ଭେଟିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ୧୨ତମ ବ୍ରିକ୍ସ ସଂସଦୀୟ ମଂଚ ଅବସରରେ ଏହି ସାକ୍ଷାତ୍‌କାର ହୋଇଛି । ଭାରତରେ ଥିବା ଇରାନ ଦୂତାବାସ ସୋସିଆଲ ମିଡିଆରେ ଏହି ସାକ୍ଷାତ୍‌କାରର ଫଟୋ ସେୟାର କରିଛି । ଏହି ସାକ୍ଷାତ୍‌କାରର ବିଶେଷତ୍ୱ ହେଉଛି, ଏଥିରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ପ୍ରତିନିଧିଙ୍କ ସହ ବିରୋଧୀ ଦଳର ବରିଷ୍ଠ ସାଂସଦ ଶଶି ଥରୁର ମଧ୍ୟ ସାମିଲ ହୋଇଥିଲେ । ବର୍ତମାନ ପଶ୍ଚିମ ଏସିଆରେ ଉତେଜନା ଜାରି ରହିଥିବାବେଳେ ଭାରତ ଓ ଇରାନର ପ୍ରତିନିଧିଙ୍କ ମଧ୍ୟରେ ଏହି ଯୋଗାଯୋଗକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଦେଖାଯାଉଛି । ତେବେ ଏହି ସାକ୍ଷାତ୍‌କାର ସମ୍ପର୍କରେ ଇରାନ ଦୂତାବାସ ପକ୍ଷରୁ କୌଣସି ନୂଆ ଚୁକ୍ତି କିମ୍ବା ବିଶେଷ ଘୋଷଣା ସମ୍ପର୍କରେ ସୂଚନା ଦିଆଯାଇନାହିଁ । ଭାରତର ଆୟୋଜନରେ ଅକ୍ଟୋବର ୨୬ ଓ ୨୭ ତାରିଖରେ ନୂଆଦିଲ୍ଲୀସ୍ଥିତ ସମ୍ବିଧାନ ସଦନର ସେଂଟ୍ରାଲ ହଲ୍‌ରେ ୧୨ତମ ବ୍ରିକ୍ସ ସଂସଦୀୟ ମଂଚ ଅନୁଷ୍ଠିତ ହେଉଛି । ଏହି ମଂଚର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଉଥିବା ସଂସଦୀୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା । ଏହି ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ସଂସଦୀୟ ପ୍ରତିନିଧିମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି । ସଂସଦର କାର୍ଯ୍ୟପ୍ରଣାଳୀକୁ ମଜବୁତ କରିବା, କୃତ୍ରିମ ବୁଦ୍ଧିମତା ବା ଏଆଇ ଏବଂ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟବହାର, ବିଶ୍ୱ ଶାସନ ବ୍ୟବସ୍ଥାରେ ସଂସ୍କାର, ସ୍ଥାୟୀ ବିକାଶ ଏବଂ ବିଭିନ୍ନ ଦେଶର ସଂସଦ ମଧ୍ୟରେ ସହଯୋଗ ବୃଦ୍ଧି ଭଳି ବିଷୟ ଏହି ମଂଚର ମୁଖ୍ୟ ଆଲୋଚନାର ଅଂଶ ରହିଛି । ଅନ୍ୟପଟେ, ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକେର ଗାଲିବାଫ ମଧ୍ୟ ଏହି ବୈଠକରେ ଯୋଗଦେବାର ଥିଲା । କିନ୍ତୁ କିଛି ଅପ୍ରତ୍ୟାଶିତ ପରିସ୍ଥିତି ଯୋଗୁଁ ତାଙ୍କର ଭାରତ ଗସ୍ତ ବାତିଲ ହୋଇଥିଲା । ତଥାପି ଇରାନ ପକ୍ଷରୁ ଏକ ସଂସଦୀୟ ପ୍ରତିନିଧିମଣ୍ଡଳ ଭାରତ ଆସିଛି । ଏହି ପ୍ରତିନିଧିମଣ୍ଡଳରେ ଅହମ୍ମଦ ନାଦେରୀ, ଆବାସ ମୋକତଦାଇ ଏବଂ ଅଲି ହାଦାଦୀ ସାମିଲ ଅଛନ୍ତି । ସେହିପରି ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ସୋମବାର ଇରାନର ସଂସଦୀୟ ପ୍ରତିନିଧିମଣ୍ଡଳକୁ ଭେଟିଛନ୍ତି । ବ୍ରିକ୍ସ ସଂସଦୀୟ ମଂଚର ଉଦ୍‌ଘାଟନୀ ଅଧିବେଶନରେ ସେ ବିଭିନ୍ନ ଦେଶ ମଧ୍ୟରେ ନିରନ୍ତର ଆଲୋଚନା, ପାରସ୍ପରିକ ସମ୍ମାନ ଓ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଂସଦୀୟ ସ୍ତରରେ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ଏବଂ ସାଧାରଣ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକରେ ମିଳିତ ଭାବେ କାମ କରିବାର ସମ୍ଭାବନା ଖୋଜିବା ।

ଟ୍ରମ୍ପଙ୍କ ନିଷ୍ପତିକୁ ଅପେକ୍ଷା: ଇରାନ ଉପରେ ବଡ଼ ଆକ୍ରମଣ ପାଇଁ ଆମେରିକାର ପ୍ରସ୍ତୁତି

ୱାସିଂଟନ: ଇରାନ ଉପରେ ପୁଣି ବଡ଼ ଧରଣର ସାମରିକ ଆକ୍ରମଣ ପାଇଁ ଆମେରିକା ପ୍ରସ୍ତୁତି ଚଳାଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଲେ ୯୬ ଘଂଟା ମଧ୍ୟରେ ନୂଆ ସାମରିକ ଅଭିଯାନ ଆରମ୍ଭ କରିବାକୁ ମଧ୍ୟପ୍ରାଚ୍ୟରେ ମୁତୟନ ଆମେରିକୀୟ ସେନା ପ୍ରସ୍ତୁତ ରହିଥିବା ଦୁଇ ଜଣ ଆମେରିକୀୟ ଅଧିକାରୀ ସିଏନ୍‌ଏନ୍‌କୁ କହିଛନ୍ତି । ତେବେ ଆକ୍ରମଣ ନେଇ ଟ୍ରମ୍ପ ଏଯାଏଁ ଚୂଡ଼ାନ୍ତ ନିଷ୍ପତି ନେଇନାହାନ୍ତି । ଆମେରିକାର ମଧ୍ୟବର୍ତିକାଳୀନ ନିର୍ବାଚନ ପରେ ଏଭଳି ପଦକ୍ଷେପ ନିଆଯିବାର ସମ୍ଭାବନା ଅଧିକ ବୋଲି ରିପୋର୍ଟରେ କୁହାଯାଇଛି । ଆମେରିକାର ସାମରିକ ଯୋଜନାରେ ଇରାନର ଶକ୍ତି ଭିତିଭୂମି, ସାମରିକ ଘାଟି ଓ ଆଣବିକ କାର୍ଯ୍ୟକ୍ରମ ସହ ଜଡ଼ିତ ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରିବାର ବିକଳ୍ପ ରହିଛି । ପୂର୍ବରୁ ଇରାନ ଉପରେ ଆକ୍ରମଣ ବନ୍ଦ କରିବା ପରେ ଆମେରିକା ମୁଖ୍ୟତଃ ରାଡାର, କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ବ୍ୟବସ୍ଥା ଓ ଅନ୍ୟ ସାମରିକ ସମ୍ପତିକୁ ଟାର୍ଗେଟ୍ କରିବାର ବିକଳ୍ପ ଉପରେ ବିଚାର କରୁଥିଲା । କିନ୍ତୁ ଏଥର ବ୍ୟାପକ ଅଭିଯାନ ପାଇଁ ଯୋଜନା କରାଯାଉଥିବା ଅଧିକାରୀମାନେ କହିଛନ୍ତି । ପେଂଟାଗନ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ସାମରିକ ଯୋଜନା ପ୍ରସ୍ତୁତ କରିବା ପ୍ରତିରକ୍ଷା ବିଭାଗର ଦାୟିତ୍ୱ । ହ୍ୱାଇଟ୍ ହାଉସ୍ ଏ ସମ୍ପର୍କରେ ମନ୍ତବ୍ୟ ଦେବାକୁ ମନା କରିଛି । ଆମେରିକାର ଗୁଇନ୍ଦା ଆକଳନ ଅନୁଯାୟୀ, ପୁଣି ଆକ୍ରମଣ ହେଲେ ଇରାନ ଓ ହୁତି ବିଦ୍ରୋହୀମାନେ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ କର୍ମଚାରୀ ଓ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରି ପ୍ରତିଶୋଧ ନେଇପାରନ୍ତି । ଏହି ଆଶଙ୍କା ଯୋଗୁଁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ଦୂତାବାସଗୁଡ଼ିକରୁ କର୍ମଚାରୀଙ୍କ ସଂଖ୍ୟା କମାଇବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । ଏପଟେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନ ଉପରେ ନୂଆ ଆକ୍ରମଣ ପାଇଁ ଆମେରିକାର ସମର୍ଥନ ଲୋଡ଼ୁଥିବା ରିପୋର୍ଟରେ କୁହାଯାଇଛି । ତେବେ ଟ୍ରମ୍ପ ପ୍ରଶାସନ ତୁରନ୍ତ ମିଳିତ ଆକ୍ରମଣ ପାଇଁ ସବୁଜ ସଙ୍କେତ ଦେଇନାହିଁ । ଅନ୍ୟପକ୍ଷରେ, ଇରାନ ସହ କୂଟନୈତିକ ସମାଧାନର ସମ୍ଭାବନା ଏଯାଏଁ ସମ୍ପୂର୍ଣ୍ଣ ଶେଷ ହୋଇନାହିଁ ।

ଜନକଲ୍ୟାଣମୂଳକ ବିକାଶ ପାଇଁ ସଂସଦଗୁଡ଼ିକୁ ସଶକ୍ତ କରିବାକୁ ଓମ୍ ବିର୍ଲାଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୨୬/୧୦ (ନ୍ୟୁ.ଏ): ଜନକଲ୍ୟାଣମୂଳକ ବିକାଶ, ବିଶ୍ୱଶାନ୍ତି, ସ୍ଥାୟୀ ବିକାଶ ଓ ଅନ୍ତର୍ଜାତୀୟ ସହଯୋଗକୁ ଆଗକୁ ବଢ଼ାଇବା ପାଇଁ ବ୍ରିକ୍ସ ଦେଶଗୁଡ଼ିକର ସଂସଦକୁ ଅଧିକ ସଶକ୍ତ କରିବା ଉପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗୁରୁତ୍ୱ ଦେଇଛନ୍ତି । ସୋମବାର ନୂଆଦିଲ୍ଲୀର ସଂସଦ ଭବନ ପରିସରରେ ଥିବା ଐତିହାସିକ ସମ୍ବିଧାନ ସଦନରେ ୧୨ଶ ବ୍ରିକ୍ସ ସଂସଦୀୟ ଫୋରମ୍-୨୦୨୬ର ଉଦ୍‌ଘାଟନ କରି ସେ ଏହି ଆହ୍ୱାନ ଦେଇଛନ୍ତି । ବ୍ରିକ୍ସର ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ସଂସଦୀୟ ପ୍ରତିନିଧିମାନେ ଏଥିରେ ଯୋଗ ଦେଇଛନ୍ତି । ବିର୍ଲା କହିଛନ୍ତି, ବିଭିନ୍ନ ଦେଶର ଭୌଗୋଳିକ, ସାଂସ୍କୃତିକ, ଭାଷାଗତ ଓ ସାମାଜିକ ପାର୍ଥକ୍ୟ ସତ୍ତ୍ୱେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମାନବତା ପ୍ରତି ଦାୟିତ୍ୱ ସେମାନଙ୍କୁ ଏକାଠି କରିଛି । ସଂସଦୀୟ ଆଲୋଚନା ଓ ସହଯୋଗ ମାଧ୍ୟମରେ ଦେଶଗୁଡ଼ିକ ମଧ୍ୟରେ ପାରସ୍ପରିକ ବିଶ୍ୱାସ ବଢ଼ାଇବା ସହ ବିଶ୍ୱର ସାଧାରଣ ସମସ୍ୟାଗୁଡ଼ିକର ସମାଧାନ ଖୋଜାଯାଇପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ରାଷ୍ଟ୍ରମୁଖ୍ୟ ଓ ସରକାରମୁଖ୍ୟଙ୍କ ଶିଖର ସମ୍ମିଳନୀରେ ସର୍ବସମ୍ମତିକ୍ରମେ ମିଳିତ ବିବୃତି ଗୃହୀତ ହୋଇଥିବାରୁ ବିର୍ଲା ସଦସ୍ୟ ଦେଶଗୁଡ଼ିକୁ ପ୍ରଶଂସା କରିଥିଲେ । ଏହି ବିବୃତିରେ ଥିବା ପ୍ରତିଶ୍ରୁତିଗୁଡ଼ିକୁ ବାସ୍ତବ କାର୍ଯ୍ୟରେ ପରିଣତ କରିବା ଏବେ ମୁଖ୍ୟ ଆହ୍ୱାନ ବୋଲି ସେ କହିଥିଲେ । ଆଇନ ପ୍ରଣୟନ, ବଜେଟ୍ ଆଲୋଚନା ଓ ସରକାରଙ୍କ କାର୍ଯ୍ୟର ତଦାରଖ ମାଧ୍ୟମରେ ସଂସଦଗୁଡ଼ିକ ଏହି ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ । ଚଳିତ ଫୋରମ୍‌ର ବିଷୟବସ୍ତୁ ହେଉଛି 'ଜନକଲ୍ୟାଣମୂଳକ ବିକାଶ ପାଇଁ ସଂସଦଗୁଡ଼ିକୁ ସୁଦୃଢ଼ କରିବା' । ଦୁଇଦିନିଆ ଏହି ଫୋରମ୍‌ରେ ସହନଶୀଳତା, ନବସୃଜନ, ସହଯୋଗ ଓ ସ୍ଥାୟୀ ବିକାଶ ଭଳି ଚାରିଟି ପ୍ରମୁଖ ବିଷୟ ଉପରେ ଆଲୋଚନା ହେବ । ଯୁଦ୍ଧ, ଆଂଚଳିକ ସଂଘର୍ଷ, ଅର୍ଥନୈତିକ ଅସ୍ଥିରତା, ବାଣିଜ୍ୟିକ ଉତେଜନା, ଆତଙ୍କବାଦ ଓ ଜଳବାୟୁ ପରିବର୍ତନ ଭଳି ଆହ୍ୱାନର ମୁକାବିଲା ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି ବିର୍ଲା କହିଛନ୍ତି । ବିକାଶ ସହ ପରିବେଶ ସୁରକ୍ଷାକୁ ସମାନ ଗୁରୁତ୍ୱ ଦେବା ଏବଂ ଯୁବପିଢ଼ିଙ୍କ ପ୍ରତିଭାକୁ ରାଷ୍ଟ୍ର ଗଠନରେ ବିନିଯୋଗ କରିବା ଉପରେ ମଧ୍ୟ ସେ ଜୋର ଦେଇଥିଲେ । ଏହି ଅବସରରେ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ଲୋକସଭାର ମହାସଚିବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das